# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୩/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, August 13/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୨୫୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 259 | ମୂଲ୍ୟ ₹୭/-





## ସଂକ୍ଷେପରେ

### ବେଲୋଚ ଗୋଷ୍ଠୀକୁ ଆତଙ୍କବାଦୀ ସଂଗଠନ ଘୋଷଣା କଲା ଆମେରିକା

ୱାଶିଂଟନ୍,୧୨।୮

ପାକିସ୍ତାନର ବିଚ୍ଛିନ୍ନତାବାଦୀ ବେଲୋଚ ଲିବରେଶନ ଆର୍ମି (ବିଏଲ୍ଏ) ଏବଂ ଏହାର ଶାଖା ମଜିଦ ବ୍ରିଗେଡ୍‌କୁ ଆମେରିକା ପରରାଷ୍ଟ୍ର ବିଭାଗ ବିଦେଶୀ ଆତଙ୍କବାଦୀ ସଂଗଠନ ଘୋଷଣା କରିଛି। ୨୦୧୯ରୁ ବିଏଲ୍ଏକୁ ସ୍ୱତନ୍ତ୍ର ଭାବେ ନାମିତ ବୈଶ୍ୱିକ ଆତଙ୍କବାଦୀ (ଏସ୍‌ଡିଜିଟି)ବର୍ଗରେ ସାମିଲ କରାଯାଇଥିଲା। ଏବେ ପାକ୍ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସିମ ମୁନିର ଆମେରିକା ଗସ୍ତରେ ଥିବାବେଳେ ବିଏଲ୍ଏକୁ ଆତଙ୍କବାଦୀ ସଂଗଠନ ଘୋଷଣା କରାଯାଇଛି। ଦୁଇ ଦେଶ ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ହୋଇଛି, ଯାହା ଫଳରେ ବେଲୁଚିସ୍ତାନର ତୈଳ ଭଣ୍ଡାରରେ ଆମେରିକୀୟ କମ୍ପାନୀକୁ ପ୍ରବେଶ ଅନୁମତି ମିଳିପାରିବ। ଦୀର୍ଘ ଦଶନ୍ଧି ଧରି ବିଏଲ୍ଏ ବେଲୁଚିସ୍ତାନ ସ୍ୱତନ୍ତ୍ର ରାଷ୍ଟ୍ର ଗଠନ ଆନ୍ଦୋଳନର ପ୍ରମୁଖ ସଂଗଠନ ରହିଆସିଥିଲା।

### ଦିଲ୍ଲୀ-ଏନ୍‌ସିଆର୍‌ର ପୁରୁଣା ଗାଡ଼ି ମାଲିକଙ୍କୁ ସୁପ୍ରିମକୋର୍ଟଙ୍କ ଆଶ୍ୱସ୍ତି

ନୂଆଦିଲ୍ଲୀ, ୧୨।୮

ଦିଲ୍ଲୀ-ଏନ୍‌ସିଆର୍‌ରେ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡ଼ିର ମାଲିକଙ୍କୁ ମଙ୍ଗଳବାର ସର୍ବୋଚ୍ଚ ଅଦାଲତ ଆଶ୍ୱସ୍ତି ପ୍ରଦାନ କରିଛନ୍ତି। ପୁରୁଣା ଗଡ଼ିର ମାଲିକଙ୍କ ବିରୋଧରେ କୌଣସି ଜୋର ଜବରଦସ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ବାୟୁ ପ୍ରଦୂଷଣ ରୋକିବାକୁ ଦିଲ୍ଲୀ-ଏନ୍‌ସିଆର୍‌ରେ ୧୦ ବର୍ଷ ପୁରୁଣା ଡିଜେଲ ଏବଂ ୧୫ ବର୍ଷ ପୁରୁଣା ପେଟ୍ରୋଲ ଗାଡ଼ି ଚଳାଚଳକୁ ନିଷେଧ କରିବା ପାଇଁ ଦିଲ୍ଲୀ ସରକାରଙ୍କ ପୁନର୍ବିଚାର ଆବେଦନର ଶୁଣାଣି ବେଳେ ସିଜେଆଇ ବି.ଆର୍. ଗବଇ, ଜଷ୍ଟିସ୍ ବିନୋଦ କେ ଚନ୍ଦ୍ରନ୍ ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ୪ ସପ୍ତାହ ପରେ ପରବର୍ତ୍ତୀ ଶୁଣାଣି ହେବ। ସେପର୍ଯ୍ୟନ୍ତ ଦିଲ୍ଲୀ-ଏନ୍‌ସିଆର୍‌ର ପୁରୁଣା ଗାଡ଼ି ମାଲିକଙ୍କୁ ଆଶ୍ୱସ୍ତି ମିଳିଛି।

### ସିବିଏସ୍‌ଇ ପାଠ୍ୟକ୍ରମରେ ସାମିଲ ହେବ ନୂଆ ଆପରାଧିକ ଆଇନ

ନୂଆଦିଲ୍ଲୀ,୧୨।୮(ପି.ଟି.)

ଆଗାମୀ ୨୦୨୬-୨୭ ଶିକ୍ଷାବର୍ଷରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ଆଇନଗତ ଅଧ୍ୟୟନ ପାଠ୍ୟକ୍ରମରେ ସମ୍ବିଧାନର ଧାରା ୩୭୭ ଏବଂ ତିନି ତଲାକ ଆଇନ ରଦ୍ଦ ସମେତ ନୂଆ ଆପରାଧିକ ଆଇନ ସାମିଲ ହେବ। ସିବିଏସ୍‌ଇର କରିକୁଲମ୍ କମିଟି ଏହି ନିଷ୍ପତ୍ତିକୁ ଅନୁମୋଦନ କରିଥିବାବେଳେ ଗଭର୍ଣ୍ଣିଂ ବଡ଼ି ମଞ୍ଜୁରୀ ପ୍ରଦାନ କରିଛି। ଉପନିବେଶୀୟ ଯୁଗର ପୁରୁଣା ଆପରାଧିକ ଆଇନ ବଦଳରେ ଅଣାଯାଇଥିବା ନୂଆ ଆଇନ ସମ୍ପର୍କରେ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ର ପଢ଼ିବେ।



ଭୋଟ ଚୋରି ଏବଂ ବିହାରରେ ଏସ୍ଆଇଆର୍ ପ୍ରସଙ୍ଗକୁ ନେଇ ମଙ୍ଗଳବାର ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସଠାରେ କଂଗ୍ରେସ ଏମ୍ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ନେତୃତ୍ୱରେ ଇଣ୍ଡିଆ ବ୍ଲକ୍‌ର ଏମ୍ପିମାନେ ଟି-ଶାର୍ଟ ପିନ୍ଧି ପ୍ରତିବାଦ କରୁଛନ୍ତି।

# ପିକ୍ଚର ବାକି ଅଛି: ରାହୁଲ

**ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନଙ୍କ ଏସ୍ଆଇଆର୍ କେବଳ ରାଜ୍ୟରେ ନୁହେଁ ବରଂ ପୂରା ଦେଶରେ ବିତର୍କ ସୃଷ୍ଟି କରିଛି। ଭୋଟର ତାଲିକା ସଂଶୋଧନ ଉଦ୍ଦେଶ୍ୟରେ ଆୟୋଗଙ୍କ ଏହି ଅଭିଯାନକୁ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ସମାଲୋଚନା କରୁଛନ୍ତି। ନାଗରିକଙ୍କ ମତଦାନ ଅଧିକାରକୁ ଛଡ଼ାଇନେବା ପାଇଁ ଏହି ଅଭିଯାନ ଉଦ୍ଦିଷ୍ଟ ବୋଲି ସେମାନେ କହୁଛନ୍ତି। ତେବେ କେବଳ ଏସ୍ଆଇଆର୍ ନୁହେଁ, ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ଭାଜପାକୁ ଜିତାଇବା ପାଇଁ କମିଶନ ଭୋଟ ଚୋରି କରୁଥିଲେ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ ଆଣି ପ୍ରମାଣ ଦେଖାଇଥିଲେ। ଏନେଇ ଇସି ତାଙ୍କୁ ସ୍ୱାକ୍ଷର ସମ୍ବନ୍ଧିତ ସତ୍ୟପାଠ ମାଗିଥିବାବେଳେ ରାହୁଲ ତାହା ଦାଖଲ କରିନାହାନ୍ତି। ଏସ୍ଆଇଆର୍ ଏବଂ ଭୋଟ ଚୋରି ଅଭିଯୋଗକୁ ନେଇ ସଂସଦରେ ଅଚଳାବସ୍ଥା ଜାରି ରହିଥିବାବେଳେ ନିର୍ବାଚନ କମିଶନ 'ଜଣେ ବ୍ୟକ୍ତି ଏକ ଭୋଟ' ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବା ପାଇଁ ନିଜ ଦାୟିତ୍ୱକୁ ସୁଚାରୁରୂପେ ତୁଲାଉନାହାନ୍ତି ବୋଲି ମଙ୍ଗଳବାର ରାହୁଲ କହିଛନ୍ତି। ସେ କହିଛନ୍ତି, ଏବେ ପିକ୍ଚର ବାକି ଅଛି। ସୋମବାର ବିରୋଧୀ ନେତାମାନେ ନିର୍ବାଚନ ସଦନକୁ ବିକ୍ଷୋଭ ଶୋଭାଯାତ୍ରା କରିବା ଭଳି ଆଗକୁ ଅନେକ ଦୃଶ୍ୟ ଦେଖିବାକୁ ମିଳିପାରେ ବୋଲି ଅନୁମାନ କରାଯାଉଛି।**

ନୂଆଦିଲ୍ଲୀ, ୧୨।୮ (ପି.ଟି.)

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ମଙ୍ଗଳବାର ପୁଣିଥରେ ନିର୍ବାଚନ କମିଶନ (ଇସି)ଙ୍କୁ ଟାର୍ଗେଟ କରିଛନ୍ତି। 'ଜଣେ ବ୍ୟକ୍ତି ଏକ ଭୋଟ' ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବା ପାଇଁ ଇସି ନିଜ କର୍ତ୍ତବ୍ୟକୁ ନିଭାଉନାହାନ୍ତି ବୋଲି ରାହୁଲ କହିଛନ୍ତି। ଭୋଟର ତାଲିକାରେ ଅନିୟମିତତା ନେଇ ନିଜ ଦାବିକୁ ରାହୁଲ ପୁଣିଥରେ ଦୋହରାଇ କହିଛନ୍ତି, ପିକ୍ଚର ଏବେ ବାକି ଅଛି। ସମ୍ବିଧାନକୁ ରକ୍ଷା କରିବା ପାଇଁ ତାଙ୍କ ଦଳ ସର୍ବଦା ପ୍ରୟାସ କରିବ।

ସଂସଦ ଭବନ ପରିସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରି ରାହୁଲ କହିଛନ୍ତି, ଭୋଟ ଚୋରି କେବଳ ଗୋଟିଏ ସିଟ୍‌ରେ ହୋଇନାହିଁ। ଅନେକ ସିଟ୍‌ରେ ଏପରି ମାମଲା ଦେଖିବାକୁ ମିଳିଛି। ଜାତୀୟ ସ୍ତରରେ ଏକ ବ୍ୟବସ୍ଥିତ ଢଙ୍ଗରେ ଭୋଟ ଚୋରି



ରାହୁଲ ଗାନ୍ଧୀ

କରାଯାଉଛି। ଏନେଇ ଇସି ଭଲ ଭାବେ ଅବଗତ ଥିବା ସେ କହିଛନ୍ତି। ପୂର୍ବ ଇସି କହୁଥିଲେ, ପ୍ରମାଣ ଦିଅ। ଏବେ ପ୍ରମାଣ ଦିଆଯାଇଛି। ତଥାପି ଇସିଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। 'ଜଣେ ବ୍ୟକ୍ତି ଏକ ଭୋଟ' ସିଦ୍ଧାନ୍ତ ହେଉଛି ସମ୍ବିଧାନର ମୂଳଦୁଆ। ଏହାକୁ କାର୍ଯ୍ୟକାରୀ କରିବା ହେଉଛି ଇସିଙ୍କ ପ୍ରମୁଖ କର୍ତ୍ତବ୍ୟ। ଇସି ଉକ୍ତ କର୍ତ୍ତବ୍ୟକୁ ନିଭାଉ ନାହାନ୍ତି। ବିହାରର ଭୋଟର ତାଲିକାରେ ୧୨୪ ବର୍ଷୀୟା ମିନ୍ତା ଦେବୀଙ୍କ ନାଁ ଥିବା ନେଇ ପଚରାଯିବାରୁ ରାହୁଲ କହିଛନ୍ତି, ଏହା ଏକମାତ୍ର ମାମଲା ନୁହେଁ, ଏପରି ଅନେକ ମାମଲା ରହିଛି।

ଅନ୍ୟପକ୍ଷେ, ବିହାରରେ ଏସ୍ଆଇଆର୍ ଏବଂ ଭୋଟ ଚୋରି ପ୍ରସଙ୍ଗକୁ ନେଇ ମଙ୍ଗଳବାର ମଧ୍ୟ ସଂସଦର ଉଭୟ ଗୃହରେ ଅଚଳାବସ୍ଥା ଦେଖାଦେଇଛି। ଉଭୟ ପ୍ରସଙ୍ଗକୁ ନେଇ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ଅନେକ ଏମ୍ପି ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସଠାରେ ପ୍ରତିବାଦ କରିଛନ୍ତି। ଏହି ଅବସରରେ ଏମ୍ପିମାନେ ଧଳାରଙ୍ଗର ଟି-ଶାର୍ଟ ପିନ୍ଧିଥିଲେ। ଉକ୍ତ ଶାର୍ଟରେ ବିହାର ଭୋଟର ତାଲିକାରେ ଥିବା ୧୨୪ ବର୍ଷୀୟା ମିନ୍ତା ଦେବୀଙ୍କର ନାମ ରହିଥିଲା। 'ଆମ ଭୋଟ ଆମ ଅଧିକାର ଆମ ଲଢ଼େଇ' ଲେଖାଥିବା ବ୍ୟାନର ସହ ଇଣ୍ଡିଆ ବ୍ଲକ୍‌ର ଏମ୍ପିମାନେ ଇସି ଏବଂ କେନ୍ଦ୍ର ସରକାର ବିରୋଧୀ ସ୍ଲୋଗାନ୍ ଦେଇ ପ୍ରତିବାଦ କରିଥିଲେ। ତେବେ ସଂସଦରେ ଜାରି ରହିଥିବା ଅଚଳାବସ୍ଥା ପାଇଁ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ କେନ୍ଦ୍ର ସରକାରଙ୍କୁ ଦାୟୀ କରିଛି। ବିହାର ଭୋଟର ତାଲିକାରେ ଏସ୍ଆଇଆର୍‌କୁ ନେଇ ଆଲୋଚନା ପାଇଁ ମୋଦି ସରକାର ପ୍ରସ୍ତୁତ ନୁହନ୍ତି। କେନ୍ଦ୍ରର ଏହି ଜିଦ୍ ଯୋଗୁ ସଂସଦର ଉଭୟ ଗୃହ ବାରମ୍ବାର ମୁଲତବୀ ହେଉଛି ବୋଲି କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି।

## ୩ ଜଣିଆ ତଦନ୍ତ କମିଟି ଘୋଷଣା କଲେ ବାଚସ୍ପତି

### ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ

ନୂଆଦିଲ୍ଲୀ,୧୨।୮

ସରକାରୀ ବାସଭବନରୁ ବିପୁଳ ଟଙ୍କା ମିଳିବା ଘଟଣାରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିଥିବାବେଳେ ଅଭିଯୋଗର ପ୍ରମାଣ ପାଇଁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ମଙ୍ଗଳବାର ୩ ଜଣିଆ ତଦନ୍ତ କମିଟି ଗଠନ କରିଛନ୍ତି। କମିଟିରେ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ଅରବିନ୍ଦ କୁମାର, ମାଡ୍ରାସ୍ ହାଇକୋର୍ଟର ମୁଖ୍ୟ ବିଚାରପତି ମନୀନ୍ଦ୍ର ମୋହନ ଶ୍ରୀବାସ୍ତବ ଏବଂ କର୍ଣ୍ଣାଟକ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବି. ବାସୁଦେବ ଆଚାର୍ଯ୍ୟ ରହିଛନ୍ତି। ଯଥାଶୀଘ୍ର ସମ୍ଭବ କମିଟି ଏହାର ରିପୋର୍ଟ ଦାଖଲ କରିବ। ତଦନ୍ତ କମିଟି ରିପୋର୍ଟ ଆସିବା ପର୍ଯ୍ୟନ୍ତ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଅଟକି ରହିବ ବୋଲି ବିର୍ଲା କହିଛନ୍ତି।

ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ସରକାର ପୂର୍ବରୁ ମହାଭିଯୋଗ ପ୍ରସ୍ତାବର ପ୍ରକ୍ରିୟା ଆରମ୍ଭ କରିଥିଲେ। ଜଷ୍ଟିସ୍ ବର୍ମାଙ୍କ ବହିଷ୍କାର ପାଇଁ ଲୋକ ସଭାର ୧୪୫ ଜଣ ଏବଂ ରାଜ୍ୟ ସଭାର ୬୩ ଜଣ ସଦସ୍ୟ ସମ୍ପୃକ୍ତ ଗୃହର ପ୍ରିଜାଇଡିଂ ଅଫିସରମାନଙ୍କୁ ନୋଟିସ ଦେଇଥିଲେ। ନୋଟିସ୍‌ରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ଭାଜପା ଏମ୍ପି ରବିଶଙ୍କର ପ୍ରସାଦ, ଅନୁରାଗ ଠାକୁର, ଏନ୍‌ସିପିର ସୁପ୍ରିୟା ସୁଲେ ପ୍ରମୁଖ ସ୍ୱାକ୍ଷର କରିଥିଲେ। ସମ୍ବିଧାନର ଅନୁଚ୍ଛେଦ ୧୨୪, ୨୧୭ ଏବଂ ୨୧୮ ଅନୁଯାୟୀ ଲୋକ ସଭା ବାଚସ୍ପତିଙ୍କ ନିକଟରେ ନୋଟିସ ଦାଖଲ କରାଯାଇଥିଲା। ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ବିରୋଧୀ ସମର୍ଥିତ ନୋଟିସ ଗ୍ରହଣ କରିବା ତାଙ୍କ ହଠାତ୍ ଇସ୍ତଫା ପଛର ଅନ୍ୟତମ କାରଣ ବୋଲି କୁହାଯାଏ।

## ରିଲାଏନ୍ସର ଜାମନଗର ରିଫାଇନାରି ଉପରେ ଆକ୍ରମଣ ପାଇଁ ମୁନିରଙ୍କ ଧମକ

ୱାଶିଂଟନ୍,୧୨।୮

ପାକିସ୍ତାନୀ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସିମ୍ ମୁନିର ୨ ଦିନ ପୂର୍ବରୁ ଆମେରିକା ମାଟିରୁ ଭାରତକୁ ପରମାଣୁ ଆକ୍ରମଣର ଧମକ ଦେଇଥିବାବେଳେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଏହାର କଡ଼ା ଜବାବ ଦେଇଥିଲା। ଆମେରିକାରେ ମୁନିର ଭାରତ ବିରୋଧରେ ଉତ୍ତେଜନାପୂର୍ଣ୍ଣ ଏବଂ ଆକ୍ରମଣାତ୍ମକ ଭାଷଣ ଦେବା ଅବସରରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଗୁଜରାଟ ଜାମନଗରସ୍ଥିତ ରିଫାଇନାରି ଉପରେ ଆକ୍ରମଣ କରିବାକୁ ସଙ୍କେତ ଦେଇଛନ୍ତି। ପାକିସ୍ତାନର କୌଣସି ସାମରିକ ମୁଖ୍ୟ ଭାରତର ଗୁରୁତ୍ୱପୂର୍ଣ୍ଣ ତୈଳ ଭିତ୍ତିଭୂମି ଉପରେ ଆକ୍ରମଣ କରିବାକୁ ଚାହିଁବା ଏହା ପ୍ରଥମ ଘଟଣା। ଫ୍ଲୋରିଡାର ଟାମ୍ପାଠାରେ ଏକ ଘରୋଇ ନୈଶଭୋଜି ସମାବେଶରେ ଉଦ୍‌ବୋଧନ ଦେଇ ମୁନିର ଏକ ସୋସିଆଲ ମିଡିଆ ପୋଷ୍ଟର ଅବତାରଣା କରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କୁ ଟାର୍ଗେଟ କରିଥିଲେ। ଅମ୍ବାନୀ ଭାରତର ଆର୍ଥିକ ସାମର୍ଥ୍ୟ ଓ ବୈଶ୍ୱିକ ସ୍ଥିତି ସହ ଯୋଡ଼ି ହୋଇଥିବାରୁ ମୁନିର ତାଙ୍କ ନାମ ନେଇଥିବା ଜଣାପଡୁଛି।

ପାକିସ୍ତାନର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ-ଜର୍ଦ୍ଦାରୀ ଭାରତର ସିନ୍ଧୁ ନଦୀ ଜଳ ଅଟକାଇବା ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ପାକିସ୍ତାନ ସବୁବେଳେ ଶାନ୍ତି ଚାହିଁ ଆସିଛି। ଯଦି ଭାରତ ଯୁଦ୍ଧ କରିବାକୁ ବାଧ କରେ, ତେବେ ଆମେ ପଛକୁ ହଟିବ ନାହିଁ ବୋଲି ସେ କହିଛନ୍ତି। ସିନ୍ଧୁ ନଦୀ ଜଳ ବନ୍ଦ କଲେ ପାକିସ୍ତାନର ପ୍ରତ୍ୟେକ ପ୍ରଦେଶର ଲୋକେ ଲଢ଼େଇ ପାଇଁ ପ୍ରସ୍ତୁତ ରହିବେ ବୋଲି ବିଲାୱଲ କହିଛନ୍ତି।

## ସୀମାରେ ରେଳପଥ ନିର୍ମାଣ ପାଇଁ ଚାଇନାର ଯୋଜନା

### ଭାରତର ଚିନ୍ତା ବଢ଼ାଇଲା

ନୂଆଦିଲ୍ଲୀ,୧୨।୮

ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟରେ ଚାଇନା ରେଳଲାଇନ୍ ନିର୍ମାଣ ପାଇଁ ଏହାର ୨୦୦୮ର ଯୋଜନାକୁ ପୁନରୁଜ୍ଜୀବିତ କରିଛି। ଏହି ତିବ୍ବତ-ଜିନ୍‌ଜିଆଙ୍ଗ ରେଳଲାଇନ ଦେଇ ଭାରତ ସୀମା ନିକଟକୁ ବେଜିଂ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ଆଦି ପଠାଇବାରେ ସହାୟକ ହେବ। ଚାଇନା ନିୟନ୍ତ୍ରଣରେ ଥିବା ଭାରତୀୟ ଅଞ୍ଚଳ ଅକ୍‌ସାଇ ଚୀନ୍ ଦେଇ ଏହି ରେଳଲାଇନ ନେପାଳ ସୀମା ପର୍ଯ୍ୟନ୍ତ ଯିବ।

୨୦୦୬ରେ ଚାଇନା ପ୍ରଥମ ଥର ପାଇଁ ସମୁଦ୍ର ପତ୍ତନରୁ ୪,୦୦୦ ମିଟର ଉଚ୍ଚରେ ଅବସ୍ଥିତ ଗୋଲମୁଣ୍ଡ-ଲାସା ରେଳଲାଇନ ନିର୍ମାଣ କରି ଯାତ୍ରୀବାହୀ ଟ୍ରେନ୍ ଚଳାଇଥିଲା। ଏହା ପରେ ବେଜିଂ ୨୦୧୪ରେ ଲାସା-ଶିଗାଟ୍‌ସେ ଏବଂ ୨୦୨୧ରେ ଲାସା-ନିଙ୍ଗଚି ରେଳଲାଇନ୍ ନିର୍ମାଣ କରିଥିଲା। ଏବେ ଏହା ବିଶ୍ୱର ଛାତ କୁହାଯାଉଥିବା ତିବ୍ବତ ଦେଇ ରେଲ୍ ନେଟ୍‌ୱର୍କ ବଢ଼ାଇବାକୁ ଯୋଜନା କରିଛି। ଭାରତ ସୀମାକୁ ଲାଗି ଏହି ରେଳଲାଇନ ନୂଆଦିଲ୍ଲୀ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି କୁହାଯାଉଛି। ୫୦ ଦଶକରେ ଯେତେବେଳେ ଚାଇନା ଅକ୍‌ସାଇ ଚୀନ୍ ଦେଇ ଜିନ୍‌ଜିଆଙ୍ଗ-ତିବ୍ବତ ହାଇୱେ ନିର୍ମାଣ ଆରମ୍ଭ କଲା ଏହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେବା ସହ ୧୯୬୨ର ଭାରତ-ଚାଇନା ଯୁଦ୍ଧର ରୂପ ନେଇଥିଲା। ବର୍ତ୍ତମାନର ନୂଆ ରେଳଲାଇନ ଯୋଜନା ଭାରତ ପାଇଁ ଚିନ୍ତାଜନକ ହୋଇଛି। କାରଣ ଏହା ଭାରତର ଅକ୍ସାଇ ଚୀନ୍ ଦେଇ ଯାଉଛି ଏବଂ ଏଲ୍ଏସି ପାଖାପାଖି ନିର୍ମାଣ ହେବାକୁ ଯାଉଛି।

## 'ଦଣ୍ଡାଦେଶ ପୂରଣ କରିଥିବା କଏଦୀଙ୍କୁ ମୁକ୍ତ କର'

ନୂଆଦିଲ୍ଲୀ, ୧୨।୮

ଯେଉଁ କଏଦୀମାନେ ଦଣ୍ଡ ଅବଧି ପୂରଣ କରିସାରିଛନ୍ତି ସେମାନଙ୍କୁ ତୁରନ୍ତ ମୁକ୍ତ କରାଯିବାକୁ ସୁପ୍ରିମକୋର୍ଟ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡାଦେଶ ପୂରଣ କରିସାରିଥିବା କେତେଜଣ କଏଦୀଙ୍କୁ ଜେଲରେ ରହିବାକୁ ପଡୁଥିବା କହି ଜଷ୍ଟିସ୍ ବି.ବି. ନାଗରତ୍ନା ଓ ଜଷ୍ଟିସ୍ କେ.ଭି. ବିଶ୍ୱନାଥନଙ୍କ ଖଣ୍ଡପୀଠ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦଣ୍ଡ ଅବଧି ପୂରଣ କରିଥିବା କଏଦୀ ଅନ୍ୟ ମାମଲାରେ ଦୋଷୀ ନ ଥିଲେ, ତୁରନ୍ତ ସେମାନଙ୍କୁ ମୁକ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଗୃହ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୦୨ର ଚର୍ଚ୍ଚିତ ନୀତୀଶ କଟାରା ହତ୍ୟାକାଣ୍ଡର ଅପରାଧୀ ସୁଖଦେବ ଯାଦବ ଓରଫ ପହଲବାନଙ୍କୁ ଜେଲରୁ ମୁକୁଳାଇବା ପାଇଁ ନିର୍ଦ୍ଦେଶ ଦେବାବେଳେ ସୁପ୍ରିମକୋର୍ଟ ଏହି ଟିପ୍ପଣୀ କରିଛନ୍ତି।



ବିଶ୍ୱ ହାତୀ ଦିବସ ଅବସରରେ ମଙ୍ଗଳବାର ଜୟପୁରର ଆମେର ଦୁର୍ଗଠାରେ ପର୍ଯ୍ୟଟକମାନେ ହାତୀ ସବାରିର ମଜା ନେଉଛନ୍ତି।

## ଫୁର୍‌ସତ୍

### ପୁଅକୁ ଜେଲରୁ ମୁକୁଳାଇବା ପାଇଁ

# ୯୦ ବର୍ଷ ବୟସରେ ଆଇନ ଛାତ୍ରୀ

ବେଜିଂ

ପୂର୍ବ ଚାଇନାର ଝେଜିୟାଙ୍ଗ୍ ପ୍ରଦେଶରେ ଜଣେ ୯୦ ବର୍ଷୀୟା ମହିଳା 'ନୋନାଜେନାରିଆନ ହେ' ସମ୍ପ୍ରତି ଚର୍ଚ୍ଚାରେ ରହିଛନ୍ତି। ଏକ ୧୧୭ ମିଲିୟନ ୟୁଆନ୍ (ପ୍ରାୟ ୧୪୩ କୋଟି ଟଙ୍କା)ର ହାଇପ୍ରୋଫାଇଲ୍ ବ୍ଲାକ୍‌ମେଲ୍ ମାମଲାରେ 'ହେ'ଙ୍କ ପୁଅ ଲିନ୍ (୫୭)ଙ୍କୁ ଅଭିଯୁକ୍ତ କରି ପୋଲିସ ଗିରଫ କରିଛି। ତେଣୁ ପୁଅକୁ ଜେଲରୁ ମୁକୁଳାଇବା ପାଇଁ 'ହେ' ଆଇନ ପାଠ ପଢ଼ିବା ଆରମ୍ଭ କରିଛନ୍ତି। ପୁଅର ଗିରଫଦାରୀ ପରେ ସେ ପ୍ରତିଦିନ କୋର୍ଟକୁ ଯାଇ ଲିନ୍ ଫସିଥିବା ବ୍ଲାକ୍‌ମେଲ୍ ମାମଲା ସହ ଜଡିତ ଡକ୍ୟୁମେଣ୍ଟଗୁଡ଼ିକୁ ପଢ଼ନ୍ତି ଏବଂ ଫୌଜଦାରି ଆଇନ ଉପରେ ଗଭୀର ଅଧ୍ୟୟନ କରନ୍ତି ବୋଲି ସାଉଥ୍ ଚାଇନା ମର୍ନିଂ ପୋଷ୍ଟରେ ଏକ ରିପୋର୍ଟ ପ୍ରକାଶ ପାଇଛି।

ସ୍ଥାନୀୟ ଉଦ୍ୟୋଗପତି ହୁଆଙ୍ଗ୍‌ଙ୍କୁ ବ୍ଲାକ୍‌ମେଲିଂ କରିବା ଅଭିଯୋଗରେ



ନୋନାଜେନାରିଆନ ହେ

୨୦୨୩ ଏପ୍ରିଲରେ ଲିନ୍ ଗିରଫ ହୋଇଥିଲେ। ୨୦୦୯ରେ ଚାଇନାର ସବୁଠାରୁ ୧୦୦ ଧନୀ ବ୍ୟକ୍ତିଙ୍କ ମଧ୍ୟରେ ହୁଆଙ୍ଗ୍‌ଙ୍କ ନାମ ରହିଥିଲା। ଏକ ଗ୍ୟାସ୍ ଉତ୍ପାଦନ ବ୍ୟବସାୟରେ ଲିନ୍‌ଙ୍କ ସହ ହୁଆଙ୍ଗ ଅଂଶୀଦାର ଥିଲେ। ତେବେ ହୁଆଙ୍ଗ୍ ବାରମ୍ବାର ବିଳମ୍ବରେ ପେମେଣ୍ଟ ଦେଉଥିବା ଯୋଗୁ ଲିନ୍‌ଙ୍କ କାରଖାନା ବନ୍ଦ ହୋଇଯାଇଥିଲା ଏବଂ ସେ ବହୁ କ୍ଷତି ସହିଥିଲେ। ୨୦୧୪ରୁ ୨୦୧୭ ମଧ୍ୟରେ ଲିନ୍ ଏବଂ ତାଙ୍କ ଆକାଉଣ୍ଟାଣ୍ଟ ହୁଆଙ୍ଗଙ୍କୁ ଧମକ ଦେଇ ଟିକସ ବିଭାଗରେ ତାଙ୍କ ବିରୋଧରେ ଅଭିଯୋଗ କରିବେ ବୋଲି କହିଥିଲେ ଏବଂ ତାଙ୍କଠାରୁ ୧୧୭ ନିୟୁତ ୟୁଆନ୍ ଆଦାୟ କରିଥିଲେ। ଘଟଣା ସମ୍ପର୍କରେ ୨୦୨୩ର ପ୍ରାରମ୍ଭରେ ହୁଆଙ୍ଗ୍ ପୋଲିସ ନିକଟରେ ଅଭିଯୋଗ କରି ଲିନ୍‌ଙ୍କ ବିରୋଧରେ ଏତଲା ଦେଇଥିଲେ। ହୁଆଙ୍ଗ୍‌ଙ୍କ ଅଭିଯୋଗ ଆଧାରରେ ପୋଲିସ ଲିନ୍‌ଙ୍କୁ ଗିରଫ କରିଥିଲା।

ଯେତେବେଳେ 'ହେ' ପ୍ରଥମଥର ପାଇଁ ନିଜ ପୁଅକୁ ହାତକଡ଼ିରେ ଦେଖିଥିଲେ, ସେ ଭାବପ୍ରବଣ ହୋଇ ପୁଅ ପାଇଁ ଆଇନଗତ ଲଢ଼େଇ ଲଢ଼ିବେ ବୋଲି ନିଷ୍ପତ୍ତି ନେଇଥିଲେ। ସେ ବିଭିନ୍ନ ପୁସ୍ତକରୁ ଫୌଜଦାରି ଆଇନ ଏବଂ ଫୌଜଦାରି ଦଣ୍ଡବିଧି ସମ୍ପର୍କରେ ଅଧ୍ୟୟନ କରିବା ଆରମ୍ଭ କରିଥିଲେ। ସେହିପରି ସେ କୋର୍ଟର ବିଭିନ୍ନ ପୁରୁଣା ମାମଲା ମଧ୍ୟ ପଢ଼ିଥିଲେ ଏବଂ ପୁଅ ପାଇଁ ଓକିଲାତି କରିବା ଆରମ୍ଭ କରିଥିଲେ।

# ଅଭିନେତ୍ରୀରୁ ସନ୍ନ୍ୟାସିନୀ

ମୁମ୍ବାଇ

ଟିଭି ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ନୂପୁର ଅଲଙ୍କାର ତାଙ୍କ କ୍ୟାରିଅରରେ ପ୍ରାୟ ୧୫୭ଟି ଭିନ୍ନ ଭିନ୍ନ ଟିଭି ଧାରାବାହିକରେ କାର୍ଯ୍ୟ କରିଛନ୍ତି। ଏହିସବୁ ଧାରାବାହିକରେ ସେ ବିଭିନ୍ନ ଚରିତ୍ର ମାଧ୍ୟମରେ ଅନେକବାର ଦର୍ଶକଙ୍କ ପ୍ରଶଂସା ସାଉଣ୍ଟିଛନ୍ତି। ତେବେ ସମ୍ପ୍ରତି ସେ ଅଭିନୟ ଜଗତରୁ ଦୂରେଇ ଯାଇ ଆଧ୍ୟାତ୍ମିକତାର ପଥ ଆପଣାଇଛନ୍ତି। ନୂପୁର ୨୦୨୨ ପରଠାରୁ ଅଭିନୟ ଜଗତରେ ନଜରକୁ ଆସି ନାହାନ୍ତି। ଗୁରୁ ଶମ୍ଭୁ ଶରଣ ଝାଙ୍କ ମାର୍ଗଦର୍ଶନରେ ସେ ସନ୍ନ୍ୟାସିନୀ ପାଲଟିଥିବା ନେଇ ମଙ୍ଗଳବାର ଏକ ସାକ୍ଷାତ୍‌କାରରେ ନୂପୁର କହିଛନ୍ତି। ସେ କହିଛନ୍ତି, ଆଧ୍ୟାତ୍ମିକତା ପ୍ରତି ପିଲାବେଳୁ ତାଙ୍କର ଆକର୍ଷଣ ରହିଥିଲା। ଅଭିନୟ କ୍ଷେତ୍ରରୁ ମୋହ ଭଙ୍ଗ ହେବା ପରେ ସେ ନିଜକୁ ଆଧ୍ୟାତ୍ମିକତା କ୍ଷେତ୍ରରେ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ କରିବାକୁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନ ଜଣେ ସନ୍ନ୍ୟାସିନୀ ଭାବେ ସେ ନିଜ କର୍ତ୍ତବ୍ୟ କରୁଛନ୍ତି ଏବଂ ଅଭିନୟ ଜଗତକୁ ଆଦୌ ମିସ୍ କରୁନାହାନ୍ତି ବୋଲି ନୂପୁର କହିଛନ୍ତି।

ସନ୍ନ୍ୟାସିନୀ ଜୀବନ ବିତାଉଥିବା ନୂପୁର ଏବେ ଭିକ୍ଷା ମାଗି କ୍ଷୁଧା ମେଣ୍ଟାଉଥିବା ସହ ଭଗବାନ୍‌ଙ୍କ ଶରଣରେ ରହୁଛନ୍ତି। ଅଭିନୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବେଳେ ସେ ନିଜର ଲୋକପ୍ରିୟତା ଏବଂ ସଫଳତାକୁ ନେଇ ଅନେକ ସମୟ ଚିନ୍ତିତ ରହୁଥିଲେ, କିନ୍ତୁ ଏବେ ସେ ସମ୍ପୂର୍ଣ୍ଣ ଶାନ୍ତି ଅନୁଭବ କରୁଥିବା କହିଛନ୍ତି। ସେ ତଳେ ଶୋଉଛନ୍ତି ଏବଂ ଦିନକୁ ଥରେ ଭୋଜନ କରୁଛନ୍ତି। ତାଙ୍କର ଏପରି ନିଷ୍ପତ୍ତିକୁ ସମ୍ମାନ ଜଣାଇ ସ୍ୱାମୀ ଅଲଙ୍କାର ଶ୍ରୀବାସ୍ତବ ମଧ୍ୟ ତାଙ୍କୁ ପାରିବାରିକ ବନ୍ଧନରୁ ମୁକ୍ତ କରିଦେଇଥିବା ନୂପୁର କହିଛନ୍ତି।





ନୂପୁର ଅଲଙ୍କାର

DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୩/୨୦୨୫ | Bhubaneswar, Wednesday, August 13/2025 | ପୃଷ୍ଠା-୧

# ନାଗରିକତ୍ୱର ପ୍ରମାଣ ନୁହେଁ ଆଧାର

## ନିର୍ବାଚନ କମିଶନଙ୍କ ଯୁକ୍ତିକୁ ମାନିନେଲେ ସୁପ୍ରିମକୋର୍ଟ




ବିହାର ବିଧାନସଭା ଭୋଟ ପୂର୍ବରୁ ନିର୍ବାଚନ କମିଶନ (ଇସି)ଙ୍କ ସ୍ପେଶିଆଲ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍)କୁ ନେଇ ଉଠିଥିବା ବିବାଦ ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟରେ ୧୦ରୁ ଊର୍ଦ୍ଧ୍ୱ ପିଟିଶନ ଦାଖଲ ହୋଇଛି। ଜୁଲାଇ ୧୦ରେ ଅଦାଲତ ଏହାର ଶୁଣାଣି କରି ଇସିଙ୍କୁ ଆଧାର, ଭୋଟର ଆଇଡି ଏବଂ ରାଶନ କାର୍ଡକୁ ନାଗରିକତ୍ୱ ସପକ୍ଷରେ ବୈଧ ଦସ୍ତାବିଜ ରୂପେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଜୁଲାଇ ୨୨ ତାରିଖରେ କମିଶନ ଏହି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ, ଯାହାକୁ ସୁପ୍ରିମକୋର୍ଟ ମଙ୍ଗଳବାର ଯଥାର୍ଥ କହି ସମର୍ଥନ ଜଣାଇଛନ୍ତି। ଆଧାରକୁ ନାଗରିକତ୍ୱର ପ୍ରମାଣ ଭାବେ ଗ୍ରହଣ କରା ନ ଯିବା ନେଇ ଇସିଙ୍କ ଆଭିମୁଖ୍ୟ ଠିକ୍ ବୋଲି ଶୀର୍ଷ ଅଦାଲତ ମାନିନେଇଛନ୍ତି।

ନୂଆଦିଲ୍ଲୀ,୧୨।୮

ନାଗରିକତ୍ୱ ପ୍ରମାଣ ପାଇଁ ଆଧାରକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଆଭିମୁଖ୍ୟକୁ ସୁପ୍ରିମକୋର୍ଟ ମଙ୍ଗଳବାର ସମର୍ଥନ ଜଣାଇଛନ୍ତି। ନାଗରିକତ୍ୱର ସ୍ୱତନ୍ତ୍ର ଯାଞ୍ଚ ହେବା ଜରୁରୀ ବୋଲି ସର୍ବୋଚ୍ଚ ଅଦାଲତ ମତ ଦେଇଛନ୍ତି। ବିହାରରେ ଭୋଟର ତାଲିକାର ଏସ୍ଆଇଆର୍‌କୁ ଚ୍ୟାଲେଞ୍ଜ କରି ଦାଏର ଅନେକ ପିଟିଶନ୍‌ର ଶୁଣାଣି ବେଳେ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲ୍ୟା ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଥିଲେ, ନାଗରିକତ୍ୱ ପ୍ରମାଣ ଭାବେ ଆଧାରକୁ ନିର୍ଣ୍ଣାୟକ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଇସିଙ୍କ କହିବା ଠିକ୍। ଏହାକୁ ଯାଞ୍ଚ କରିବାକୁ ହେବ ବୋଲି ଆବେଦନକାରୀ ☞ପୃଷ୍ଠା-୨

## ଓଡ଼ିଶାରେ ହେବ ୨ ସେମିକଣ୍ଡକ୍ଟର ପ୍ରକଳ୍ପ

### କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ,୧୨।୮(ପି.ଟି.)

ଓଡ଼ିଶାରେ ୨ଟି ସମେତ ଦେଶରେ ମୋଟ ୪ଟି ସେମିକଣ୍ଡକ୍ଟର ପ୍ରକଳ୍ପ ନିର୍ମାଣକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଅନ୍ୟ ୨ଟି ଚିପ୍ କାରଖାନା ପଞ୍ଜାବ ଓ ଆନ୍ଧ୍ରପ୍ରଦେଶରେ ହେବ ବୋଲି କ୍ୟାବିନେଟ୍ ବୈଠକ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ସୂଚନା ଦେଇଛନ୍ତି। ଇଣ୍ଡିଆ ସେମିକଣ୍ଡକ୍ଟର ମିଶନ ଅଧୀନରେ ଉକ୍ତ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ବୁଲା କୁକୁର**

## ୩ ଦିନରେ ୪ ନାବାଳିକାଙ୍କୁ ବଳାତ୍କାର

- ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର, ଜେଲ ଗଲେ ପିଉସା
- ଘରେ ପଶି ନାବାଳିକାଙ୍କ ସହ ବର୍ବରତା, ଭିଣୋଇ ଗିରଫ

ରାଜନଗର/ପଟ୍ଟାମୁଣ୍ଡାଇ/କୁଜଙ୍ଗ,୧୨।୮(ଭାସ୍କର ରାଉତରାୟ/କଳ୍ପତରୁ ନାୟକ/ ମନୋଜ ପ୍ରଧାନ)

ଦଶମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକା ରକ୍ଷାବନ୍ଧନ ଦିନ ଗାଁ ରାସ୍ତାରେ ଯାଉଥିବା ସମୟରେ ପିଉସା ଝୁଡୁରୁକୁଣୀ ମୂର୍ତ୍ତି କିଣିଦେବା ବାହାନାରେ ତାଙ୍କୁ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ପରେ ଛାତ୍ରୀଙ୍କୁ ପିଉସା ଓ ଅନ୍ୟ ୪ ଜଣ ଯୁବକ ଗଣବଳାତ୍କାର କରିଥିଲେ। ଏପରି କି ଘଟଣା ସମ୍ପର୍କରେ ମୁହଁ ଖୋଲିଲେ ଏହାର ପରିଣାମ ଭୋଗିବ ବୋଲି ସେମାନେ ତାଙ୍କୁ ଧମକ ଦେଇଥିଲେ। ଅଗଷ୍ଟ ୯ରେ ଘଟିଥିବା ଏହି ବର୍ବର ଘଟଣା ସମ୍ପର୍କରେ ପୀଡ଼ିତା ସୋମବାର ରାଜନଗର ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ପିଉସାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୪ ଜଣଙ୍କୁ ଅଟକ ରଖିଛି। ସେହିପରି ସୋମବାର ସନ୍ଧ୍ୟାରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ୍ ଅଭୟଚାନ୍ଦପୁର ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ଝିଅଙ୍କ ମା'ବାପା ବଜାରକୁ ଯାଇଥିଲେ। ନାବାଳିକାଙ୍କୁ ଘରେ ଏକୁଟିଆ ପାଇ ସମ୍ପର୍କୀୟ ଭିଣୋଇ ତାଙ୍କୁ ବଳାତ୍କାର କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

୩ ଦିନ ମଧ୍ୟରେ ବିଭିନ୍ନ ସ୍ଥାନରେ ୪ ଜଣ ନାବାଳିକାଙ୍କୁ ବଳାତ୍କାର କରାଗଲାଣି। ଅଗଷ୍ଟ ୯ ରକ୍ଷାବନ୍ଧନ ଦିନ ମୟୂରଭଞ୍ଜ ☞ପୃଷ୍ଠା-୨

DSPL-205

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
ବିଶ୍ୱ ଅଙ୍ଗଦାନ ଦିବସ
୧୩ ଅଗଷ୍ଟ ୨୦୨୫
ଅଙ୍ଗଦାନ ସର୍ବୋତ୍ତମ ଦାନ
ଜଣେ ମସ୍ତିଷ୍କ-ମୃତ ବ୍ୟକ୍ତିଙ୍କ ଅଙ୍ଗଦାନ, ଆଠ ଜଣ ବ୍ୟକ୍ତିଙ୍କର ଜୀବନ ରକ୍ଷା କରିପାରେ
ଅଙ୍ଗଦାନ କରନ୍ତୁ, ନୂଆ ଜୀବନ ଦିଅନ୍ତୁ
ନିମ୍ନ ପ୍ରଦତ୍ତ କ୍ୟୁ:ଆର୍: କୋଡ୍ କୁ ସ୍କାନ କରି ୱେବ୍‌ସାଇଟ୍‌କୁ ଯାଆନ୍ତୁ :
ସ୍କାନ କରନ୍ତୁ
www.notto.abdm.gov.in
ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ :
ରାଜ୍ୟ ଅଙ୍ଗ ଓ ତନ୍ତୁ ପ୍ରତିରୋପଣ ସଙ୍ଗଠନ
#OdishaSotto #sottoodisha sotto.scb.odisha@gmail.com
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
OIPR-10001/13/0077/2526



90 YEARS TRUST IS TIMELESS | 100% Certified Natural Diamonds | Superior Quality & Excellent Cuts | Free Insurance on Diamonds | Assured Lifetime Maintenance | 100% HUID Hallmarked | 100% Exchange | Non-conflict Diamonds | Lowest Price Per Carat | Lifetime Buyback Guarantee
*T&C Apply
BHUBANESWAR 621, Saheed Nagar, Janpath
BHUBANESWAR 5089, Soubhagya Nagar
BHUBANESWAR 551/1815, Samantarapur
BHUBANESWAR 309, District Center, Chandrasekharpur
BERHAMPUR Venkatraju Arcade, Sano Bazar
CUTTACK 558/834, Cantonment Road
JHARSUGUDA Sarbahal Road, Marwari Para
PURI Opp. Police Line, VIP Road
ROURKELA Kesar Bhawan, Main Road
ANGUL Opening Soon
JAJPUR ROAD Opening Soon
Follow us on: | 1800 3131 777 | Khimjijewellers.com

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଆମେରିକା ପ୍ରତ୍ୟକ୍ଷ ଓଡ଼ିଶାରେ ବ୍ୟାନ୍ କରିବା ଦାବିରେ ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ବିକ୍ଷୋଭ, ସ୍ଥାନ: ରାଜ୍ଜମହଲ ଛକ, ସମୟ: ସକାଳ ୯ଟା।
- ସଂଯୁକ୍ତ କୃଷକ ମୋର୍ଚ୍ଚା କେନ୍ଦ୍ରୀୟ ଶ୍ରମିକ ସଂଗଠନଗୁଡ଼ିକର ମିଳିତ ମଞ୍ଚ ଓଡ଼ିଶା ୟୁନିଟ୍ ପକ୍ଷରୁ ଆମେରିକାର ଟ୍ରମ୍ପ ସରକାରଙ୍କ ଭାରତ ଉପରେ ଟାରିଫ ଏବଂ ବହୁରାଷ୍ଟ୍ରୀୟ କର୍ପୋରେଟ ଲୁଣ୍ଠନ ବିରୋଧରେ 'ଦେଶବ୍ୟାପୀ କର୍ପୋରେଟ୍ ଭାରତ ଛାଡ ଆନ୍ଦୋଳନ', ସ୍ଥାନ: ମାଷ୍ଟର କ୍ୟାଣ୍ଟିନ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଅଗ୍ନିକା ପକ୍ଷରୁ ଗୁରୁ ପୂଜନ ଉତ୍ସବ ୨୦୨୫, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ମେଘ ଉତ୍ସବ 'ଶ୍ରାବଣୀ', ସ୍ଥାନ: ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- 'ସମୟ' ପକ୍ଷରୁ ସ୍ୱାଧୀନତା ଦିବସ ପାଳନ, ସ୍ଥାନ: ଓଡ଼ିଶା ଇଞ୍ଜିନିୟର୍ସ ଆସୋସିଏସନ୍ (ଓଡ଼ିଶା ଭବନ), ୟୁନିଟ୍-୩, ସମୟ: ଅପରାହ୍ନ ୪ଟା।
- ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଶ୍ରମିକ ଭବନ, ସମୟ: ଅପରାହ୍ନ ୪ଟା।

## କଟକ

- କଂଗ୍ରେସ ପକ୍ଷରୁ ସିଏମ୍‌ସି କମିଶନରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ସିଏମ୍‌ସି କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର

- ଦିବଂଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଷ୍ଟେସନ ଛକ ନିକଟ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଦିଶା ବୈଠକ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ହର ଘର ତ୍ରିରଙ୍ଗା ପ୍ରତିଯୋଗିତା କାର୍ଯ୍ୟକ୍ରମ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୁପସା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଭାଜପାର ତ୍ରିରଙ୍ଗା ପଦଯାତ୍ରା, ସ୍ଥାନ: ଗାନ୍ଧୀ ସ୍ମୃତିଭବନଠାରୁ ସିନେମାଛକ ପର୍ଯ୍ୟନ୍ତ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ଖୋଜି ପ୍ରତିଯୋଗିତା, ସ୍ଥାନ: ଜିଲା ସ୍କୁଲ ପରିସର, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ମନ୍ଦିର ଛକ ନିକଟରୁ ହାଟାଗଡ଼ ପର୍ଯ୍ୟନ୍ତ, ରେମୁଣା, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ନୂଆନନ୍ଦ ବର୍ଣ୍ଣାଳୀ ପୀଠ, ହିଡ଼ି, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଚାନ୍ଦବାଲି, ଗଣେଶ୍ୱର, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ବିକାଶ ମହଲ, ବଡ଼ବିଲ, ସମୟ: ସକାଳ ୭ଟା।
- ସଙ୍କଳ୍ପପ୍ରଯାୟ ବିଜ୍ଞାନ ମେଳା, ସ୍ଥାନ: ଆନନ୍ଦପୁର ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପାର ତ୍ରିରଙ୍ଗା ଯାତ୍ରା, ସ୍ଥାନ: ପାଟଣା ବ୍ଲକ ମହାପୋଲିସ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଗୋପବନ୍ଧୁ ନଗର ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଖୁଣ୍ଟା ହାଟ ଛକ, ସମୟ: ସକାଳ ୯ଟା।
- ହ୍ୟାଣ୍ଡଲୁମ ଡେ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ସୀମାନ୍ତ ମହାବିଦ୍ୟାଳୟର ୪୬ ତମ ପ୍ରତିଷ୍ଠା ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର, ଖଡ଼ପୋଖରିଆ, ସମୟ: ଅପରାହ୍ନ ୨ଟା।
- ପୂର୍ଣ୍ଣପୁଞ୍ଜ ଭଗାଇ ଉପଲକ୍ଷେ ଦ୍ୱିତୀୟ ପ୍ରସ୍ତୁତି ବୈଠକ, ସ୍ଥାନ: ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଓ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଟ୍ରେଡ୍ ୟୁନିୟନ ମିଳିତ ମଞ୍ଚ ଓ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ, ସ୍ଥାନ: ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।

## କନ୍ଧମାଳ

- ସ୍ୱାଧୀନତା ଦିବସ ପରେଡର ଶେଷ ପୂର୍ବାଭ୍ୟାସ, ସ୍ଥାନ: ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ଫୁଲବାଣୀ, ସମୟ: ସକାଳ ୮ଟା।
- ଓଡ଼ିଶା ରାଜ୍ୟ ଅମଲା ସଂଘର ସମୂହ ଛୁଟି ଓ ଧାରଣା, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ବାଲିଗୁଡ଼ା, ସମୟ: ସକାଳ ୮ଟା।
- କୁଳଦ୍ରଗାଯାର ସ୍ୱାଧୀନତା ଦିବସ ପାଳନ ପାଇଁ ସାମୁହିକ ପରେଡ ଅଭ୍ୟାସ, ସ୍ଥାନ: ହେଲିପ୍ୟାଡ୍ ପଡ଼ିଆ ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦.୩୦।
- ମନ୍ଦିର ସୁରକ୍ଷା ମଞ୍ଚ ଓ ଗ୍ରାମବାସୀଙ୍କ ତରଫରୁ ସର୍ବସାଧାରଣ ବୈଠକ, ସ୍ଥାନ: ମା'ପାଟଖଣ୍ଡା ମନ୍ଦିର ସଭାଗୃହ ବାଲିଗୁଡ଼ା, ସମୟ: ଅପରାହ୍ନ ୨ଟା।

## ଗଜପତି

- ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ସେଞ୍ଚୁରିଅନ ୟୁନିଭରସିଟି, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ହରଘର ତ୍ରିରଙ୍ଗା-୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: ବାଲିଜୋରି ଢେଙ୍କାନାଳ, ସମୟ: ସକାଳ ୮ଟା।

## ଅନୁଗୋଳ

- ଆଠମଲ୍ଲିକ ନଗର ଭାଜପା ପକ୍ଷରୁ ତ୍ରିରଙ୍ଗା ରାଲି, ସ୍ଥାନ: ଆଠମଲ୍ଲିକ ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୮ଟା।
- ଆଠମଲ୍ଲିକ ଏନ୍‌ସିସି ତରଫରୁ ତାଗାଦେଇଣ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମାଣିକପଥଠାରୁ ସ୍ୱାଟ ପୁଲିସ ରାସ୍ତା ପାର୍ଶ୍ୱ, ସମୟ: ଅପରାହ୍ନ ୪ଟା।

## ଜଗତସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ସ୍ୱାଧୀନତା ଦିବସ ଉପଲକ୍ଷେ ସମ୍ପୂର୍ଣ୍ଣ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ୯ ନମ୍ବର ୱାର୍ଡ, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ସକାଳ ୭ଟା।
- ଛାତ୍ରୀଛାତ୍ରଙ୍କୁ ନେଇ ନିଶାମୁକ୍ତି ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: କେନ୍ଦ୍ରୀୟ ବିଦ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ମା' ପାର୍ଟି ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କଣ୍ଡିରେଲ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ନିଶାମୁକ୍ତ ଭାରତ ଅଭିଯାନ ଅବସରରେ ଶପଥ ଗ୍ରହଣ ଉତ୍ସବ, ସ୍ଥାନ: ବ୍ୟାସନଗର ସ୍ୱୟଂଶାସିତ କଲେଜ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାହ ମହାଯଜ୍ଞ ପାରାୟଣର ଷଷ୍ଠ ଦିବସ, ସ୍ଥାନ: ଦଶପଲ୍ଲା ବ୍ଲକ ସାତପାଟଣାର ଗଣେଶପାଟଣା, ସମୟ: ସକାଳ ୭ଟା (ପାରାୟଣ), ସନ୍ଧ୍ୟା ୭ଟା (ପ୍ରବଚନ)।
- ହରଘର ତ୍ରିରଙ୍ଗା, ଘର ଘର ସ୍ୱଚ୍ଛତା ଅଭିଯାନ, ସ୍ଥାନ: ନୟାଗଡ଼ ମୁନିସିପାଲିଟି କାର୍ଯ୍ୟାଳୟ, ସମୟ: ସକାଳ ୭ଟା ୩୦।
- ଭିଜିଲାନ୍ସ ବ୍ୟବସ୍ଥା ନ କରି ଅନ୍‌ଲାଇନ ଉପସ୍ଥାନକୁ ବିରୋଧ କରି ଶିକ୍ଷକଙ୍କ ଆନ୍ଦୋଳନ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ପ୍ରସ୍ତୁତି ସ୍ରୋତ ଲିଙ୍କ ଅଫିସର୍ସଙ୍କ ସର୍ବାଙ୍ଗୀୟ କର୍ମଶାଳା, ସ୍ଥାନ: କାର୍ମ ମାଲିଗାଁ ଗ୍ରାମ ପଞ୍ଚାୟତ ସଭା ଗୃହ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ଡାବୁଗାଁ ସରକାରୀ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିରଙ୍ଗା ଯାତ୍ରା, ସ୍ଥାନ: କୋଷାଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଜିଲା ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ନିଶାମୁକ୍ତ ଭାରତ ଅଭିଯାନ, ସ୍ଥାନ: ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା।
- ସୁଡକ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଓଡ଼ିଆ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ହର ଘର ତିରଙ୍ଗା ଶୋଭାଯାତ୍ରା, ସ୍ଥାନ: ସଦର ମହକୁମା, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଧାୟକଙ୍କ ବିଭିନ୍ନ ଯୋଜନାର ସମୀକ୍ଷା, ସ୍ଥାନ: ପାଲିଲୁଙ୍ଗ ଓ ଗୋଲୁର ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା, ଅପରାହ୍ନ ୩ଟା।

- ୧୧ତମ କୃଷି ସେନସସ୍ ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- ଜିଲା ସାମାଜିକ ସୁରକ୍ଷା କଲ୍ୟାଣ ବିଭାଗ ପକ୍ଷରୁ ନିଶା ନିବାରଣ ସଚେତନତା, ସ୍ଥାନ: ବାଲିମେଲା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ: ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବିର, ସ୍ଥାନ: ଝାଞ୍ଜ ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ: ସକାଳ ୬ଟା।
- ଜିଲା ପ୍ରଶାସନ ପକ୍ଷରୁ ହର ଘର ତ୍ରିରଙ୍ଗା ଅଭିଯାନ ଶୁଭାରମ୍ଭ, ସ୍ଥାନ: ସହୀଦ ସ୍ତମ୍ଭ ଛକ, ସମୟ ସକାଳ ୭ଟା।
- ଜିଲା ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଚାରା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: କୁଚିଣ୍ଡା ଶ୍ରମିକ ଭବନ, ସମୟ: ଅପରାହ୍ନ ୩ଟା।

## ବଲାଙ୍ଗୀର

- ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଖପ୍ରାଖୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ରାଜ୍ୟ ଅମଲା ସଂଘର ଧାରଣା, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ଗଙ୍ଗାଧର ମେହେର ଜୟନ୍ତୀ, ସ୍ଥାନ: କଦମପାଲି, ବରପାଲି, ସମୟ: ଅପରାହ୍ନ ୧ଟା।

## ରାଉରକେଲା

- ରାଉରକେଲା ରାଜସ୍ୱ ଅମଳା ସଂଘର ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ପାନପୋଷ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ସକାଳ ୮ଟା।
- ତ୍ରିଦିବସୀୟ ଜନ୍ମାଷ୍ଟମୀ ଉତ୍ସବ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: କଲ୍ୟାଣ ମଣ୍ଡପ, ହନୁମାନ ବାଟିକା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ରାଉରକେଲା କଲେଜରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୪, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- 'ବୃକ୍ଷ କୁମାରୀ' ପକ୍ଷରୁ ସଚେତନତା ଶିବିର, ସ୍ଥାନ: କିଡ୍‌ଜିଲେଲା କଲେଜ, ସମୟ: ମଧ୍ୟାହ୍ନ ୧୨ଟା।
- ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନ୍ତର୍ଗତ ଦେଶାତ୍ମବୋଧକ ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ, ସୁନ୍ଦରଗଡ଼, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି

- ନବନିର୍ମିତ ଚାଷୀ ବିଶ୍ରାମ କକ୍ଷ ଉଦ୍‌ଘାଟନ ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ଯୋଗାଡବରା ପ୍ରାଥମିକ କୃଷି ସମବାୟ ସମିତି, ସମୟ: ପୂର୍ବାହ୍ନ ୧୦ଟା।
- ଅଲ ଓଡ଼ିଶା ପେଣ୍ଟ୍ରେଡ୍‌ସ ଆଣ୍ଡ ସପ୍ଲାୟର୍ସ ଆସୋସିଏସନର ବୈଠକ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ହର ଘର ତ୍ରିରଙ୍ଗା ଯାତ୍ରା ଅବସରରେ ବାଇକ୍ ରାଲି, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ସକାଳ ୮ଟା।

## ସୁବର୍ଣ୍ଣପୁର

- ତରଭା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ସଭା ଘର, ସମୟ: ପୂର୍ବାହ୍ନ ୧୦ଟା।
- ବାଲ୍ୟ ବିବାହମୁକ୍ତ ଗ୍ରାମପଞ୍ଚାୟତ ଉପରେ ତାଲିମ ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲା ରାଜସ୍ୱ ଅମଳା ସଂଘ ଧାରଣା ତୃତୀୟ ଦିବସ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମବାସୀ ଓ ଅଭିଭାବକଙ୍କ ଧାରଣା ତୃତୀୟ ଦିବସ, ସ୍ଥାନ: କୋମନା ବ୍ଲକ ଜରଗାଓଁ ପଞ୍ଚାୟତ ସାଲଭଟ୍ ଆଶ୍ରମ ବିଦ୍ୟାଳୟ ଗେଟ୍ ସମ୍ମୁଖ, ସମୟ: ସକାଳ ୮ଟା।
- ଇଣ୍ଡିପେଣ୍ଡେଣ୍ଟ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ଡରବେଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭ଟା।
- ୧୭ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗ୍ରୁପ-ବି ସେମିଫାଇନାଲ, ସ୍ଥାନ: ରାଜା ଅର୍ଜ୍ଜୁନ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ଖଡ଼ିଆଳ, ସମୟ: ଅପରାହ୍ନ ୪ଟା।
- ବିଦ୍ୟୁତ୍ ବିଲ ସଂଶୋଧନ ଶିବିର, ସ୍ଥାନ: ଟିପିଡ଼ବ୍ଲୁଓଡ଼ିଏଲ୍ ସେକ୍ସନ, ସର୍ଭିଡିଭିଜନ ଓ ଡିଭିଜନ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ରୁ ଅପରାହ୍ନ ୪ଟା ୩୦।
- କୃଷିଭିତ୍ତିକ ଗଣପର୍ବ ନୂଆଖାଇ ଲଗ୍ନ ଧାର୍ଯ୍ୟ, ସ୍ଥାନ: ରାଜ ଦରବାର ଖଡ଼ିଆଳ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଅମଳା ସଂଘ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟଠାରୁ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା

- ବିଜୁ ପଟ୍ଟନାୟକ ସମାଜ କଲ୍ୟାଣ ସଂସ୍ଥା ପକ୍ଷରୁ ତାରାପୋଷଣ କାର୍ଯ୍ୟକ୍ରମ, ସ୍ଥାନ: ବେହେରିଶକ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୪ଟା।
- ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ବେହେରାମାଲ ରାଧାମାଧବ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ରାଜନୀତି, ଆଇନ ଅଦାଲତ ତଥା ସାଙ୍ଗଠନିକ କାର୍ଯ୍ୟର ଆଲୋଚନାରେ ସଫଳତା ପାଇବେ। କିନ୍ତୁ ଶିକ୍ଷା, ସନ୍ତାନ ଓ ସମ୍ପର୍କ କ୍ଷେତ୍ରରେ ବିବାଦୀୟ ସ୍ଥିତି ଉପୁଜିପାରେ। ବନ୍ଧୁ ଓ ପରିବାର ବିଗ୍ରହ ସମ୍ପର୍କ ବିଶେଷ ଅନୁକୂଳ ରହିବ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ଥିଲେ ଆଜି ତାହା ପାଇବାର ଆଶା କରାଯାଇପାରେ।

**ବୃଷ** ଆଜି କୌଣସି ଦୂରଭିସନ୍ଧି ରଖି ପାଖ ପଡ଼ୋଶୀ ମାନେ ସହଯୋଗର ହାତ ବଢ଼ାଇପାରନ୍ତି। ଆଲୋଚନା କ୍ଷେତ୍ରରେ ବିତର୍କ ବୃଦ୍ଧି ପାଇବା କାରଣରୁ ସହମତି ନ ହୋଇପାରେ। କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଆଜିର ଆନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ମିଥୁନ** ପାରିବାରିକ ଅସ୍ଥିରତାକୁ ନିୟନ୍ତ୍ରଣରେ ନ ରଖି ଅନ୍ୟକୁ ଦାୟୀକରି ସମାଲୋଚିତ ହେବେ। ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ ନୂତନ କାମଟି ସମ୍ପନ୍ନ କରିପାରିବେ। ସାଂସ୍କୃତିକ କାର୍ଯ୍ୟକ୍ରମ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ସନ୍ତାନଙ୍କ କୃତି ଓ କୃତିତ୍ୱ ନିଜକୁ ଗୌରବାନ୍ୱିତ ମନେକରିବେ।

**କର୍କଟ** ଲୁହା ଦେଖି ପାଣିଦେବା ନ୍ୟାୟରେ ମନକୁ ପାଇଲା ଭଳି କଥା କହି ଅନ୍ୟମାନଙ୍କୁ ଆପଣାର କରିପାରିବେ। ଭାଇ, ବନ୍ଧୁ ଓ କୁଟୁମ୍ବଙ୍କ ସହ ପ୍ରତିଦ୍ୱନ୍ଦ୍ୱ ହୋଇପାରେ। ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରି ଆତ୍ମବିଭୋର ହେବେ। କର୍ମାଗମ, ବ୍ୟବସାୟ, ଦୂରଯାତ୍ରା ଏବଂ ବନ୍ଧୁସମ୍ପର୍କ କ୍ଷେତ୍ରରେ ନୂତନ ବିଚାର ସୃଷ୍ଟିହେବ।

**ସିଂହ** ଆଜି ଦୂରଯାତ୍ରା, ଶତ୍ରୁତାର ସମାଧାନ ଓ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଚିନ୍ତିତ ରହିବେ। ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ ପରେ ଅନୁତାପ କରିବେ। କ୍ରୀଡ଼ା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ନୂତନ ଯୋଜନାରେ କ୍ଷେତ୍ରରେ ପରିବାରବର୍ଗଙ୍କ ସହାୟତା ପାଇବେ ଓ ଆନନ୍ଦ ମନରେ କାମ କରିବେ।

**କନ୍ୟା** ଆଜି ହସକାନ୍ଦର ତିନଣ୍ଡଳ ଛାଇ ଭଳି ମିଶ୍ରିତ ଅନୁଭୂତି ପାଇବେ। ଯେଉଁକି ପାଇବେ ତାହାର ଦ୍ୱିଗୁଣୀ ଖର୍ଚ୍ଚକରି ମନସ୍ତାପ କରିପାରନ୍ତି। ଜମା ପଡ଼ୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ଆପଣଙ୍କ ମନକୁ ବାଧିଲା ଭଳି କଥା କହିପାରେ। ବନ୍ଧୁଗହଣରେ ଆପଣଙ୍କ କାର୍ଯ୍ୟକଳାପ ଓ ଦକ୍ଷତାରୁ ପରୋକ୍ଷ ପ୍ରଶଂସିତ ହୋଇପାରନ୍ତି।

**ତୁଳା** ସାହାଯ୍ୟର ପ୍ରତିଶ୍ରୁତି ଦେଉଥିବା ବନ୍ଧୁଙ୍କୁ ହିଁ କିଛି ନା କରିପାରିବେ ନାହିଁ। ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାଇ ନିଜର କାମ ସମ୍ପନ୍ନ କରିବାରେ ବ୍ୟସ୍ତତା ବୃଦ୍ଧିହେବ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧିହେବ, ମାତ୍ର ପରକ୍ଷରେ ସେ ହିଁ ଆପଣଙ୍କ କାମରେ ସହଯୋଗ କରିବେ। ସତ୍‌ସଙ୍ଗ, ଧର୍ମଚର୍ଚ୍ଚା କିମ୍ବା ଆନୁଷ୍ଠାନିକ ଦିଗକୁ ମନ ବଳାଇବେ।

**ବିଛା** ନୂତନ କାମରେ ଆତ୍ମୀୟଙ୍କ ସହାୟତା ପାଇବେ। ପରିବହନ, ଶିଳ୍ପ ଓ ବ୍ୟବସାୟରେ ପ୍ରତିବନ୍ଧକ ଦୂରେଇବାରେ ସଫଳ ହେବେ। ଜମିଜମା କିଣାବିକା କ୍ଷେତ୍ରରେ ନିଜ ପରିବାରର ସଦସ୍ୟଙ୍କ ବିରୋଧାଭାସର ସମ୍ମୁଖୀନ ହୋଇପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ଦ୍ୱାରା ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇଦେଇପାରେ।

**ଧନୁ** କର୍ମକ୍ଷେତ୍ରରେ କୌଣସି ଅସୁବିଧା ନ ହେଲେ ମଧ୍ୟ ଆର୍ଥିକ ଦିଗରୁ ସମସ୍ୟା ଲାଗି ରହିବ। ପିଲାଙ୍କ ଶିକ୍ଷାର ସଫଳତା ଏବଂ ଅନ୍ୟାନ୍ୟ କଲ୍ୟାଣମୂଳକ କାମରୁ ଖୁସି ରହିବେ। ଅନ୍ୟମନସ୍କ ଭାବରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପୂର୍ଣ୍ଣ ସହଯୋଗ ପାଇ କାର୍ଯ୍ୟ ସାଧନ କରିପାରନ୍ତି।

**ମକର** ପରିସ୍ଥିତି ଅନୁକୂଳ ନ ଥିଲେ ମଧ୍ୟ ମନରେ ସାହସ ବାନ୍ଧି ଦୁରୂହ କାମରେ ମୁଣ୍ଡ ପୂରାଇପାରନ୍ତି। ଅଜଣା ବ୍ୟକ୍ତିଙ୍କଠାରୁ କୌଣସି ଖବର ପାଇ ବିଚଳିତ ହେବେ। ଉପରିସ୍ଥ ଅଧିକାରୀଙ୍କ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶିଳ୍ପ, ବ୍ୟବସାୟ, ପରିବହନ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ** ଆଜିର ଗ୍ରହ ସ୍ଥିତି ଅର୍ଥ, ଆଇନ ସହାୟତା, ସାଙ୍ଗଠନିକ ନେତୃତ୍ୱ ପ୍ରଦାନ କରିପାରେ। ତେଣୁ ପ୍ରତ୍ୟେକ କ୍ଷେତ୍ରରେ ଆଜିର କାମ ଓ କଥାରେ ସଂଯମ ରକ୍ଷା କରିବା ଭଲ। ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ମାଗିପାରନ୍ତି। କ୍ରୀଡ଼ା, ସଙ୍ଗୀତ ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ** ସହକର୍ମୀଙ୍କ ସହାୟତାରେ ସ୍ଥଗିତ କାମ ସମ୍ପନ୍ନ କରିବାର ଚେଷ୍ଟା କରିବେ। ଆନୁଷ୍ଠାନିକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ। ପରିବାରର ଆବଶ୍ୟକତା ଉପଲବ୍ଧିକରି ଧାରକରଜ କରିପାରନ୍ତି। ସାମାଜିକ ସ୍ତରରେ ପ୍ରଶଂସନୀୟ କାମକରି ବନ୍ଧୁମାନଙ୍କ ପ୍ରିୟଭାଜନ ହେବେ।

ଆଜି ଅଗଷ୍ଟ ୧୩ ତାରିଖ, ଭାଦ୍ରବ କୃଷ୍ଣପକ୍ଷର ରକ୍ଷା ପଞ୍ଚମୀ ବୁଧବାର। ଅଦ୍ୟ ଶ୍ରୀମନ୍ଦିରରେ ଏବଂ ଗୃହମାନଙ୍କର ରକ୍ଷା ପଞ୍ଚମୀ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସୁବର୍ଣ୍ଣ ରାହୁରେଖା ଲାଗି, ପଶ୍ଚିମ ଦ୍ୱାରରେ ଘଣ୍ଟାବର୍ଣ୍ଣ ପୂଜା, ବୁଧବାମନ ଓଷା ଆରମ୍ଭ। ରାଶିନକ୍ଷତ୍ର-ଦିବା ଘ.୧୦।୩୨ ମି. ପର୍ଯ୍ୟନ୍ତ ଉତ୍ତରଭାଦ୍ରପଦ/ମୀନ, ପଞ୍ଚମୀ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୫।୩୦ ଗତେ, ଘ.୦୭।୧୧ ମଧ୍ୟେ, ଘ.୧୦।୧୬ ଗତେ, ଘ.୧୧।୧୬ ମଧ୍ୟେ ଶୁଭ ଶୁଭବେଳା। ଦିବା ଘ.୧୧।୫୧ ଗତେ, ଘ.୦୧।୨୬ ମଧ୍ୟେ ରାହୁ କାଳ।

## ନାଗରିକତ୍ୱର ପ୍ରମାଣ...

ପ୍ରଥମ ପୃଷ୍ଠାରୁ...

ଆରଜେଡି ନେତା ମନୋଜ ଝା'ଙ୍କ ତରଫରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ଜଷ୍ଟିସ୍ କାନ୍ତ କହିଥିଲେ। ତେବେ ଯାଞ୍ଚ ପ୍ରକ୍ରିୟା କାର୍ଯ୍ୟକାରୀ କରିବା କ୍ଷମତା ଇସିଆଇଙ୍କ ରହିଛି କି ନାହିଁ, ତାହା ପ୍ରଥମ ପ୍ରଶ୍ନ। ଯଦି ଏହାର କ୍ଷମତା ନ ଥାଏ, ତେବେ ଏସବୁକୁ ବନ୍ଦ କରିବାକୁ ହେବ। କିନ୍ତୁ ଯଦି କ୍ଷମତା ଥାଏ, ତେବେ ଏହା ସମସ୍ୟା ହୋଇ ନ ପାରେ ବୋଲି ବିଚାରପତି କହିଥିଲେ। ନିର୍ବାଚନ କମିଶନଙ୍କ ଅନୁଯାୟୀ, ୨୦୦୩ ଭୋଟର ତାଲିକାରେ ଯେଉଁମାନଙ୍କର ନାଁ ରହିଛି କିମ୍ବା ଯେଉଁମାନଙ୍କ ମା'ବାପାଙ୍କ ନାଁ ଅଛି, ସେମାନଙ୍କୁ ନାଗରିକତ୍ୱ ପ୍ରମାଣ ପାଇଁ କୌଣସି ଦସ୍ତାବିଜ୍ ଦାଖଲ କରିବା ଆବଶ୍ୟକ ନାହିଁ। ତଦନୁଯାୟୀ ବିହାରର ୭.୯ କୋଟି ଭୋଟରଙ୍କ ମଧ୍ୟରୁ ପ୍ରାୟ ୬.୫ କୋଟିଙ୍କୁ ଦସ୍ତାବିଜ୍ ଦାଖଲ କରିବାକୁ ପଡ଼ିବ ନାହିଁ। ତେଣୁ ଏସ୍‌ଆଇଆର୍ ବିବାଦ ଏକ ବିଶ୍ୱାସ ହ୍ରାସ ପ୍ରସଙ୍ଗ ଭଳି ଲାଗୁଥିବା ଖଣ୍ଡପୀଠ କହିଛନ୍ତି। ଏସ୍‌ଆଇଆର୍ ଯୋଗୁ କୋଟିଏ ଭୋଟର ମତଦାନ ଅଧିକାର ହରାଇବେ ବୋଲି ପିଟିଶନର ଦର୍ଶାଇଥିବାରୁ ଏହା ଉପରେ ଖଣ୍ଡପୀଠ ପ୍ରଶ୍ନ ଉଠାଇଥିଲେ। ମୋଟ ୭.୯ କୋଟି ଭୋଟରଙ୍କ ମଧ୍ୟରୁ ୭.୨୪ କୋଟି କାଗଜପତ୍ର ଦାଖଲ କରିଛନ୍ତି। ତେଣୁ କୋଟିଏ ଭୋଟର ନିଖୋଜ ବା ମତାଧିକାରରୁ ବଞ୍ଚିତ ହେବା ଅଭିଯୋଗକୁ ସର୍ବୋଚ୍ଚ ଅଦାଲତ ଖଣ୍ଡନ କରିଛନ୍ତି। ଲୋକଙ୍କ ପାଖରେ ଆଧାର, ଭୋଟର ପରିଚୟପତ୍ର ଓ ରାଶନ କାର୍ଡ ଥାଇ ମଧ୍ୟ ନିର୍ବାଚନ କମିଶନ ଏହାକୁ ଗ୍ରହଣ କରୁନାହାନ୍ତି ବୋଲି ସିବଲ କହିଥିଲେ। ଏହାର ଜବାବରେ ଖଣ୍ଡପୀଠ କହିଥିଲେ, ବିହାରରେ ରହୁଥିବା ଯେଉଁ ଲୋକଙ୍କ ପାଖରେ ଦସ୍ତାବିଜ୍ ନାହିଁ, ସେମାନଙ୍କୁ ରାଜ୍ୟର ଭୋଟର ଭାବେ ବିଚାର କରାଯିବ କି? ସେମାନଙ୍କୁ କେତେକ ଦସ୍ତାବିଜ୍ ଦେଖାଇବାକୁ ହେବ ବୋଲି ଖଣ୍ଡପୀଠ କହିଛନ୍ତି। ମା'ବାପାଙ୍କ ଜନ୍ମ ପ୍ରମାଣପତ୍ର ଓ ଅନ୍ୟ କାଗଜାତ ପାଇବାରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା ସିବଲ କହିବାରୁ ଏହା ଉପରେ ପାଲଟା ପ୍ରଶ୍ନ କରିଥିଲେ ଖଣ୍ଡପୀଠ। ଏହି ମନ୍ତବ୍ୟ ବୋଲି ଖଣ୍ଡପୀଠ କହିବା ସହ ବିହାରରେ ଯଦି ଏମିତି ହୁଏ, ଦେଶର ଅନ୍ୟ ଭାଗରେ କ'ଣ ହେବ ବୋଲି ପ୍ରଶ୍ନ କରିଥିଲେ। ଏସ୍‌ଆଇଆର ସମୟସୀମା ଏବଂ ୬୫ ଲକ୍ଷ ଭୋଟର ମୃତ କିମ୍ବା ଅନ୍ୟ ନିର୍ବାଚନମଣ୍ଡଳୀରେ ପଞ୍ଜୀକୃତ ହୋଇଥିବା ଘୋଷଣା କରାଯାଇଥିବାରୁ ଏହା ଉପରେ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି ଏବଂ ପ୍ରଶାନ୍ତ ଭୂଷଣ ପ୍ରଶ୍ନ ଉଠାଇଥିଲେ।

## ଓଡ଼ିଶାରେ ହେବ ୨...

ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି। ଦେଶରେ ଚିପ୍ ଉତ୍ପାଦନ କାରଖାନା ନିର୍ମାଣ ଦିଗରେ ଆର୍ଥିକ ସହାୟତା ପ୍ରଦାନ ପାଇଁ ଏହି ମିଶନ ଅଧୀନରେ ୭୬,୦୦୦ କୋଟି ଟଙ୍କା ରଖାଯାଇଛି। ଅଶ୍ୱିନୀଙ୍କ ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ସିକ୍‌ସେମ୍ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ୨,୦୬୬ କୋଟି ଟଙ୍କା ବ୍ୟୟରେ ଏକ ସିଲିକନ୍ କାର୍ବାଇଡ୍ ସେମିକଣ୍ଡକ୍ଟର କାରଖାନା ପ୍ରତିଷ୍ଠା ହେବ। ସିଲିକନ୍ କାର୍ବାଇଡ୍ ଅଧିକ ତାପ ସହିଷ୍ଣୁତା ସାମଗ୍ରୀ, ଯାହା ଅତି ଉଚ୍ଚ ତାପମାତ୍ରାରେ ଅପରିବର୍ତ୍ତିତ ରହିଥାଏ। ଏହାକୁ ମିଶାଇଲ, ସାଟେଲାଇଟ୍, ଟେଲିକମ୍ ଟାୱାର, ରକେଟ୍, ରେଳ ଇଞ୍ଜିନ ଆଦିରେ ବ୍ୟବହାର କରାଯାଇଥାଏ। ଭୁବନେଶ୍ୱରରେ ନିର୍ମାଣ ହେବାକୁ ଥିବା ପ୍ଲାଣ୍ଟରୁ ବର୍ଷକୁ ୯.୬ କୋଟି ଚିପ୍ ଉତ୍ପାଦନ ହେବ। ସେହିପରି ଆମେରିକାର ଗୁରୁତ୍ୱ ଚିପ୍ ଉତ୍ପାଦନକାରୀ ସଂସ୍ଥା ଭଲି ଭେଞ୍ଚର ସହଯୋଗରେ ୩ଡି ଗ୍ଲାସ୍ ସେମିକଣ୍ଡକ୍ଟର ଉତ୍ପାଦନ ୟୁନିଟ୍ ଓଡ଼ିଶାରେ ସ୍ଥାପନ ହେବାକୁ ଯାଉଛି। ଏଥିରେ ୧,୯୪୩ କୋଟି ଟଙ୍କା ନିବେଶ ହେବ। ହେଟେରୋଜେନିଅସ୍ ଇଣ୍ଟିଗ୍ରେସନ ପ୍ୟାକେଜିଂ ସଲ୍ୟୁସନ୍ସ ପ୍ରା. ଲି. ଏହାକୁ ସ୍ଥାପନ କରିବାକୁ ଯାଉଥିବାବେଳେ ବାର୍ଷିକ ଉତ୍ପାଦନ କ୍ଷମତା ୫ କୋଟି ୟୁନିଟ୍ ରହିବ। ଆମେରିକାର ଲକ୍‌ହିଡ୍ ମାର୍ଟିନ ମଧ୍ୟ ଏହି ପ୍ରୋଜେକ୍ଟକୁ ସହାୟତା କରିବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ଧ୍ରପ୍ରଦେଶର ଆଡଭାନ୍ସଡ୍ ସିଷ୍ଟମ୍ ଇନ୍ ପ୍ୟାକେଜ୍ ଟେକ୍ନୋଲୋଜିକ୍ ଦ୍ୱାରା ୪୬୮ କୋଟି ଟଙ୍କା ବ୍ୟୟରେ ଏକ ଚିପ୍ ପ୍ୟାକେଜିଂ ପ୍ଲାଣ୍ଟ ନିର୍ମାଣ କରାଯିବ। ଏଥିରୁ ବାର୍ଷିକ ଉତ୍ପାଦନ କ୍ଷମତା ୯.୬ କୋଟି ୟୁନିଟ୍ ରହିବ। ସେହିପରି ପଞ୍ଜାବରେ ୧୧୭ କୋଟି ଟଙ୍କା ବ୍ୟୟରେ ସିଡିଆଇଏଲ୍ ଏକ ସେମିକଣ୍ଡକ୍ଟର ପ୍ରକଳ୍ପ ନିର୍ମାଣ କରିବ। ଏହି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୧୫.୮ କୋଟି ୟୁନିଟ୍ ରହିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଇଲେକ୍ଟ୍ରୋନିକ୍ସ ଉତ୍ପାଦନ ସେକ୍ଟରରେ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଫଳରେ ଗତ ୧୧ ବର୍ଷ ମଧ୍ୟରେ ଏହା ୬ ଗୁଣ ଅଭିବୃଦ୍ଧି କରି ୧୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବା ଅଶ୍ୱିନୀ କହିଛନ୍ତି। ଇଲେକ୍ଟ୍ରୋନିକ୍ସ ରପ୍ତାନି ୮ ଗୁଣ ବଢ଼ି ୩.୩ ଲକ୍ଷ କୋଟି ଟଙ୍କା ହୋଇଥିବାବେଳେ ମୋବାଇଲ୍ ଉତ୍ପାଦନ ୨୮ ଗୁଣ ବୃଦ୍ଧି ପାଇ ୫.୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଭାରତ ୪ଟି ଦେଶ ସିଙ୍ଗାପୁର, ମାଲେସିଆ, ଜାପାନ ଓ ନେଦରଲାଣ୍ଡ ସହ ମିଶି ସେମିକଣ୍ଡକ୍ଟର ୨ରୁ ୪ ସେମିକନ୍ ଇଣ୍ଡିଆ ୨୦୨୫ ଆୟୋଜନ କରିବାକୁ ଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

## ୩ ଦିନରେ ୪...

ଜିଲା ଉଦଳାରେ ଜଣେ ନାବାଳିକା ଛାତ୍ରୀଙ୍କୁ ୩ ଅଭିଯୁକ୍ତ ଘରୁ ଜଙ୍ଗଲକୁ ନେଇକିନେଇ ଗଣଦୁଷ୍କର୍ମ ଉଦ୍ୟମ କରିଥିଲେ। ତେବେ ଛାତ୍ରୀ ଜଣକ ସାହସିକତା ଦେଖାଇ ସେଠାରୁ ଖସିଆସିବାରେ ସକ୍ଷମ ହୋଇଥିଲେ। ଏହାର ୨ ଦିନ ପରେ ଅର୍ଥାତ୍ ୧୧ ତାରିଖରେ ବାଲେଶ୍ୱର ଜିଲା ସିମୁଳିଆ ଅଞ୍ଚଳର ଜଣେ ୯ମ ଶ୍ରେଣୀ ଛାତ୍ରୀ ତିରଣଗଡ଼ରୁ ଟେକିଲାବେଳେ ଜଣେ ଯୁବକ ତାଙ୍କୁ ଅପହରଣ କରିବାକୁ ଚେଷ୍ଟା କରିଥିବା ଅଭିଯୋଗ ହୋଇଛି। ରାଜ୍ୟରେ ଛାତ୍ରୀ ଓ ମହିଳା ବିରୋଧୀ ଜଘନ୍ୟ ଅପରାଧ ବଢ଼ିଚାଲିଥିବାବେଳେ ସଦ୍ୟ ଦୁଇ ଘଟଣା ଆଇନଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଉଥିବା ବିରୋଧୀଙ୍କୁ ସରକାରଙ୍କୁ ଘେରିବା ପାଇଁ ଆଉ ଏକ ଅସ୍ତ୍ର ଧରାଇଦେଇଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାଠିଆପଡ଼ା କଲେଜ ଛାତ୍ରୀ ପୋଡ଼ି ମୃତ୍ୟୁ ଘଟଣା ମନରୁ ନ ଲିଭୁଣୁ ରାଜନଗର ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀ (୧୪) ଶନିବାର ରକ୍ଷାବନ୍ଧନ ଦିନ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ଏ ନେଇ ପୀଡ଼ିତା ସୋମବାର ରାତି ୧୧ଟାରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ରାତି ୨ଟାରେ ସମସ୍ତ ପିଡ଼ାସଙ୍କ ସମେତ ୪ ଯୁବକଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରିଥିଲେ। ମଙ୍ଗଳବାର କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ, ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମାସାଗର ପଣ୍ଡା ଥାନାରେ ପହଞ୍ଚି ଭାରତୀୟ ନ୍ୟାୟ ସୁରକ୍ଷା ସଂହିତା ଧାରା ୧୮୦ରେ ପୀଡ଼ିତାର ବୟାନ ରେକର୍ଡ କରିଛନ୍ତି। ପରେ ପୀଡ଼ିତାଙ୍କ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମାଇନା କରାଯିବା ସହ ୫ ଜଣ ଅଭିଯୁକ୍ତ ଯୁବକଙ୍କ ଡାକ୍ତରୀ ପରୀକ୍ଷା ମଧ୍ୟ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ପିଉସା ଚିତରଞ୍ଜନ ମଲିକ ଓରଫ ହାପି (୨୯)ଙ୍କୁ ପୋଲିସ ଗିରଫ କରିଛି। ଥାନାରେ ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୭୦(୨), ୧୧୫ (୨), ୩୫୧(୩) ୬ (ଏ) ପୋକ୍‌ସୋ ଆଇନ ଅନୁସାରେ ନଂ. ୨୬୬/୨୫ ରେ ମାମଲା ରୁଜୁ କରି କେନ୍ଦ୍ରାପଡ଼ା କୋର୍ଟକୁ ଚାଲାଣ କରିଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ବାରିପୁଲ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ୪ ଯୁବକଙ୍କୁ ପୋଲିସ ଥାନାରେ ରଖି ପଚରାଉଚରା କରୁଥିବାବେଳେ ଆଇଆଇସିଙ୍କ ଘରରେ ସାକ୍ଷ୍ୟ କଥିଛନ୍ତି।

ପୋଲିସ ସୂଚନା ମୁତାବକ, ରାଜନଗର ଥାନା ଅଞ୍ଚଳର ପୀଡ଼ିତା ରାଖୀପୂର୍ଣ୍ଣିମା ଶନିବାର ଅପରାହ୍ନ ୫ଟାରେ ଗାଁରେ ବୁଲୁଥିବା ବେଳେ ପିଉସା ଚିତରଞ୍ଜନ ପାଖ ଦୋକାନକୁ ଡାକିଥିଲେ। ସେଠାରୁ ପିଉସା ଝିଅଟିଙ୍କୁ ବାଇକ୍‌ରେ ଧରି ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଓଉପଡ଼ାକୁ ବୁଲୁଥିବା ପରି ନେଇଥିଲେ। ଓଉପଡ଼ା ନେବା ପରିବର୍ତ୍ତେ ଝିଅଟି ଘରକୁ ଯିବା ପାଇଁ ପଚାରି ରାସ୍ତାରେ ତାଙ୍କୁ ନେଇଥିଲେ। ଝିଅଟି ଏପଟେ କୁଆଡ଼େ ଯାଉଛ ବୋଲି କହିଥିଲେ ମଧ୍ୟ ପିଉସା ମଶାଣି ନିକଟରେ ଥିବା ଏକ ନିଛାଟିଆ ଜଙ୍ଗଲ ଭଳି ହୋଇଥିବା ସ୍ଥାନକୁ ନେଇ ଯାଇଥିଲେ। ଝିଅଟିଙ୍କ ବିରୋଧ ସତ୍ତ୍ୱେ କିଛି ନ ଶୁଣି ପିଉସା ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଚିତ୍କାର ଶୁଣି ଅନ୍ୟ ୪ ଜଣ ଯୁବକ ଆସି ତାଙ୍କୁ ଧମକାଇ କରି, ମାଡ଼ ମାରି ଗଣବଳାତ୍କାର କରିବା ସହ ମୋବାଇଲରେ ଫଟୋ ଓ ଭିଡିଓ ଉତ୍ତୋଳନ କରିଥିଲେ। ଗଣବଳାତ୍କାର ପରେ ପିଉସା ଝିଅଟିଙ୍କୁ ଗାଁ ମୁଣ୍ଡରେ ଏକା ଛାଡ଼ିଦେଇଥିଲେ। ସାଙ୍ଗରେ ଗଲେ ସମସ୍ତେ ସନ୍ଦେହ କରିବେ କହି ଘଟଣା ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଫଳରେ ପୀଡ଼ିତା ଏବେ ଘଟଣା ପ୍ରକାଶ କରିନଥିଲେ। ଏହାପରେ ପୀଡ଼ିତା ଘରେ ଜଣାଇଥିଲେ। ମାତ୍ର ପିଉସା ଓ ଘଟଣାରେ ସମ୍ପୃକ୍ତ ଯୁବକଙ୍କ କେତେଜଣ ଲୋକ ଏହାକୁ ସମାଧାନ କରିବା ପାଇଁ ଉଦ୍ୟମ କରିଥିଲେ। ପୁଲିସ ଧରି ଉଦ୍ୟମ ହୋଇଥିଲେ ମଧ୍ୟ ସମାଧାନ ହୋଇ ପାରି ନ ଥିଲା। ଏହି ଘଟଣା ପରେ ପୀଡ଼ିତା ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ ମାଇଁ ସାହସ ଦେବା ସହ ସୋମବାର ରାତିରେ ଆଣି ଥାନାରେ ଏତଲା ଦେଇଥିଲେ। ଅଭିଯୋଗ ପରେ ପୋଲିସ ବିଳମ୍ବିତ ରାତିରେ ତଦନ୍ତ କରି ଚିତରଞ୍ଜନଙ୍କ ସମେତ ୪ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ। ପିଉସାଙ୍କ ବାଇକ୍‌କୁ ମଙ୍ଗଳବାର ତାଙ୍କ ଘରୁ ପୋଲିସ ଜବତ କରି ଥାନାକୁ ଆଣିଛି।

ସେହିପରି ଜଗତସିଂହପୁର ଜିଲା ଅଭୟଚଣ୍ଡୀପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଘରେ ପଶି ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ମଙ୍ଗଳବାର ଭିଣୋଇଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ଜେଲେ ଉକ୍ତ ଥାନା ଅଞ୍ଚଳର ନାବାଳିକାଙ୍କ ସମ୍ପର୍କୀୟ ଭିଣୋଇ କୁମାର ଦଲାଇ (୨୮)। ଘଟଣା ୨ ମାସ ପୂର୍ବରୁ ହୋଇଥିଲେ ବି ଏଥର ୧୬ ବର୍ଷୀୟା ନାବାଳିକା ଜଣକ ସୋମବାର ସନ୍ଧ୍ୟାରେ ଘରେ ଏକୁଟିଆ ଥିଲାବେଳେ ମା' ବାପା ବଜାରକୁ ଯାଇଥିଲେ। ଏହାର ସୁଯୋଗ ନେଇ କୁମାର ନାବାଳିକାଙ୍କ ଘରେ ପଶି କବାଟ ବନ୍ଦ କରି ବଳାତ୍କାର କରିଥିଲେ। ଏହି ସମୟରେ ସମ୍ପୃକ୍ତ ନାବାଳିକା ଚିତ୍କାର କରିବାରୁ କୁମାର ତାଙ୍କ ପାଟିରେ ଗାମୁଛା ଭର୍ତ୍ତି କରି ହତ୍ୟା ଧମକ ଦେଇ ବଳାତ୍କାର କରିଥିଲେ। ଘର ପାଖରେ ରହୁଥିବା ପଡ଼ୋଶୀଙ୍କ ଝିଅ ପୀଡ଼ିତାଙ୍କ ଚିତ୍କାର ଶୁଣି ଘର ଚାଳ ଫାଙ୍କରେ ଦେଖିଥିଲେ। ସେତେବେଳେ କୁମର ନାବାଳିକାଙ୍କୁ ବଳାତ୍କାର କରୁଥିବା ଦେଖି ସେ ଝିଅଟି ଦଉଡ଼ିଯାଇ କବାଟକୁ ଗୋଇଠା ମାରି ପିଟାଇ ଦେଇଥିଲେ। ଫଳରେ କୁମର ସେଠାରୁ ଖସି ପଳାଇଥିଲେ। ପୀଡ଼ିତାଙ୍କ ମା' ବାପା ଘରକୁ ଫେରିବା ପରେ ଘଟଣା ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏନେଇ ପୀଡ଼ିତାଙ୍କ ବାପା ମଙ୍ଗଳବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ମାମଲା (ନଂ. ୧୨୪/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।


## ଉଗାଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗାଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)



**ଯାହା କରିବେ ସାଇଁ,**
**ତାହା କାହାରି ହାତରେ ନାହିଁ।**

ଭଗବାନ ଯାହା କରିପାରିବେ ତାହା ଅନ୍ୟ କେହି କରିପାରିବେ ନାହିଁ। ସେ ହିଁ ସଂସାରରେ ସର୍ବକ୍ଷମତାପନ୍ନ ହେବା ସହ ସର୍ବଶକ୍ତିମାନ ଓ ସକଳ ଶକ୍ତିର ଆଧାର ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯାଚି କଲ୍ୟାଣ**
**ମାଗି ଓଲିକି**

ଆଜିର ସମୟରେ ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସମସ୍ତେ ଅନ୍ୟଠାରୁ ଜୁହାର ଖୋଜିବାକୁ ଉଚିତ ମଣିଥାନ୍ତି। ସେଥିରୁ କାଣିଚାଏ ଊଣା ହୋଇଗଲେ ମନ ବିବ୍ରତ ହୋଇଯାଏ କିମ୍ବା ଓଲିଟି ମାଗିବା ଭଳି ବାତେଲା କରେ। ସାଧାରଣତଃ ଗୁଣୀ ମେଧାବୀ ବ୍ୟକ୍ତିଙ୍କୁ ସ୍ୱତଃ ସମ୍ମାନ ମିଳେ, ତାକୁ ସମ୍ମାନ ମାଗିବାକୁ ପଡେନାହିଁ। ସେହିପରି ନମସ୍କାର କରୁଥିବା ବିନୟୀ ବ୍ୟକ୍ତିଙ୍କୁ ପ୍ରତ୍ୟୁଷ ଉତ୍ତରେ କଲ୍ୟାଣ କରାଯାଏ, କଲ୍ୟାଣ ଯାଚିବାକୁ ପଡୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଉଗାଡମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉଭୋଳିତ ପାଣିପାଗର ଚିତ୍ର।

**ସରକାରୀ ବାବୁଙ୍କୁ ନଜର ରଖିବ ଏଆଇ କ୍ୟାମେରା**




# ଏଆଇ ଜଗିବ ଅଧିକାରୀ, କର୍ମଚାରୀଙ୍କ ଉପସ୍ଥାନ

**ଭୁବନେଶ୍ୱର, ୧୨।୮ (ସୁନିତ୍ ମିଶ୍ର)**

## ସଚିବସ୍ତରୀୟ ବୈଠକ ଅନୁଷ୍ଠିତ

- ଠିକ୍ ସମୟରେ ଅଫିସ ଆସୁ ନ ଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ
- କାର୍ଯ୍ୟ ସମ୍ପାଦନ କରୁ ନ ଥିବା କର୍ମଚାରୀଙ୍କୁ ଦିଆଯିବ ଆଗୁଆ ଅବସର
- ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରାପ୍ତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଉତ୍ତରକୁ ଅଗ୍ରାଧିକାର ଦିଅ
- ଅକ୍ଟୋବରରୁ ଆରମ୍ଭ ହେବ ଚିଫ୍ ମିନିଷ୍ଟର୍ସ ଡ୍ୟାସ୍‌ବୋର୍ଡ

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଛନ୍ତି। ଯେଉଁମାନେ ଠିକ୍ ସମୟରେ ଅଫିସ୍ ଆସୁନାହାନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରିକି ଉପସ୍ଥାନ ନ ରହିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ। ଠିକ୍ ଭାବେ କାର୍ଯ୍ୟ ସମ୍ପାଦନ କରୁ ନ ଥିବା ସରକାରୀ ଅଧିକାରୀ ତଥା କର୍ମଚାରୀମାନଙ୍କୁ ସମୟ ପୂର୍ବରୁ ବାଧ୍ୟତାମୂଳକ ଅବସର ଦିଆଯିବ। ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସଂସ୍ଥାଗତ ସୁଦୃଢ଼ୀକରଣ କରାଯିବ। ମୁଖ୍ୟମନ୍ତ୍ରୀଙ୍କଠାରୁ ପ୍ରାପ୍ତ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ଉତ୍ତରକୁ ଅଗ୍ରାଧିକାର ଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏକ ୧୫ ଦିନିଆ କାର୍ଯ୍ୟସୂଚୀ ସୂଚିତ କରାଯାଇ ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଏହି ଅବସରରେ ଗୁରୁତ୍ୱ ଦେଇଛନ୍ତି।

କର୍ମଚାରୀମାନେ ଠିକ୍ ସମୟରେ ଅଫିସରେ ପହଞ୍ଚିବା ପାଇଁ ପୂର୍ବରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସବୁ ବିଭାଗକୁ ନିର୍ଦ୍ଦେଶ ଦେଇଥିଲା। ଏହାକୁ ନିଶ୍ଚିତ କରିବା ପାଇଁ ସରକାର କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଭିତ୍ତିକ ଉପସ୍ଥାନ ଯାଞ୍ଚ ବ୍ୟବସ୍ଥା କରିବାକୁ ବିଚାର କରିଛନ୍ତି। ଲୋକସେବା ଭବନ ଓ ଖାରବେଳ ଭବନରୁ ଏହାକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରାଯିବ। ପରେ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗକୁ ପଦକ୍ଷେପ ନେବାପାଇଁ ପରାମର୍ଶ ଦିଆଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଏ ସମ୍ପର୍କରେ ପ୍ରସ୍ତୁତି ନେଇ ଉପସ୍ଥାପନ କରିଛନ୍ତି। ଯେଉଁ ସରକାରୀ ଅଧିକାରୀ ବା କର୍ମଚାରୀମାନେ କାର୍ଯ୍ୟ ଠିକ୍ ଭାବେ ସମ୍ପାଦନ କରୁନାହାନ୍ତି, ସେମାନଙ୍କୁ ବିଭାଗ ସ୍ତରରେ ମାସିକ ବା ବିଭିନ୍ନ ସମୟରେ ସେମାନଙ୍କ କାର୍ଯ୍ୟ ପ୍ରଦର୍ଶନ ସମୀକ୍ଷା ହୋଇ ତଥ୍ୟ ରଖାଯିବ। ସରକାରୀ ବ୍ୟବସ୍ଥା ଅନୁସାରେ ଅବସର ପୂର୍ବରୁ ଅବସର ଦେବା ପାଇଁ ପଦକ୍ଷେପ ନେଇ ବୈଠକରେ ଆଲୋଚନା ହୋଇଛି।

କାର୍ଯ୍ୟରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ନ ରହିବା, ଅଭିଯୋଗ ଶୁଣାଣିରେ ଅପ୍ରଭାବୀ ପ୍ରଦର୍ଶନ, ଦୁର୍ନୀତିକୁ ଚିହ୍ନଟ କରିବାରେ ଦୁର୍ବଳ ହାର, ଅସାଧୁତା, ନିୟମିତ ତଦାରଖ ବ୍ୟବସ୍ଥା ନ କରାଯିବା ଆଦି ଦୁର୍ନୀତିର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରାଯାଇଛି। ବିଭାଗୀୟ କାର୍ଯ୍ୟର ତଦାରଖ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରିବା ପାଇଁ ଅକ୍ଟୋବର ୧ରୁ ତଥ୍ୟ ସମ୍ବଳିତ ମୁଖ୍ୟମନ୍ତ୍ରୀଙ୍କ ଡ୍ୟାସ୍ ବୋର୍ଡ(ଚିଫ୍ ମିନିଷ୍ଟର୍ସ ଡ୍ୟାସ୍ ବୋର୍ଡ) କାର୍ଯ୍ୟକାରୀ କରାଯିବା ସମ୍ପର୍କରେ ପ୍ରସ୍ତୁତି ନେଇ ଆଲୋଚନା କରାଯାଇଛି। ପ୍ରମୁଖ କେନ୍ଦ୍ର ଓ ରାଜ୍ୟ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ମଞ୍ଜୁରୀ ପାଇଁ ଆବଶ୍ୟକ ଭୂଅଧିଗ୍ରହଣ, ପିଏମଜି ଓ ପ୍ରଗତିରେ ଅନ୍ତର୍ଭୁକ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଜିଲାପାଳମାନେ ପ୍ରତି ମାସର ୭ ତାରିଖ ସୁଦ୍ଧା ଜିଲାସ୍ତରରେ, ସମ୍ପୃକ୍ତ ବିଭାଗୀୟ ମୁଖ୍ୟ ବିଶେଷ କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମାସର ୧୨ ତାରିଖ ସୁଦ୍ଧା ସମୀକ୍ଷା ବୈଠକ କରିବେ। ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ମାସର ଶେଷ ଶନିବାର ସମୀକ୍ଷା ବୈଠକ ଅନୁଷ୍ଠିତ ହେବ।

**ସବୁ ବିଭାଗକୁ ଅନୁସୂଚିତ ଜାତି ବିଭାଗର ତାଗିଦ**

# ‘ହରିଜନ’ ଲେଖନାହିଁ

**ଭୁବନେଶ୍ୱର, ୧୨।୮ (ରବିନାରାୟଣ ଜେନା)**

ଏଣିକି ‘ହରିଜନ’ ଶବ୍ଦ କୌଣସି ସରକାରୀସ୍ତର କିମ୍ବା ଶିକ୍ଷାକ୍ଷେତ୍ରରେ ବ୍ୟବହାର କରାଯିବନାହିଁ। ଏନେଇ ବହୁ ପୂର୍ବରୁ ରୋକ୍ ଲାଗିଥିଲେ ହେଁ ମଙ୍ଗଳବାର ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ସଚିବ ବି. ପରମେଶ୍ୱର ପୁନର୍ବାର ସମସ୍ତ ବିଭାଗର ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି।

ମଙ୍ଗଳବାର ସଚିବ ପରମେଶ୍ୱର ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଓ ସଚିବଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି ଯେ, ଏ ସଂକ୍ରାନ୍ତରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ୨୦୧୨ ନଭେମ୍ବର ୨୨ର ଏକ ନିର୍ଦ୍ଦେଶନାମାକୁ ଆଧାରକରି ୨୦୧୩ ଜାନୁଆରୀ ୧୦ରୁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ହେଲେ ଓଡ଼ିଶା ମାନବ ଅଧିକାର ଆୟୋଗଙ୍କ ପକ୍ଷରୁ ଏକ ମାମଲାକୁ ଆଧାରକରି ୨୦୨୫ ଜାନୁଆରୀ ୩୧ରେ ପୁନର୍ବାର ନିର୍ଦ୍ଦେଶ ଆସିଛି ଯେ, ‘ହରିଜନ’ ଶବ୍ଦ ବ୍ୟବହାର କରାଯିବନାହିଁ। ତେଣୁ ସରକାରୀ କାର୍ଯ୍ୟ, ନଥିପତ୍ର ସମ୍ପାଦନ ଓ ଜାତିଗତ ପ୍ରମାଣପତ୍ର ପ୍ରଦାନ ବେଳେ ଏହି ଶବ୍ଦ ବ୍ୟବହାର ହେବନାହିଁ। ସେ ଦର୍ଶାଇଛନ୍ତି, ସମ୍ବିଧାନରେ ଉଲ୍ଲେଖ ଥିବା ‘ସିଡ୍ୟୁଲ୍ଡ କାଷ୍ଟ’ ଅର୍ଥାତ୍ ଅନୁସୂଚିତ ଜାତି ହିଁ ‘ହରିଜନ’ ଶବ୍ଦର ପ୍ରତିବଦଳରେ ସବୁକ୍ଷେତ୍ରରେ ବ୍ୟବହାର କରାଯାଇପାରିବ। ଏହାକୁ ପ୍ରତ୍ୟେକ ସରକାରୀସ୍ତର, ସ୍ୱୟଂଶାସିତ ପରିଷଦ ଏବଂ ଅଧସ୍ତନ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ହେବା ଆବଶ୍ୟକ। ଏନେଇ ବିଭାଗ ପକ୍ଷରୁ ଉପଯୁକ୍ତ ସଚେତନତା ସୃଷ୍ଟି କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ଲାଗି ସଚିବ ବି. ପରମେଶ୍ୱର ପତ୍ରରେ ଦର୍ଶାଇଛନ୍ତି।

# ତେଲଙ୍ଗାନାରେ ଦୁର୍ଘଟଣା: ୩ ଦାଦନ ଶ୍ରମିକ ମୃତ

**ଉମରକୋଟ, ୧୨।୮ (ସନ୍ତୋଷ ଶତପଥୀ)**



ଜୟରାମ ଭତ୍ରା


ନାରାୟଣ ଭତ୍ରା


ଚେତମନ ଭତ୍ରା

ଦି’ପଇସା ରୋଜଗାର ଲକ୍ଷ୍ୟରେ ତେଲଙ୍ଗାନାକୁ ଦାଦନ ଖଟିବାକୁ ଯାଇଥିଲେ। କିନ୍ତୁ ସୋମବାର ସେଠାରେ ଏକ ସଡ଼କ ଦୁର୍ଘଟଣାରେ ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଝରିଗାଁ ବ୍ଲକ ବକଡ଼ାବେଡ଼ା ଗ୍ରାମର ୩ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଉକ୍ତ ଗାଁର ଜୟରାମ ଭତ୍ରା(୫୬), ନାରାୟଣ ଭତ୍ରା(୨୦) ଓ ଚେତମନ ଭତ୍ରା(୨୧)। ମଙ୍ଗଳବାର ଏହି ଖବର ପାଇବା ପରେ ସନ୍ଧ୍ୟାରେ ପରିବାର ଲୋକେ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଙ୍ଗଳବାର ସେଠାରୁ ଆମ୍ବୁଲାନ୍ସରେ ଆସୁଥିବା ମୃତଦେହ ବୁଧବାର ଗ୍ରାମରେ ପହଞ୍ଚିବ ବୋଲି ସୂଚନା ମିଳିଛି। ସୂଚନାନୁଯାୟୀ, ୧୧ ଦିନ ତଳେ ବକଡ଼ାବେଡ଼ା ଗ୍ରାମର ୧୪ ଜଣ ଶ୍ରମିକ ଜଣେ ଦଲାଲଙ୍କ ସହାୟତାରେ ଦାଦନ ଖଟିବାକୁ ଯାଇଥିଲେ। ତେଲଙ୍ଗାନା ରାଜ୍ୟର କିସାରା ଥାନା ଅଧୀନ ସିକନ୍ଦର କମମ ଅଞ୍ଚଳ ରାସ୍ତାପାର୍ଶ୍ୱରେ ତାରା ଲଗାଇବା କାର୍ଯ୍ୟରେ ଏହି ୧୪ ଶ୍ରମିକ ନିୟୋଜିତ ଥିଲେ। ତେବେ ସୋମବାର ମଧ୍ୟାହ୍ନଭୋଜନ କରି ପୁଣି କାମକୁ ଯିବାବେଳେ ପଛପଟରୁ ଏକ ଗାଡ଼ି(ଟିଜି-୦୮T-୨୪୯୬) ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜୟରାମ, ନାରାୟଣ ଓ ଚେତମନଙ୍କ ମୃତ୍ୟୁ ହୋଇଯାଇଥିଲା। ସେଠାକାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଜବତ କରିବା ସହ ମୃତଦେହ ଜବତକରି ବ୍ୟବଚ୍ଛେଦ କରାଇଥିଲା। ଘଟଣା ସମ୍ପର୍କରେ ମଙ୍ଗଳବାର ସକାଳ ୯ଟାରେ ପରିବାର ସଦସ୍ୟ ଖବର ପାଇଥିଲେ। ଖବର ଲେଖାଯିବା ବେଳକୁ ଅନ୍ୟ ୧୧ ଶ୍ରମିକ ଆମ୍ବୁଲାନ୍ସ ଯୋଗେ ୩ ମୃତଦେହ ଧରି ବକଡ଼ାବେଡ଼ା ଅଭିମୁଖେ ବାହାରିଥିବା ଜଣାପଡ଼ିଛି। ବୁଧବାର ସମସ୍ତ ମୃତଦେହ ଗାଁରେ ପହଞ୍ଚିବ ବୋଲି ମୃତ ଜୟରାମଙ୍କ ପୁଅ ଶୈଳେନ୍ଦ୍ର ସୂଚନା ଦେଇଛନ୍ତି। ଏ ନେଇ ଶୈଳେନ୍ଦ୍ର ଉମରକୋଟ ଥାନାରେ ଲିଖିତ ଭାବେ ଜଣାଇଛନ୍ତି।

# ଆଜିଠୁ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ମୋହନ ଭାଗବତ



**ଭୁବନେଶ୍ୱର, ୧୨।୮ (ସୁନିତ୍ ମିଶ୍ର)**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗବତ ୩ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବୁଧବାର ସନ୍ଧ୍ୟାରେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେ ତିନି ଦିନିଆ ଓଡ଼ିଶା ଗସ୍ତ ସାରି ଆସନ୍ତା ୧୫ରେ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସଂଘର ଓଡ଼ିଶା ପୂର୍ବ ପ୍ରାନ୍ତର ପ୍ରାନ୍ତ ପ୍ରଚାର ପ୍ରମୁଖ ସୁମନ୍ତ କୁମାର ପଣ୍ଡା କହିଛନ୍ତି। ସୁମନ୍ତ କହିଛନ୍ତି, ଭାଗବତ ଗୌଡୀୟ ମିଶନ ନିମନ୍ତ୍ରଣ କ୍ରମେ ଓଡ଼ିଶା ଆସୁଛନ୍ତି। ସେ ୧୩ରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଉତ୍କଳ ବିପନ୍ନ ସହାୟତା ସମିତିରେ ଅବସ୍ଥାନ କରିବେ। ୧୪ରେ କଟକ ସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଗୌଡୀୟ ବୈଷ୍ଣବ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେବେ। ସେଦିନ ସନ୍ଧ୍ୟାରେ ପୁରୀ ଯାଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ସହିତ ଗୋବର୍ଦ୍ଧନ ପୀଠର ପୂଜ୍ୟ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟି ଭୁବନେଶ୍ୱର ଫେରି ଆସିବେ। ୧୫ରେ ଭାଗବତ ଓଡ଼ିଶାରୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସେ କହିଛନ୍ତି।





# ବିଷପିଇ ଆତ୍ମହତ୍ୟା କଲେ ଚାଷୀ

**ସୋନପୁର/ ବିନିକା, ୧୨।୮ (ମୃତ୍ୟୁଞ୍ଜୟ ଶତପଥୀ/ ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ଚୌକାମାଲ ଗାଁର ଚାଷୀ ସୁରେନ୍ଦ୍ର ବିଶ୍ୱାଳ(୪୨) ବିଷ ପିଇ ଆତ୍ମହତ୍ୟ କରିଛନ୍ତି। ମାନସିକ ଦୁଶ୍ଚିନ୍ତା କିମ୍ବା ପାରିବାରିକ କଳହରୁ ସେ ଧାନଚାଷରେ ବ୍ୟବହୃତ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇପାରିନି। ଚକାମନ ବିଶ୍ୱାଳଙ୍କ ତିନିପୁଅ ଯୋଗୀନ୍ଦ୍ର(୪୫), ସୁରେନ୍ଦ୍ର ଓ ମିଥୁନ(୩୦)। ଚକାମନଙ୍କ ବାର୍ଦ୍ଧକ୍ୟ କାରଣରୁ ତାଙ୍କ ସାଢ଼େ ୪ ଏକର ଜମିକୁ ପୁଅମାନେ ଚାଷ କରି ପରିବାର ପ୍ରତିପୋଷଣ କରି ଆସୁଥିଲେ। ଚଳିତ ଖରିଫ ଋତୁରେ ସୁରେନ୍ଦ୍ର ଧାନ ଚାଷ କରିଥିଲେ। ସିଆଲି ଓ ଚୌକାମାଲ ମୌଜାରେ ଥିବା ପୈତୃକ ଜମି ଭାଗବଣ୍ଟାକୁ ନେଇ ସୁରେନ୍ଦ୍ରଙ୍କର ବଡ ଭାଇ ଯୋଗୀନ୍ଦ୍ରଙ୍କ ସହିତ ବିବାଦ ଥିଲା। ଏ ନେଇ ଲଛିପୁର ଥାନାରେ ଅଭିଯୋଗ ହୋଇଥିଲା। ଆଇଆଇସି ଭୋଜରାଜ ସାଙ୍କ ପରାମର୍ଶକ୍ରମେ ରବିବାର ୩ ଭାଇ ଥାନାକୁ ଆସି ଆପୋସ ସମାଧାନ କରିଥିଲେ। ଆଲୋଚନା ମାଧ୍ୟମରେ ଜମି ବିବାଦ ସମାଧାନ ହୋଇଥିବା ନେଇ ତିନି ଭାଇ ଲିଖିତ ଭାବେ ଆଇଆଇସିଙ୍କୁ ଜଣାଇଥିଲେ। ତେବେ ଘରକୁ ଫେରିବା ପରେ ସୁରେନ୍ଦ୍ର ଚିନ୍ତାରେ ଥିଲେ। ସୋମବାର ସେ କୀଟନାଶକ ପିଇ ଦେଇଥିଲେ। ବିନିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ ବୁର୍ଲା ଭିମ୍ସାରରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକେ ତାଙ୍କ ମୃତଦେହକୁ ନେଇ ମଙ୍ଗଳବାର ଅପରାହ୍ନରେ ଲଛିପୁର ଥାନାକୁ ଆସିଥିଲେ। ତାପରେ ପଡି ସମାଧାନ କାଗଜାତରେ ଦସ୍ତଖତ କରିବା ପରେ ସୁରେନ୍ଦ୍ର ମାନସିକ ଭାରସାମ୍ୟ ହରାଇ ବସିଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ, ଯାହାକୁ ପୋଲିସ ଖଣ୍ଡନ କରିଛି।


ସୁରେନ୍ଦ୍ର ବିଶ୍ୱାଳ



ସମସ୍ତ ପ୍ରକାର କାର୍ଯ୍ୟକୁ ଭଲ ଭାବେ ସଂପନ୍ନ କରିବାକୁ ଇଚ୍ଛା କର। ଉନ୍ନତି କରିବାକୁ ପ୍ରୟାସ କର। ଜୀବନରେ ସାଧାରଣ ମଣିଷଠାରୁ କିଛିଟା ଅଧିକ ଭଲ ହେବାକୁ ଆକାଂକ୍ଷା କର। -ଶ୍ରୀମା

-ଭୁଖୁବାମନ ଓଷା, ଶ୍ରୀମନ୍ଦିରରେ ରେଖା ପଞ୍ଚମୀ ଓ ଗୃହଶାଂ ରକ୍ଷା ପଞ୍ଚମୀ



# ବୁଲା କୁକୁର

ଭାରତରେ ବୁଲା କୁକୁରଙ୍କ ସଂଖ୍ୟା ୨୦୧୯ ପ୍ରାଣୀ ଗଣନା ତଥ୍ୟ ଅନୁଯାୟୀ ୬ କୋଟି। ୨୦୨୫ରେ ଏମାନଙ୍କ ସଂଖ୍ୟା ଯଥେଷ୍ଟ ବଢ଼ିଥିବ। ଓଡ଼ିଶାରେ ଏହି କୁକୁରଙ୍କ ସଂଖ୍ୟା ପାଖାପଖି ୧୮ ଲକ୍ଷ ବୋଲି କୁହାଯାଉଛି, ଯାହା ଉତ୍ତର ପ୍ରଦେଶ ପରେ ଦ୍ୱିତୀୟ ସର୍ବାଧିକ। ବୁଲା କୁକୁର ଗାଁ ଗହଳିଠାରୁ ସହର ବଜାର ଗଳିକନ୍ଦି ଓ ରାସ୍ତା ଉପରେ ଯେଉଁଭଳି ବୁଲିଥାଆନ୍ତି ଏବଂ ସେମାନଙ୍କ ଯୋଗୁ ଯେତେ ପ୍ରକାର ଦୁର୍ଘଟଣା ଘଟିଥାଏ ତାହା ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରିଥାଆନ୍ତି। ଦିଲ୍ଲୀ-ଏନ୍‌ସିଆର୍‌ରେ ବୁଲା କୁକୁରଙ୍କ ଉପଦ୍ରବ ଓ ଜଳାତଙ୍କ ରୋଗରେ ମୃତ୍ୟୁ ମାମଲାକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ନିଜ ଆଡୁ ୧୧ ଅଗଷ୍ଟ ୨୦୨୫ରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅଞ୍ଚଳରେ ଥିବା ବୁଲା କୁକୁରଙ୍କୁ ୮ ସପ୍ତାହ ମଧ୍ୟରେ ବିଭିନ୍ନ ଆବାସିକ ଅଞ୍ଚଳରୁ ଉଠାଇ ନେଇ ଆଶ୍ରୟସ୍ଥଳରେ ରଖିବାକୁ କୁହାଯାଇଛି। ଏଥିରେ କୌଣସି ବ୍ୟକ୍ତି କିମ୍ବା ସଙ୍ଗଠନ ବାଧା ସୃଷ୍ଟି କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସର୍ବୋଚ୍ଚ ଅଦାଲତଙ୍କ ଏହି ନିର୍ଦ୍ଦେଶ ପରେ ପ୍ରାଣୀପ୍ରେମୀ ସଙ୍ଗଠନଗୁଡ଼ିକ ରାସ୍ତାକୁ ଓହ୍ଲାଇଛନ୍ତି। କୁକୁରଙ୍କ ସ୍ୱାଧୀନତା ପାଇଁ ଲଢୁଥିବା ବ୍ୟକ୍ତି ବା ସଙ୍ଗଠନ ନିଶ୍ଚିତ ଉପରୋକ୍ତ ନିର୍ଦ୍ଦେଶକୁ ବିରୋଧ କରିବେ ଜାଣି ଖଣ୍ଡପୀଠ କହିଥିଲେ ଜଳାତଙ୍କ ରୋଗରେ ପ୍ରାଣ ହରାଇଥିବା ଲୋକଙ୍କ ଜୀବନକୁ ଫେରାଇ ଆଣିପାରିବେ କି ? ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଏକ ବିତର୍କକୁ ଜନ୍ମ ଦେଇଛି। ପ୍ରାଣୀପ୍ରେମୀ ଅଦାଲତଙ୍କ ରାୟକୁ ସମାଲୋଚନା କରିଥିବା ବେଳେ କୁକୁର ଉପଦ୍ରବକୁ ସିଧାସଳଖ ଅନୁଭବ କରୁଥିବା ବ୍ୟକ୍ତିବିଶେଷ ସ୍ୱାଗତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାର ବଲାଙ୍ଗୀର ଜିଲାରେ ପାରା ଆଥ୍‌ଲେଟ ଯୋଗେନ୍ଦ୍ର ଛତ୍ରିଆଙ୍କ ସମେତ ଦୁଇ ଜଣ କୁକୁର କାମୁଡ଼ାରେ ପ୍ରାଣ ହରାଇବା ଅସଂଖ୍ୟ ଘଟଣା ମଧ୍ୟରୁ ଗୋଟିଏ। ପରିସଂଖ୍ୟାନରୁ ଜଣାପଡ଼ିଛି ଯେ, ଭାରତରେ ପ୍ରତି ୧୦ ସେକେଣ୍ଡରେ ଜଣେ କୁକୁର କାମୁଡ଼ାର ଶିକାର ହେଉଛନ୍ତି। ବିଶ୍ୱରେ ଭାରତର ସବୁଠୁ ଅଧିକ ବୁଲା କୁକୁର ଥିବା ବେଳେ ଜଳାତଙ୍କ ରୋଗରେ ମଧ୍ୟ ସର୍ବାଧିକ ଭାରତୀୟଙ୍କ ମୃତ୍ୟୁ ଘଟୁଛି (ବିଶ୍ୱ ଜଳାତଙ୍କଜନିତ ମୃତ୍ୟୁର ୩୬ ପ୍ରତିଶତ)।

**କୁକୁରଙ୍କ ସଂଖ୍ୟା ବୃଦ୍ଧି ଯେଭଳି ଉପଦ୍ରବ ସୃଷ୍ଟି କରୁଛି, ନିହାତି ପକ୍ଷେ ପ୍ରତିକାର ବ୍ୟବସ୍ଥା କରାଯାଉ। କିନ୍ତୁ ଏଥିଲାଗି ଗଭୀର ଅନୁଧ୍ୟାନ, ଆର୍ଥିକ ବ୍ୟବସ୍ଥା କରାଯାଇ ବାସ୍ତବଧର୍ମୀ ପଦକ୍ଷେପ ନିଆଗଲେ ପରିବର୍ତ୍ତନ ଆସିପାରନ୍ତା। ସେହିପରି କୁକୁର ପ୍ରେମୀ ଓ ପ୍ରାଣୀ ମଙ୍ଗଳ ସଙ୍ଗଠନଗୁଡ଼ିକ ଏହି କାର୍ଯ୍ୟରେ ସାମିଲ ହୋଇ ସକ୍ରିୟ ଯୋଗଦାନ କରିବା ସକାଶେ ଆଗେଇ ଆସିବା ଦରକାର।**

ଏଭଳି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ଶୁଣି ଆଶ୍ଚର୍ଯ୍ୟ ଲାଗୁଛି। କାରଣ ଏଥିରେ ବାସ୍ତବତାର ଘୋର ଅଭାବ ପରିଲକ୍ଷିତ ହେଉଛି। ମାତ୍ର ୮ ସପ୍ତାହ ମଧ୍ୟରେ ପାଖାପାଖି ୧୦ ଲକ୍ଷ କୁକୁରଙ୍କୁ ଦିଲ୍ଲୀ ବାହାରେ ଥଇଥାନ କରିବାକୁ ହେଲେ କେଉଁ ଆଶ୍ରୟସ୍ଥଳୀରେ ରଖାଯିବ କୋର୍ଟ କହିନାହାନ୍ତି। କୋର୍ଟଙ୍କୁ ମଧ୍ୟ ଜଣାଥାଇପାରେ ଏପର୍ଯ୍ୟନ୍ତ ଦିଲ୍ଲୀ ଏନ୍‌ସିଆର୍‌ରେ ଗୋଟିଏ ବି ସରକାରୀ ଆଶ୍ରୟସ୍ଥଳୀ ନାହିଁ। ଏତେ ଅଧିକ ସଂଖ୍ୟକ କୁକୁରଙ୍କ ପାଇଁ କେତୋଟି ଓ କେତେ ବଡ଼ ଆଶ୍ରୟସ୍ଥଳୀର ଆବଶ୍ୟକତା ରହିବ, ତାହା ସକାଶେ ଜାଗା କେଉଁଠି ଚିହ୍ନଟ ହେବ, କେତେ ସମୟ ଭିତରେ ନିର୍ମାଣ କାର୍ଯ୍ୟ ସରିବ, କେତେ ସଂଖ୍ୟକ ଲୋକ ଆଶ୍ରୟସ୍ଥଳୀରେ ନିୟୋଜିତ ହେବେ, କେତେ ପ୍ରାଣୀ ଚିକିତ୍ସକ ଓ ଆମ୍ବୁଲାନ୍ସ ଦରକାର ପଡ଼ିବ ଏବଂ ଏସବୁ ସହ ଔଷଧ, ଟିକା, ଖାଦ୍ୟ ପାଇଁ କେତେ ଅର୍ଥ ଏକକାଳୀନ ଓ ନିୟମିତ ଭାବେ ଖର୍ଚ୍ଚ ହେବ ; ସେ ବିଷୟରେ କିଛି କୁହାଯାଇନାହିଁ। ଏସବୁ ଦିଗ ସ୍ପଷ୍ଟ ନ ହେଲେ ୮ ସପ୍ତାହ କ'ଣ ୮ ବର୍ଷରେ ମଧ୍ୟ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା କାଠିକର ପାଠ। ସାଧାରଣତଃ ରାସ୍ତା ଉପରେ ବୁଲୁଥିବା ଗୋରୁଙ୍କର ମାଲିକ ଅଛନ୍ତି। ମ୍ୟୁନିସିପାଲିଟି ସେଗୁଡ଼ିକୁ ରାସ୍ତାରୁ ହଟାଇପାରୁ ନାହିଁ। ସେଭଳି ସ୍ଥଳେ କୁକୁରଙ୍କୁ ଥଇଥାନ କରିବା କଷ୍ଟକର ବ୍ୟାପାର। ସବୁଠାରୁ ବଡ଼ କଥା ହେଲା ବୁଲା କୁକୁରଙ୍କ ବନ୍ଧ୍ୟାକରଣ ଓ ଟିକାକରଣ ଉପଯୁକ୍ତ ପଦ୍ଧତିରେ କରାଯିବା ଦରକାର। ସେଭଳି କୁକୁରଙ୍କ ଟ୍ୟାଗିଂ ହେଲେ ପ୍ରକ୍ରିୟା ଆହୁରି ସହଜ ହେବ। ଏଥିସହିତ ଜଳାତଙ୍କ ରୋଗ ନ ବ୍ୟାପିବା ସକାଶେ ଟିକାକରଣ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ତେବେ ୨୦୨୪ର ଏକ ତଥ୍ୟରୁ ଜଣାପଡ଼ିଛି ଯେ, ଓଡ଼ିଶାରେ ୨୦୨୨-୨୩ରେ ୮ଟି ସହରରେ ୪,୬୦୫ କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଥିଲା। ଆମ ରାଜ୍ୟରେ ୧୮ ଲକ୍ଷ କୁକୁର ମଧ୍ୟରୁ ଯଦି ଏହି ସୀମିତ ସଂଖ୍ୟାର ବନ୍ଧ୍ୟାକରଣକୁ ଦେଖାଯାଏ, ତେବେ ଟାର୍ଗେଟ ପୂରଣ କରିବା ଅସମ୍ଭବ ମନେହେଉଛି।

କୁକୁରଙ୍କ ସଂଖ୍ୟା ବୃଦ୍ଧି ଯେଭଳି ଉପଦ୍ରବ ସୃଷ୍ଟି କରୁଛି, ନିହାତି ପକ୍ଷେ ପ୍ରତିକାର ବ୍ୟବସ୍ଥା କରାଯାଉ। କିନ୍ତୁ ଏଥିଲାଗି ଗଭୀର ଅନୁଧ୍ୟାନ, ଆର୍ଥିକ ବ୍ୟବସ୍ଥା କରାଯାଇ ବାସ୍ତବଧର୍ମୀ ପଦକ୍ଷେପ ନିଆଗଲେ ପରିବର୍ତ୍ତନ ଆସିପାରନ୍ତା। ସେହିପରି କୁକୁର ପ୍ରେମୀ ଓ ପ୍ରାଣୀ ମଙ୍ଗଳ ସଙ୍ଗଠନଗୁଡ଼ିକ ଏହି କାର୍ଯ୍ୟରେ ସାମିଲ ହୋଇ ସକ୍ରିୟ ଯୋଗଦାନ କରିବା ସକାଶେ ଆଗେଇ ଆସିବା ଦରକାର।

# ସମବାୟରେ ଦାରିଦ୍ର୍ୟ ଦୂରୀକରଣ



ପ୍ରତାପ ଚନ୍ଦ୍ର ସାମଲ

ଭାରତର ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ସେହି ତୁଳନାରେ ସାଧାରଣ ଲୋକଙ୍କର ଆର୍ଥିକ ବିକାଶର ଆଶାତୀତ ଭାବେ ବୃଦ୍ଧି ନ ପାଇବାରୁ ଗରିବ ଲୋକମାନେ ବିଭିନ୍ନ ପ୍ରକାର ବେଉସାକୁ ଆପଣାଉଛନ୍ତି। ଛେଳି ପାଳନ ତନ୍ମଧ୍ୟରୁ ଅନ୍ୟତମ। ଛେଳି ପାଳନ ଗରିବ ଲୋକଙ୍କ ଆର୍ଥିକ ସହାୟତାର ଆଶାବାଡ଼ି। ଛେଳିର କ୍ଷୀର, ମାଂସ, ଚମଡ଼ା, ଗୋବର ପ୍ରଭୃତି ଲୋକେ ବ୍ୟବହାର କରନ୍ତି। ବିଶେଷକରି ଛେଳି କ୍ଷୀର ଭିଟାମିନ ସାରଯୁକ୍ତ, ଛେଳି କ୍ଷୀରରେ ଗାଈ କ୍ଷୀର ତୁଳନାରେ ବହୁତ କମ୍ ଚର୍ବିଥାଏ। ଏହା ମା' କ୍ଷୀର ସହିତ ସମାନ ଥିବାରୁ ଶିଶୁମାନଙ୍କ ଖାଦ୍ୟଭାବରେ ବ୍ୟବହୃତ ହେବା ସଙ୍ଗେ ସଙ୍ଗେ ଶିଶୁର 'ଧର୍ମ ମା' ଭାବେ ଛେଳି ପରିଚିତ। ଛେଳି କ୍ଷୀର ଅତ୍ୟନ୍ତ ଭିଟାମିନ୍ ସାରଯୁକ୍ତ, ଜୀର୍ଣ୍ଣକାରକ ତଥା ଔଷଧୀୟ ଗୁଣକାରକ ହେତୁ ଜାତିର ପିତା ମହାତ୍ମା ଗାନ୍ଧୀ ଛେଳିକ୍ଷୀର ବ୍ୟବହାର କରୁଥିଲେ। ଛେଳିର ଗୋବର ଖତ ଅନ୍ୟାନ୍ୟ ଗୋ ମେଷାଦି ପ୍ରାଣୀର ଗୋବର ଖତ ତୁଳନାରେ ଅଧିକ ଶସ୍ୟ ଉତ୍ପାଦନକାରୀ।

ଅନେକ ଧନୀ ଲୋକ ସମାଜର ଗରିବଙ୍କୁ ଛେଳିପାଳନ ଭାଗକୁ ଲଗାଇ ଅଧେ ମୂଲ୍ୟ ପାଆନ୍ତି ଆଉ ଅଧେ ପାଳନକାରୀ ପାଆନ୍ତି। ଆଜିକାଲି ଗାଈକ୍ଷୀର ସହିତ ଛେଳିକ୍ଷୀର ମିଶି ପ୍ରକ୍ରିୟାକରଣ ଉପାୟରେ ଅଧିକ ବହଳିଆ ହେଉଥିବାରୁ ଏହାକୁ ପ୍ୟାକେଟ୍ କରାଯାଇ ବଜାରରେ ବିକ୍ରି କରାଯାଉଛି। ଫଳରେ ଏହାର ଚାହିଦା ଯଥେଷ୍ଟ ବୃଦ୍ଧି ପାଇଛି। ଆଗକାଳରେ ଯେଉଁ ମା' ମାନଙ୍କର କ୍ଷୀର ତା'ର ଶିଶୁପାଇଁ ଯଥେଷ୍ଟ ହେଉ ନ ଥିଲା ସେମାନେ ଛେଳି କ୍ଷୀରକୁ ଶିଶୁର ପାନୀୟ ଭାବେ ବ୍ୟବହାର କରୁଥିଲେ।

ଧନୀ ଲୋକଙ୍କ ଶୋଷଣରୁ ଗରିବଙ୍କୁ ମୁକ୍ତ କରାଇବା ପାଇଁ ୧୯୬୯ ମସିହାରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ବୃହତ୍ତମ ବେସରକାରୀ ବ୍ୟାଙ୍କଗୁଡ଼ିକୁ ଜାତୀୟକରଣ ଘୋଷଣା କରି ବ୍ୟାଙ୍କ ଦ୍ୱାରା କ୍ଷୁଦ୍ର ତଥା ନାମମାତ୍ର ଚାଷୀମାନଙ୍କୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମାଧ୍ୟମରେ ଚୟନ କରିବା ସହିତ ସମବାୟ ବ୍ୟାଙ୍କ ଚାଷୀମାନଙ୍କୁ ଅତିରିକ୍ତ ଆର୍ଥିକ ଆୟ ବୃଦ୍ଧି ସକାଶେ ରିହାତି ଋଣ ସୂତ୍ରରେ ଛେଳିପଲ ଯୋଗାଇଥିଲେ। ଚାଷୀମାନେ ବିଲ କାମ କରୁଥିଲା ବେଳେ ସେମାନଙ୍କର ପିଲାମାନେ ଛେଳି ଚରାଇ କିଛି ଅର୍ଥ ଉପାର୍ଜନ କରି ପରିବାରର ଖର୍ଚ୍ଚ ତୁଲାଇବାକୁ ଭାଗୀଦାରି ହେଉଥିଲେ। ୧୯୮୦ ମସିହାରେ ସମାଜର ଭୂମିହୀନ ଓ ଅତି ଦରିଦ୍ରତମ ଲୋକମାନଙ୍କର ଦାରିଦ୍ର ଦୂରୀକରଣ କରିବା ପାଇଁ ସରକାର ବ୍ୟାଙ୍କମାନଙ୍କ ଜରିଆରେ ରିହାତି ଋଣସୂତ୍ରରେ ଛେଳିପଲ ଯୋଗାଇବା ଆରମ୍ଭ କରିଥିଲେ।



ଛେଳି ଖୁରାରେ ଅଧିକ ମୃତ୍ତିକା କ୍ଷୟ ହୋଇ ଜମିଗୁଡ଼ିକ ମରୁଭୂମି ହୋଇଯିବ ବୋଲି ପୁରୁଣା କଥା ଅଛି। ଯୋଜନା କମିଶନର ପୂର୍ବତନ ସଭ୍ୟ ଅର୍ଥନୀତିଜ୍ଞ ଡା. ହନୁମନ୍ତ ରାଓ କମିଟି ଏହା ଉପରେ ତର୍ଜମା କରି ଉକ୍ତ ତଥ୍ୟର ପ୍ରାମାଣିକ ଭିତ୍ତି ନ ଥିବାର ରିପୋର୍ଟ ପ୍ରଦାନ କରିବାରୁ ଦାରିଦ୍ର୍ୟ ଦୂରୀକରଣରେ ଛେଳି ପାଳନକୁ ସରକାର ତଥା ବ୍ୟାଙ୍କମାନେ ଗୁରୁତ୍ୱ ଦେବା ଆରମ୍ଭ କରିଦେଇଥିଲେ।

ବିଶେଷକରି ଗୋମେଷାଦି ପ୍ରାଣୀ ତୁଳନାରେ ଛେଳି ଶୁଷ୍କ ଜଳବାୟୁରେ ସୁରୁଖୁରୁରେ ଜୀବନଧାରଣ କରିପାରୁଥିବାରୁ ରାଜସ୍ଥାନରେ ଦରିଦ୍ର ଲୋକମାନେ ଛେଳି ପାଳନକୁ ପ୍ରଧାନ ସମ୍ବଳ ଭାବରେ ଆଦରି ନେଇଛନ୍ତି। ରାଜ୍ୟ ସରକାର ଏହି ଯୋଜନାକୁ ଫଳପ୍ରଦ କରିବା ପାଇଁ ରିହାତି ଋଣ ସୂତ୍ରରେ ଗରିବ ଲୋକଙ୍କୁ ପଲ ପଲ ଛେଳି ଋଣ ଯୋଗାଇ ସେମାନଙ୍କୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠାଇବାରେ ବିଶେଷ ସାହାଯ୍ୟ କରୁଛନ୍ତି। ଛେଳି ରଖିବାରେ ଅନ୍ୟ ପ୍ରାଣୀ ତୁଳନାରେ ଛୋଟ ଗୁହାଳ ନିର୍ମାଣ ଓ କମ୍ ଚାରଣ କ୍ଷେତ୍ରର ଆବଶ୍ୟକ ହେତୁ ଗରିବ ଲୋକମାନେ ଛେଳି ପାଳନକୁ ଅଧିକ ପସନ୍ଦ କରୁଛନ୍ତି। ରାଜସ୍ଥାନର ମରୁଭୂମି ଛେଳିପାଳନ ପାଇଁ ଉପଯୁକ୍ତ ଓ ପ୍ରଶସ୍ତ କ୍ଷେତ୍ର ହୋଇଥିବାରୁ ଲୋକମାନଙ୍କର ଆଗ୍ରହ ଏଥିପ୍ରତି ବୃଦ୍ଧି ପାଉଛି। ମରୁଭୂମିରେ ଉଠିଥିବା କଣ୍ଟାଜାତ ଗଛର ପତ୍ରକୁ ଛେଳି ସହଜରେ ଖାଇପାରେ।

ଗରିବ ଲୋକମାନେ ଛେଳି ସମବାୟ ସମିତି ଗଠନ କରି ସମିତି ମାଧ୍ୟମରେ ବହୁସଂଖ୍ୟାରେ ଛେଳି ରଖିଲେ ମଧ୍ୟସ୍ଥଙ୍କ ଶୋଷଣରୁ ମୁକ୍ତ ହୋଇ ସମବାୟ ସମିତିମାନଙ୍କ ସହଯୋଗରେ ମାଂସ ଓ କ୍ଷୀର ବିକ୍ରିର ଦାୟିତ୍ୱ ନେବା ଦ୍ୱାରା ସଭ୍ୟମାନେ ବେଶି ମାତ୍ରାରେ ଉପକୃତ ହୋଇପାରୁଛନ୍ତି। ଛେଳି ପାଳନ ଦ୍ୱାରା ବ୍ୟାପକ ନିଯୁକ୍ତି ସୃଷ୍ଟି ହୋଇପାରିଛି। ବ୍ୟାଙ୍କମାନେ ସମବାୟ ସମିତିକୁ ପାଣ୍ଠି ଯୋଗାଇ ଠିକ୍ ସମୟରେ ଛେଳିଋଣ ନେଇଥିବା ଋଣୀମାନଙ୍କଠାରୁ ଠିକ୍ ସମୟରେ କିସ୍ତି ଆଦାୟ କରିପାରୁଛନ୍ତି। ଓଡ଼ିଶାରେ ବିସ୍ତୀର୍ଣ୍ଣ ପାହାଡ଼ିଆ ଅଞ୍ଚଳ ଥିବାରୁ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଲୋକମାନଙ୍କ ଦ୍ୱାରା ଛେଳି ପାଳନ ଲାଭଜନକ ହୋଇପାରିଛି। ଏ ପ୍ରକାର ସୁବିଧା ସାଧାରଣ ଲୋକମାନେ ନେବାପାଇଁ ସରକାରଙ୍କ ଦ୍ୱାରା ଅଧିକ ପ୍ରଚାର ଓ ପ୍ରସାର ହେବା ଆବଶ୍ୟକ।

ବିଶ୍ୱ ଦରବାରରେ ବିଭିନ୍ନ ଦେଶ ଗୃହପାଳିତ ଗୋମେଷାଦି ପଶୁ ସମ୍ପଦ ମଧ୍ୟରେ ଛେଳି ମାଂସ ଓ କ୍ଷୀର ଯୋଗାଇବାରେ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଛନ୍ତି। ପୃଥିବୀର ଗୋମେଷାଦି ମୋଟ ସଂଖ୍ୟାରୁ ଛେଳି ସଂଖ୍ୟା ଶତକଡ଼ା ୪୪ ଭାଗ। ବର୍ତ୍ତମାନ ପୃଥିବୀର ଛେଳି ସଂଖ୍ୟା ୧୨୦ କୋଟି ମଧ୍ୟରୁ ଭାରତରେ ଏମାନଙ୍କ ସଂଖ୍ୟା ୧୪ କୋଟି ୮୮ ଲକ୍ଷ ୪୭ ହଜାର। ସମଗ୍ର ଏସିଆ ମହାଦେଶରେ ପୃଥିବୀର ମୋଟ ଛେଳି ସଂଖ୍ୟାର ୬୦ ଭାଗ ଭାରତରେ ଦେଖିବାକୁ ମିଳେ। ଯାହାକି ଏହି ସଂଖ୍ୟା ୨୬ ଅକ୍ଟୋବର ୨୦୨୩ ସୁଦ୍ଧା ପ୍ରକାଶ କରାଯାଇଛି। ସମଗ୍ର ପୃଥିବୀରେ ଖାଦ୍ୟଭାବେ ଛେଳି ମାଂସ ବାର୍ଷିକ ୭୫ ଲକ୍ଷ ଟନ୍ ଓ କ୍ଷୀର ୨୦୦ ଲକ୍ଷ ଟନ୍ ଆବଶ୍ୟକ ହେଉଥିଲା ବେଳେ ଏସିଆ ମହାଦେଶର ଛେଳିମାନଙ୍କ ଦ୍ୱାରା ୩୮ ଲକ୍ଷ ଟନ୍ ମାଂସ ଓ ୮୦ ଲକ୍ଷ ଟନ୍ କ୍ଷୀର ମିଳିପାରୁଛି। ଭାରତରେ ମୋଟ ଗୋମେଷାଦି ସଂଖ୍ୟାରୁ ଶତକଡ଼ା ୩୦ ଭାଗ ହେଉଛି ଛେଳିସଂଖ୍ୟା। ସମୁଦାୟ ବାର୍ଷିକ କୃଷି ଓ ଆନୁଷଙ୍ଗିକ ଗୋମେଷାଦି ପାଳନରୁ ଛେଳିମାନେ କେବଳ ଶତକଡ଼ା ୧୯ ଭାଗ ଆର୍ଥିକ ଆୟ ଦେଉଛନ୍ତି। କୃଷି ଉତ୍ପାଦନ ୨୦୨୨-୨୩ ବର୍ଷ ମଧ୍ୟରେ ଶତକଡ଼ା ୫୭ ଭାଗକୁ ବୃଦ୍ଧି ପାଇଥିବା ସ୍ଥଳେ ଗୃହପାଳିତ ପଶୁସମ୍ପଦ ଶତକଡ଼ା ୩୭ ଭାଗକୁ ବୃଦ୍ଧି ପାଇଛି ଏବଂ ଚଳିତ ବର୍ଷ ଗୋମେଷାଦି ପ୍ରାଣୀ ସମ୍ପଦରୁ ଅଧିକ ୬୦ ହଜାର କୋଟି ଟଙ୍କା ଆୟ ହୋଇପାରିବ ବୋଲି ଯୋଜନା ପ୍ରଣୟନ କରାଯାଇଛି। ଭାରତୀୟ ଅର୍ଥନୀତିରେ ଗତବର୍ଷ ଛେଳି ଦ୍ୱାରା ୧୦୦୦ କୋଟି ଟଙ୍କା ଆୟ କରାଯାଇପାରିଛି।

ଛେଳି ପାଳନରେ ଗ୍ରାମ୍ୟ ଅର୍ଥନୀତିର ବିକାଶ ତଥା ନିଯୁକ୍ତି ପରିସର ବୃଦ୍ଧିର ଗୁରୁତ୍ୱ ହେତୁ ଭାରତୀୟ କୃଷି ଗବେଷଣା ସଂସ୍ଥା, ଭାରତୀୟ ପଶୁ ଗବେଷଣା ସଂସ୍ଥା ଓ ଜାତୀୟ ଦୁଗ୍ଧ ଗବେଷଣା ସଂସ୍ଥା ମିଶି ଛେଳିର ବଂଶବୃଦ୍ଧି ବିଶେଷକରି ଯମୁନା ପାରି ଓ ବାରବାରି ଜାତୀୟ ଦୁଇ ପ୍ରମୁଖ ଛେଳିର ବଂଶ ସୁରକ୍ଷା, ଛେଳିମାନଙ୍କ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ଓ କ୍ଷୀର ପ୍ରକ୍ରିୟାକରଣରେ ଗବେଷଣା ଅବ୍ୟାହତ ରଖିଛନ୍ତି। ଏହା ଭାରତୀୟ ଅର୍ଥନୀତିର ଅଭିବୃଦ୍ଧି ପାଇଁ ଏକ ଉପଯୁକ୍ତ ଯୋଜନା। ଓଡ଼ିଶା ସରକାର ଏଥିପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଇ ଯୋଜନାକୁ ସୁଫଳ କରାଇପାରିଲେ ଅର୍ଥନୀତି ବିକାଶ ହୋଇପାରିବ। କାରଣ ଓଡ଼ିଶାର ସମବାୟ ବିଭାଗ ଏ ବିଷୟରେ ବିଶେଷ ଧ୍ୟାନ ଦେବେ ବୋଲି ଆଶା।

**ବରିଷ୍ଠ ସମବାୟବିତ୍**
**ମୋ: ୯୦୯୦୩୨୫୮୦୨**

# ଶେଷ ସାଥୀ




ଡ. ଦ୍ୱିତୀ ଚନ୍ଦ୍ର ସାହୁ

ଜୀବନରେ ଶେଷ ସାଥୀ କିଏ ? ଏହାର ଉତ୍ତର ଭିନ୍ନ ଭିନ୍ନ ହୋଇପାରେ। ବ୍ୟକ୍ତିଗତ ରୁଚି ଅନୁସାରେ ତାହାର ଉତ୍ତର ନିଶ୍ଚିତ ଭିନ୍ନ ହେବ। ତେବେ ମୁଖ୍ୟତଃ ସ୍ୱାମୀ ସ୍ତ୍ରୀ ପ୍ରତି ଓ ସ୍ତ୍ରୀ ସ୍ୱାମୀ ପ୍ରତି ଅନୁରକ୍ତି ପ୍ରକଟ କରିବା ସ୍ୱାଭାବିକ। କେତେକ କ୍ଷେତ୍ରରେ ଏକାକୀ ରହୁଥିବା ପତି କିମ୍ବା ପତ୍ନୀଟିଏ ନିଜ ସନ୍ତାନକୁ ଜୀବନର ଶେଷ ଆଶ୍ରା ବୋଲି କହନ୍ତି। ଜୀବନର ଶେଷ ସମୟରେ ପୁଅ କାଳେ ବୃଦ୍ଧ ମାତାପିତାଙ୍କ ଆଶ୍ରା ହେବ ବୋଲି ଅନେକ ପିତାମାତା ଆଶାପ୍ରକଟ କରନ୍ତି। କିନ୍ତୁ ଆଜିକାଲିର ପରିସ୍ଥିତିରେ ପୁଅ ହୁଏତ ଏହାକୁ ଭୁଲ୍ ପ୍ରମାଣିତ କରୁଛି। ଅସହାୟ ଅବସ୍ଥାରେ ମାତାପିତାଙ୍କୁ ଛାଡ଼ି ନିଜର ସୁଖକର ଜୀବନ ଜିଇଁବାକୁ ପସନ୍ଦ କରୁଛନ୍ତି। ଏଭଳି ସ୍ଥିତିରେ ସମଗ୍ର ଭାରତୀୟ ପରିବାର ଆଜି ଆକ୍ରମାକ୍ତ। ସବୁଠି ସେଇ ଏକାପ୍ରକାର ଦୁଃଖର କୋହରାମ। ସବୁ ମାଆବାପାଙ୍କ ପାଟିରେ ଏକା ପ୍ରାୟ ଜୀବନ ସଙ୍ଗୀତ। ସେ ସଙ୍ଗୀତରେ କେବଳ କୋହ, ଦୁଃଖ ଏବଂ ଯାତନା ଭରପୂର। ତାକୁ ଯିଏ ଶୁଣିବ ସେ ବି ଲହରେଇ ଲହରେଇ କାନ୍ଦିବ। ଅଥଚ ସେ କାନ୍ଦର ସ୍ୱର କାହାକୁ ଶୁଭିବ ନାହିଁ। ବୟସ୍କବୟସ୍କାମାନେ ପରସ୍ପରକୁ ଭେଟିଲେ ଗୋଟିଏ ଚର୍ଚ୍ଚା ପୁଅଝିଅ କେମିତି ଅଛନ୍ତି, କୋଉଠି ଅଛନ୍ତି ଏବଂ ପଚରାପଚରି କରୁଛନ୍ତି ନା ନାହିଁ। ଉତ୍ତର ବି ସେଇ ଏକା ପ୍ରକାରର ଆସେ - 'ହଁ ! ଇଚ୍ଛା ହେଲେ ଫୋନ୍‌ଫାନ୍ କରନ୍ତି। ବର୍ଷେ ଦି ବର୍ଷରେ ଥରେ ମୁହଁ ଦେଖାଇବାକୁ ଆସନ୍ତି। କେବେକେବେ ଭିଡିଓ କଲ୍‌ରେ ମୁହଁ ଦେଖାଇ କୁଶଳ ଜିଜ୍ଞାସା କରନ୍ତି। ଆଉ କେହି କୁହନ୍ତି - ''କ'ଣ କହିବି ଆଜ୍ଞା ! ବହୁ କଷ୍ଟରେ ପୁଅକୁ ବଡ଼ କଲି। ଚାକିରିବାକିରି କଲା। ବଡ଼ଘର ଝିଅକୁ ବାହାହେଲା। ଏବେ ବାପାମାଆ ତା' ପାଇଁ ପରଦେଶୀ।'' ଏଭଳି ଆଉ କିଛି ଅସୁଖୀ ଉତ୍ତର ଶୁଣୁଥିବେ। ବାସ୍ତବିକ ସମାଜର ସ୍ଥିତି ବି ସେଇଆ। ଯନ୍ତ୍ରଣା ଭିତରେ ଚଳୁଛନ୍ତି ଆଜିର ବୟସ୍କ ମାଆବାପା। ଅବଶ୍ୟ ଅନେକଙ୍କ ନିକଟରେ ଚଳିବାକୁ କିଛି ଅଭାବ ନାହିଁ। ଚାକିରିରୁ ଅବସର ନେଇ ପେନ୍‌ସନ ପାଇ ବୁଢ଼ାବୁଢ଼ୀ ଘରେ ଚଳୁଛନ୍ତି। କିନ୍ତୁ ଜଣଙ୍କର ମୃତ୍ୟୁ ପରେ ଜୀବନ ଦୁର୍ବିଷହ ହୋଇପଡୁଛି। ଏକାକୀ ବଡ଼ ଘରେ ବଞ୍ଚିବା ସତରେ ଭାରି କଷ୍ଟ। ମନର କଥା କହିବାକୁ ଓ ଦୁଃଖ ଶୁଣିବାକୁ ପାଖରେ ଲୋକ ନାହାନ୍ତି। ନିଃସଙ୍ଗ ଜୀବନ ମଣିଷକୁ ଅସ୍ତବ୍ୟସ୍ତ କରୁଛି। ଏସବୁ ବଖାଣିବା ଭାରି କଷ୍ଟ ଓ ପୀଡ଼ାଦାୟକ।

କିନ୍ତୁ ଟିକେ ତଳେଇ ଦେଖିବା। ଆମ ସମାଜ ବାସ୍ତବରେ ସ୍ୱାର୍ଥପର ହୋଇଯାଇନି କି? ପୁଅ ନିଜ ସୁଖ ଚାହୁଁଛି। ମାଆବାପା ନିଜ ସୁଖ ପାଇଁ ପୁଅକୁ ଲୋଡୁଛନ୍ତି। ଏଭଳି ଅବସ୍ଥା ଭିତରେ ପରିବାର ବାଦେ ସମାଜରେ ଅନେକ ଅଛନ୍ତି ଯାହାକୁ ଆମେ କ୍ରମାଗତ ଭାବେ ଅଣଦେଖା କରିଆସୁଛୁ। କେବେ ପଚାରୁ ନ ଥିବା ଉଚ୍ଚ ଚାକିରି କରି ଥଇଥାନ ହୋଇଥିବା ପୁଅର ମାଆବାପାମାନେ ଅସଲରେ କରୁଛନ୍ତି କ'ଣ। ଏଇ ଦୁଃଖକୁ କ'ଣ ହରଣ କରିହେବନି। ନିଜ ହୃଦୟକୁ ଥରେ ଫେଡ଼ି ଦିଅ ଦେଖିବେ ଦୁଃଖ ବୋଲି ଯାହା ଛାତି ଭିତରେ ଜମାଟ ବାନ୍ଧିଛି ତାହା ନିମିଷକରେ ତରଳିଯିବ। ଯେଉଁ ଚିନ୍ତାରେ ଘାରି ହୋଇ ଅସମୟରେ ବହୁ ରୋଗକୁ ନିମନ୍ତ୍ରଣ କରୁଛନ୍ତି ତାହା ଉଭେଇଯିବ। କିନ୍ତୁ ଆମେ ସେପରି କରିପାରୁନୁ। ମୋଟା ଅଙ୍କର ପେନ୍‌ସନ ପାଉଥିବା ମଣିଷଟି ଯେତେବେଳେ ବଜାର ଯାଉଛି ତା'ର ଚରିତ୍ର ଧରାପଡୁଛି। ଦୂରଦୂରାନ୍ତରୁ ନିଜ ଉତ୍ପାଦିତ ଫସଲ ଧରି ଆସି ଫୁଟ୍‌ପାଥରେ ବସିଥିବା ଗରିବଗୁରୁବାଙ୍କ ସହ ଟଙ୍କେ ଦି ଟଙ୍କା ପାଇଁ ଯୁକ୍ତି କରୁଥିବେ। ଜବରଦସ୍ତି ଗୋଟେ ଲେମ୍ବୁ କି ଗୋଟେ ଫଳ ବିକ୍ରେତାଙ୍କ ପ୍ରତିରୋଧ ସତ୍ତ୍ୱେ ବ୍ୟାଗ୍‌ରେ ଭରୁଥିବେ। ଏଣେ ଘରେ ଖାଇବାକୁ ଲୋକ ନ ଥିବେ ବାହାରେ ବେପାରୀଙ୍କ ସହ ମୂଲଚାଲ କରୁଥିବେ। ପେନ୍‌ସନ ଗଣ୍ଡାକ ଦି ପ୍ରାଣୀ କୁଟୁମ୍ବକୁ ଢେର ହୋଇ ଯାହିତାହି ବଳୁଥିବ ଅଥଚ ଲୋଭ କମୁ ନ ଥିବ। ତାକୁ କେମିତି ସାଇତି ରଖିହେବ ସେଥିପାଇଁ ଯୋଜନା ଚାଲେଇଥିବେ। କାହାକୁ ହାତ ଟେକି ଦେବା, ବେଳ ଅବେଳରେ ହୃଦୟ ଖୋଲାକରି ସାହାଯ୍ୟ ଦେବାକୁ ତଥାପି ହେଉଥିବେ କେଡ଼େ କୁଣ୍ଠକୁଣ୍ଠ। ନିତି ସକାଳ ହେଲେ ଯେଉଁମାନଙ୍କୁ ନେଇ ଆପଣଙ୍କର ଦିନ ଆରମ୍ଭ ହୁଏ, ପୁଣି ଯାହାଙ୍କର ସହଚାର୍ଯ୍ୟରେ ଦିନଟି ଭଲରେ ଭଲରେ କଟି ଶାନ୍ତି ନିଦଟିଏ ହୁଏ, ସେଇ ମଣିଷମାନଙ୍କ ପ୍ରତି ଆମର ପ୍ରତିବେଦନ କ'ଣ। ସେମାନଙ୍କ ପ୍ରତି ଆମ ଆଭିମୁଖ୍ୟ କେମିତି ରହୁଛି ଥରେ ଚିନ୍ତା କରନ୍ତୁ। କେବେ ପଚାରୁ ନ ଥିବା ଦୂରରେ ଥିବା ନିଜର ମଣିଷ ଅଚିରେ ପର କରିଦେଉଛି। ତା' ପାଇଁ ଧନସମ୍ପତ୍ତି ସାଇତି ଝୁରି ଝୁରି ମଣିଷ ଆଖି ବୁଜୁଛି। ମରିବାର ତିନି ଚାରିଦିନ ପରେ କିଏ ଆସୁଛି ତ ପୁଣି କିଏ ଅନ୍‌ଲାଇନରେ ଭିଡିଓ କଲିଂ ଜରିଆରେ ମୁଖାଗ୍ନି ଦେଉଛି। ଆଉ ସେଇ ମଣିଷଙ୍କ ପାଇଁ ଭାରି ଚିନ୍ତା ଆମର। ଅଥଚ ପର ବୋଲି ଭାବୁଥିବା ଆମ ଚାରିପାଖର ମଣିଷ ସମୟ ଅସମୟରେ ଆସି ପାଖରେ ଛିଡ଼ାହୋଇ ଆମ ସୁଖଦୁଃଖର ସାଥୀ ହୋଇପାରୁଛି। ତଥାପି ସେଇମାନଙ୍କ ପ୍ରତି ଆମର ଦୃଷ୍ଟିଭଙ୍ଗୀ ବଦଳିପାରୁନାହିଁ। ପର-ନିଜର ଭିତରେ ସମ୍ପର୍କକୁ ଖୋଜିଖୋଜି ମଲାଯାଏ ଗୋଟେ ଦ୍ୱିଧା କବଳିତ ଜୀବନକୁ ଧରି ବସୁଛୁ ପଛେ ମୋହରୁ ମୁକ୍ତି ପାଇପାରୁନାହୁଁ।

ଆଗକୁ ସମାଜର ବିକଳ ଚିତ୍ର ଆହୁରି କଦର୍ଯ୍ୟ ହେବ। ଗଲାବେଳେ ପାଖରେ ନିଜ ଲୋକ କେହି ନ ଥିବେ। ପର ବୋଲି ଭାବୁଥିବା ମଣିଷମାନେ ନିଜର ଭଳି ସବୁ ତୁଲାଇବେ। ଦୂରରେ ଥିବା ପୁତ୍ର ମୋହରୁ ମୁକ୍ତିର ବାଟ ଅବଶ୍ୟ ରହିଛି। ଆପଣ ସଞ୍ଚିଥିବା ସମ୍ପତ୍ତି କିଏ ଭୋଗ କରିବ ସତରେ ମରିବା ପରେ ଆପଣ ଜାଣିପାରିବେ କି? ଯଦି ନାହିଁ ତେବେ ମନକୁ ଥରେ ବଦଳାନ୍ତୁ। ହୃଦୟକୁ ଖୋଲି ଦିଅନ୍ତୁ। ଆମ ଚାରିପାଖର ମଣିଷମାନଙ୍କୁ ନିଜର ଭାବିବା ଆରମ୍ଭ କରନ୍ତୁ। ଭଲରେ ମନ୍ଦରେ ନିଜ ସାଧ୍ୟମତେ ସହଯୋଗ କରନ୍ତୁ। ଦେଖିବେ ଆପଣଙ୍କ ଶେଷ ଜୀବନ କେମିତି ବଦଳିଯିବ। କଳାଧଳାର ଦୁନିଆ ରଙ୍ଗିନ ରଙ୍ଗିନ ଲାଗିବ। ବଞ୍ଚିବାର ମୋହ ବଢ଼ିଯିବ। ଜୀବନ ପ୍ରତି ଲୋଭ ବଢ଼ିବ। ମଲା ପରେ କୋକେଇ ପାଇଁ ତଥାକଥିତ ପୁଅର କାନ୍ଧ ଅପେକ୍ଷା ଅନେକ ପୁଅଙ୍କ କାନ୍ଧ ଆଗେଇ ଆସିବ। ଆପଣଙ୍କ ଶେଷଯାତ୍ରା ଅନ୍ୟମାନଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। ଆଉ ସବୁଠାରୁ ବଡ଼ କଥା ଆପଣଙ୍କ ତିରୋଧାନ ପରେ ଆପଣଙ୍କ ଜୀବନ ସାଥୀର ଜୀବନ କାରୁଣ୍ୟମୟ ନ ହୋଇ ମଧୁମୟ ହେବ। ଆପଣ ଯଦି ବୟସ୍କ ମଣିଷ ଓ ସମ୍ପର୍କ ଖୋଜି ଖୋଜି ଦୁର୍ବିଷହ ଜୀବନ ଜିଉଁଛନ୍ତି ତେବେ ଜୀବନର ଶେଷ ସାଥୀଙ୍କୁ ଖୋଜିବାକୁ ଆଉ ବିଳମ୍ବ କାହିଁକି। ଆପଣଙ୍କ ଚାରିପାଖରେ ବହୁତ ଭଲ ମଣିଷ ଅଛନ୍ତି। ତାଙ୍କୁ ଆପଣାର କରିବାର ବେଳ ଆସିଯାଇଛି। ଏଣିକି ଆପଣଙ୍କର ନିଷ୍ପତ୍ତି!



**ଇନ୍ଦିରା ନଗର, ରାୟଗଡ଼ା**
**ମୋ:୯୪୩୭୯୦୯୬୭୧**

## ଏଇ ଭାରତରେ

ପ୍ରତିବର୍ଷ ଗୁଡ଼ି ମାଞ୍ଜା ସୂତାରେ ଅନେକ ହଜାର ପକ୍ଷୀ ଆହତ ହୋଇଥାନ୍ତି। ବିଶେଷକରି ସ୍ୱାଧୀନତା ଦିବସରେ ଦିଲ୍ଲୀରେ ସବୁଠୁ ବୋଈ ଗୁଡ଼ି ଉଡ଼ାଇବା ଦେଖାଯାଏ ଏବଂ ଏଥିରେ ମଧ୍ୟ ସର୍ବାଧିକ ପକ୍ଷୀ ଆହତ ହୋଇଥାନ୍ତି। ଏଭଳି ଆହତ ପକ୍ଷୀଙ୍କୁ ଉଦ୍ଧାର କରି ଦିଲ୍ଲୀର ୨ ଭାଇ ନଦିମ୍ ଶେଜାଦ ଓ ମହମ୍ମଦ ସାଉଦ ସେମାନଙ୍କର ଯତ୍ନ ନେଉଛନ୍ତି। ଦୁଇ ଦଶନ୍ଧିରୁ ଅଧିକ ହେଲା ଏମାନେ ୨୩,୦୦୦ରୁ ଊର୍ଦ୍ଧ୍ୱ ପକ୍ଷୀଙ୍କୁ ଉଦ୍ଧାର କରିସାରିଲେଣି। ଭେଟେରିନାରି ଡାକ୍ତରଙ୍କ ଦ୍ୱାରା ଆହତ ପକ୍ଷୀଙ୍କ ଚିକିତ୍ସା କରାଯାଉଛି। ପକ୍ଷୀମାନେ ଭଲ ହେବା ପରେ ସେମାନଙ୍କୁ ମୁକ୍ତ କରିଦିଆଯାଉଛି। ୨୦୦୩ରୁ ୨୦୧୦ ମଧ୍ୟରେ ସେମାନେ ନିଜସ୍ୱ ଉଦ୍ୟମରେ ଦିଲ୍ଲୀରୁ ବିଭିନ୍ନ ପ୍ରଜାତିର ୪୦୦ ପକ୍ଷୀ ଉଦ୍ଧାର କରିଥିଲେ। ପରେ 'ୱାଇଲ୍ଡଲାଇଫ୍' ଗଠନ କରି ବିଭିନ୍ନ ସ୍ୱେଚ୍ଛାସେବୀଙ୍କୁ ଏଥିରେ ସାମିଲ କରିଥିଲେ। ସେବେଠାରୁ ଏଯାବତ୍ ୧୦୦ ପ୍ରଜାତିର ମୋଟ ୨୩,୦୦୦ରୁ ଊର୍ଦ୍ଧ୍ୱ ପକ୍ଷୀ ଉଦ୍ଧାର କରିସାରିଛନ୍ତି। ଯେକୌଣସି ବ୍ୟକ୍ତି କିମ୍ବା ଦିଲ୍ଲୀ ପୋଲିସ ଓ ଫାୟାର ସର୍ଭିସ୍ ପକ୍ଷରୁ କଲ୍ ପାଇଲାମାତ୍ରେ ଏନ୍‌ଜିଓର ସଦସ୍ୟ ସେଠାରେ ପହଞ୍ଚି ପକ୍ଷୀଙ୍କୁ ଉଦ୍ଧାର କରୁଛନ୍ତି। ଯେଉଁ ପକ୍ଷୀ ଚିକିତ୍ସିତ ପରେ ଉଡ଼ିବାକୁ ଅକ୍ଷମ, ସେମାନଙ୍କ ଲାଗି ରହିବାର ବ୍ୟବସ୍ଥା ମଧ୍ୟ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୧୩ ଅଗଷ୍ଟ ୧୯୭୬**

- ପ୍ରବଳ ବର୍ଷା ଲାଗିରହିବା ଫଳରେ ଅମୃତସର ସହରରେ ବହୁ କୋଠାବାଡ଼ି ଭାଙ୍ଗିଯିବା ସହ ୧୪ ଜଣ ବ୍ୟକ୍ତିଙ୍କ ମୃତ୍ୟୁ।
- ଜମ୍ମୁ ଓ କଶ୍ମୀରର ବନ୍ୟା ପ୍ରଭାବିତ ଲୋକଙ୍କୁ ତୁରନ୍ତ ସାହାଯ୍ୟ ପାଇଁ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କା ମଞ୍ଜୁର।
- ପରୀକ୍ଷା ପଦ୍ଧତିର ସଂସ୍କାର ପାଇଁ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ କମିଶନର ପକ୍ଷରୁ କେତେକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | | |
| | 4 | 3 | 8 | | | | 9 | |
| 7 | 8 | | | 6 | | | | 4 |
| | | 8 | | | | 3 | 5 | |
| | | | | | | | | 7 |
| | | | | | 4 | | | |
| | 7 | | 9 | 1 | | 5 | | |
| 5 | 6 | | 3 | | | 4 | | |
| 9 | | | | 5 | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 9 | 6 | 2 | 3 | 8 | 4 | 5 |
| 4 | 5 | 2 | 8 | 7 | 9 | 3 | 1 | 6 |
| 8 | 6 | 3 | 1 | 4 | 5 | 9 | 2 | 7 |
| 6 | 9 | 1 | 7 | 8 | 2 | 5 | 3 | 4 |
| 2 | 8 | 7 | 5 | 3 | 4 | 1 | 6 | 9 |
| 5 | 3 | 4 | 9 | 6 | 1 | 7 | 8 | 2 |
| 9 | 1 | 8 | 2 | 5 | 6 | 4 | 7 | 3 |
| 7 | 4 | 6 | 3 | 9 | 8 | 2 | 5 | 1 |
| 3 | 2 | 5 | 4 | 1 | 7 | 6 | 9 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରହସନ ନ ପାଲଟୁ

ମହାଶୟ,

ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ପୋଡ଼ି ହୋଇ ମୃତ୍ୟୁବରଣ ପରେ ସରକାର ନିର୍ଦ୍ଦେଶ ଦେଲେ କେହି ପେଟ୍ରୋଲ୍ ପମ୍ପରୁ ବୋତଲରେ ପେଟ୍ରୋଲ ବିକ୍ରି କରିପାରିବେ ନାହିଁ। ଏହା ଏକ ଭଲ ପଦକ୍ଷେପ। କିନ୍ତୁ ଗତ ବର୍ଷର ଏକ ଉଦାହରଣ ଦେଉଛି। ଆରଟିଓଙ୍କ ନିର୍ଦ୍ଦେଶନାମା ପରେ ସବୁ ପେଟ୍ରୋଲ ପମ୍ପ ବ୍ୟାନର ଲେଖି ଟାଙ୍ଗିଲେ 'ନୋ ହେଲ୍‌ମେଟ୍, ନୋ ପେଟ୍ରୋଲ'। ଅର୍ଥାତ ହେଲ୍‌ମେଟ୍ ପିନ୍ଧି ନ ଆସିଲେ ପେଟ୍ରୋଲ ମିଳିବ ନାହିଁ। କିଛି ମାସ ଚାଲିବା ପରେ ଯଥା ପୂର୍ବଂ ତଥା ପର। ବିନା ହେଲ୍‌ମେଟ୍‌ରେ ଏବେ ବାଇକ୍‌ବାଲା ବିନ୍ଦାସରେ ପେଟ୍ରୋଲ ପକାଇ ଚାଲିଯାଉଛନ୍ତି। ତେଣୁ ଏ କ୍ଷେତ୍ରରେ ଯେପରି ତାହା ନ ହୁଏ।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନିଶୀଥ ନିଜନେ ନୂପୁର ନିକ୍ୱଣ
ରହିଛି ଝିଲ୍ଲୀ ନାଦେ
ଆଦ୍ୟ ଆଷାଢ଼ ଜଳଦ ସହିତ
ଚିକୁର ତାହାର ହୁଏ ଲୀଳାୟିତ
ଗନ୍ଧ ତାହାର କରଇ ମୋହିତ ମଳୟର ପରମାଦେ
ନିଶୀଥ ନିଜନେ ନୂପୁର ନିକ୍ୱଣ ରହିଛି ଝିଲ୍ଲୀନାଦେ।
-(ମଧୁ-ବିବାହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜୀବନ ମୂଲ୍ୟବାନ୍, ଧୈର୍ଯ୍ୟ ଜରୁରୀ

କିଶୋରୀଙ୍କ ମଧ୍ୟରେ ବଢ଼ିଚାଲିଛି ଆତ୍ମହତ୍ୟା ପ୍ରବଣତା। ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିବାରେ ବିଫଳତା କିମ୍ବା ମନର ଭାବନାକୁ କାହା ପାଖରେ ପରିପ୍ରକାଶ ନ କରି ପାରିବା ଯୋଗୁ ସେମାନେ ନିଜକୁ ଅସହାୟ ମନେକରୁଛନ୍ତି। ଫଳରେ ଆତ୍ମହତ୍ୟା ବା ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେଉଛନ୍ତି। ଗତ କିଛି ସପ୍ତାହ ମଧ୍ୟରେ ରାଜ୍ୟରେ ଘଟିଥିବା କେତେକ ଆତ୍ମାହୁତି ଘଟଣା ସମସ୍ତଙ୍କୁ ବିଚଳିତ କଲାଣି। ବାଲେଶ୍ୱର ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇଦେବା, ପୁରୀ ଜିଲା ବଳଙ୍ଗାରେ ନାବାଳିକା ଛାତ୍ରୀ ସମିଦା ଖାତୁନ୍ ନିଆଁରେ ପୋଡ଼ିହୋଇ ପ୍ରାଣ ହରାଇବା, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କାଠିଆପଡ଼ା ଗ୍ରାମରେ ଯୁକ୍ତ ୩ ଛାତ୍ରୀ ସଙ୍ଗୀତା ପରିଡ଼ା ଘରେ ଜାଳିହୋଇ ଜୀବନ ହାରିବା ଏବଂ ବରଗଡ଼ ଜିଲା ଗାଇସିଲେଟରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ରଶ୍ମି ସେଠ ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରିବା ଘଟଣା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇଦେଇଛି। ତେଣୁ ଏଭଳି ଅପ୍ରତ୍ୟାଶିତ ଘଟଣାକୁ କିଭଳି ରୋକାଯାଇ ପାରିବ ସେନେଇ ସବୁସ୍ତରରେ ଉଦ୍ୟମ କରାଯିବା ଉଚିତ। ଜୀବନ ମୂଲ୍ୟବାନ, ଏଥିପାଇଁ ଧୈର୍ଯ୍ୟ ଧରିବା ଜରୁରୀ। ତେଣୁ ନିଆଁକୁ ନ ଆଦରି ଜୀବନକୁ ଆଗକୁ ନେବା ପାଇଁ ଚିନ୍ତା କରିବାର ସମୟ ଆସିଛି। ଏଥିପାଇଁ ପିଲାମାନଙ୍କୁ ଉଭୟ ଘରେ ଏବଂ ଶିକ୍ଷାନୁଷ୍ଠାନରେ ମାନସିକ ସହାୟତା ତଥା କାଉନ୍ସେଲିଂକୁ ପ୍ରଭାବଶାଳୀ କରିବା ଜରୁରୀ ହୋଇପଡ଼ିଛି।

## ଆୟୋଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ କରାଯିବ



ପିଲାଙ୍କ ଭିତରେ ଧୈର୍ଯ୍ୟ ଓ ସହିବାର ଶକ୍ତି ଦିନକୁ ଦିନ କମିକମି ଯାଉଛି। ପିଲାମାନେ ଯଦି କୌଣସି ଭୁଲ୍ କରୁଛନ୍ତି , ସେମାନେ ଘରେ କି ସାଙ୍ଗ ସାଥୀଙ୍କ ପାଖରେ ପ୍ରକାଶ କରୁ ନାହାନ୍ତି। ସମସ୍ୟାର ସମାଧାନ ବାହାର କରିବା ପରିବର୍ତ୍ତେ ସେମାନେ ଆତ୍ମହତ୍ୟା କରିବାକୁ ବାହାରି ପଡୁଛନ୍ତି। ଏନେଇ ସ୍କୁଲ ଓ କଲେଜଗୁଡ଼ିକରେ ଶିଶୁଙ୍କ ମାନସିକ ବିକାଶ ପାଇଁ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯିବ। ସୋସିଆଲ ମିଡିଆ ହେଉ କି ଟେଲିଭିଜନରେ ଶିଶୁମାନଙ୍କ ଅଘଟଣ ଜନିତ ଘଟଣାକୁ ବାରମ୍ବାର ନ ଦେଖାଇ ସଚେତନମୂଳକ କାର୍ଯ୍ୟକ୍ରମ ଦେଖାନ୍ତୁ। ଶିଶୁଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ ଆଇନ କରିଛନ୍ତି। ଆୟୋଗ ପକ୍ଷରୁ ମଧ ଶିଶୁଙ୍କ ସୁରକ୍ଷା ପାଇଁ ଏକ ରୋଡ୍ ମ୍ୟାପ ପ୍ରସ୍ତୁତ କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରାଯିବ।

- ବବିତା ପାତ୍ର, ଅଧକ୍ଷା, ଓଏସ୍‌ସିପିସିଆର୍

## ପିଲାଙ୍କୁ ମା'ବାପା ଅଧିକ ସମୟ ଦିଅନ୍ତୁ



ମହିଳା ଓ ଶିଶୁଙ୍କ ସୁରକ୍ଷା ପାଇଁ ପରିବାର ଲୋକଙ୍କ ସମେତ ସମାଜର ଦାୟିତ୍ୱ ରହିଛି। ବର୍ତ୍ତମାନ ସମୟରେ ଏକକ ପରିବାର ଯୋଗୁ ପିଲାମାନେ ଏକୁଟିଆ ହୋଇଯାଉଛନ୍ତି। ମା'ବାପା ଦିନ ସାରା କାମ କରିବାକୁ ଯିବାରୁ ତାଙ୍କ ପାଖରେ ଛୁଆ ପାଇଁ ସମୟ ରହୁନି। ଯଦ୍ୱାରା କୌଣସି ଲୋକ କିମ୍ବା ପରିବାର ଲୋକ କିଛି ସେ ଏହାକୁ ସହ୍ୟ କରିପାରୁ ନାହିଁ। ଆତ୍ମହତ୍ୟା ଭଳି ଚିନ୍ତା କରିବାର ମୁଖ୍ୟ ମାଧମ ମୋବାଇଲ ଫୋନ୍ ଓ ପାରିବାରିକ ସମସ୍ୟା। ଏନେଇ ରାଜ୍ୟ ସରକାର ବ୍ଲକ ଓ ପଞ୍ଚାୟତସ୍ତରରେ ସଚେତନତା ସୃଷ୍ଟି କରାନ୍ତୁ। ମହିଳା ଓ ଶିଶୁଙ୍କୁ କିପରି ସୁରକ୍ଷା ମିଳିବ ସେଥିପ୍ରତି ଅଧିକ ଧ୍ୟାନ ଦେବା ଜରୁରୀ।

- ମିନତି ବେହେରା, ପୂର୍ବତନ ଅଧକ୍ଷ, ରାଜ୍ୟ ମହିଳା ଆୟୋଗ

## ପିଲାଙ୍କ ସହ ପରିବାର ଲୋକେ ସାଙ୍ଗ ଭଳି ମିଶନ୍ତୁ

କଲେଜ ହେଉ କି ସ୍କୁଲ ପଢ଼ିବା ସମୟରେ ପିଲାମାନେ ବିଭିନ୍ନ ପ୍ରକାର ଭୁଲ୍ ପଦକ୍ଷେପ ନେଉଛନ୍ତି। ପିଲାମାନେ କୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ, ତାକୁ ଘରେ ବିଶେଷ ଧ୍ୟାନ ଦେଉନାହାନ୍ତି। ଫଳରେ ଏହା ତାଙ୍କ ମନକୁ ବିଚଳିତ କରି ପକାଉଛି। ସେଥିପାଇଁ ସେମାନେ ବାଧ ହୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି। ପରିବାର ଲୋକମାନେ ପିଲାଙ୍କ ସହିତ ସାଙ୍ଗ ଭଳିଆ ମିଶି ତାଙ୍କ ଭିତରେ ଥିବା ଭୟ ଓ ସମସ୍ୟାକୁ ଶୁଣିବାକୁ ଚେଷ୍ଟା କରନ୍ତୁ।



- ସୋନାଲିସା ସାହୁ, ଛାତ୍ରୀ, ଭୁବନେଶ୍ୱର

## ପିଲାଙ୍କ ଭିତରେ ଧୈର୍ଯ୍ୟଶକ୍ତିର ଅଭାବ



ରାଜ୍ୟରେ କିଛି ଦିନ ହେବ କେବଳ ଆତ୍ମାହୁତି ଓ ଆତ୍ମହତ୍ୟା ଭଳି ଘଟଣା ଶୁଣିବାକୁ ମିଳୁଛି। ପିଲାମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତା'ର ସମାଧାନ ବାହାର କରିବା ପରିବର୍ତ୍ତେ ଏଭଳି ଚରମ ନିଷ୍ପତ୍ତି ନେଇଯାଉଛନ୍ତି। ପରିବାର ଲୋକ ହୁଅନ୍ତୁ କି ବାହାର ଲୋକ ଯଦି କିଛି କହୁଛନ୍ତି, ଏମାନେ ତାକୁ ନେଗେଟିଭ ଭାବେ ଗ୍ରହଣ କରି ନେଉଛନ୍ତି। ପିଲାଙ୍କ ଭିତରେ ଧୈର୍ଯ୍ୟ ଶକ୍ତି ନ ଥିବାରୁ ସେମାନେ ଏଭଳି ଭୁଲ୍ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ସଚେତନତାର ଆବଶ୍ୟକତା ରହିଛି।

- ପ୍ରିୟା ଜେନା, ଛାତ୍ରୀ , ଭୁବନେଶ୍ୱର

## ଆତ୍ମହତ୍ୟା ଭୁଲ୍ ପଦକ୍ଷେପ



ଆତ୍ମହତ୍ୟା ସବୁ ସମସ୍ୟାର ସମାଧାନ ନୁହେଁ। ବରଂ ଆହୁରି ଅଧିକ ସମସ୍ୟା ସୃଷ୍ଟି କରେ। ଏଭଳି ଚରମ ନିଷ୍ପତ୍ତି ସମାଜ ଉପରେ କୁପ୍ରଭାବ ପକାଉଛି। ଜଣେ ଛାତ୍ରୀ ଯେତେବେଳେ ସବୁଆଡୁ ଭରସା ଶୂନ୍ୟ ଓ ଚାପଗ୍ରସ୍ତ ହୋଇଯାଆନ୍ତି, ସେତେବେଳେ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନିଅନ୍ତି। ଏଥିପାଇଁ ସମସ୍ତେ ଦାୟୀ। ପରିବାର ଲୋକ ଓ ସାଙ୍ଗମାନେ ଯଦି ତାଙ୍କ ମାନସିକ ସ୍ଥିତି ଜାଣି ବୁଝାଶୁଝା କରନ୍ତେ କିମ୍ବା ତାଙ୍କୁ ଚାପମୁକ୍ତ କରିପାରନ୍ତେ, ତା'ହେଲେ ଆତ୍ମହତ୍ୟା ରୋକାଯାଇପାରନ୍ତା। ମା' ବାପା ସାଙ୍ଗ ଭଳି ପିଲାମାନଙ୍କ ସମସ୍ୟା ବୁଝିବା ଆବଶ୍ୟକ। ତେବେ ଜୀବନରେ ଯେକୌଣସି ସମସ୍ୟା ଆସିଲେ ତାହାକୁ ସାମ୍ନା କରିବା ଦରକାର। ସମାଧାନ ପାଇଁ ରାସ୍ତା ବାହାର କରିବା କିମ୍ବା ନିଜ ଲୋକଙ୍କୁ ଜଣାଇଲେ ସମାଧାନର ରାସ୍ତା ବାହାରିବ। ଏହା ନ କରି ଆତ୍ମହତ୍ୟା କରିବା ଭୁଲ୍ ପଦକ୍ଷେପ।

- ସନ୍ତୋଷୀ ସାହୁ, ଯୁକ୍ତ ୩ ତୃତୀୟ ବର୍ଷ ଓଡ଼ିଆ ସମ୍ମାନ ଛାତ୍ରୀ, ଭଦ୍ରକ ମହିଳା ମହାବିଦ୍ୟାଳୟ

## ସହନଶୀଳ ଶକ୍ତି ଅଭାବରୁ ଆତ୍ମହତ୍ୟା ବଢ଼ୁଛି



ମାରିବା ଓ ମରିବା ଉଭୟେ ଗୋଟିଏ ଜିନିଷ। ଏହା ମଣିଷର ଆଦିମ ପ୍ରବୃତ୍ତି। ସାମାଜିକ ମୂଲ୍ୟବୋଧକୁ ଜାଗ୍ରତ କରିବା ପାଇଁ ଏହାକୁ ନିୟନ୍ତ୍ରଣ କରିବା ଦରକାର। ଯାହା ନିଜ ପାଇଁ ଲଜ୍ଜାବୋଧ, କାହା ଆଗରେ କହିହେଉନି ତାହାକୁ ସୋସିଆଲ ମିଡିଆରେ ଭାଇରାଲ କରାଯାଉଛି। ଏହାକୁ ସହି ନ ପାରି ଯେ କେହି ଆତ୍ମହତ୍ୟା କରୁଛି। ଓଡ଼ିଶାରେ ନିକଟରେ ଘଟିଯାଇଥିବା କେତେକ ଆତ୍ମହତ୍ୟା ଏହାର ଉଦାହରଣ। ଅନ୍ୟପକ୍ଷରେ ସାମାଜିକ ଗଣମାଧମରେ ପ୍ରସାର ଯୋଗୁ କିଭଳି ଆତ୍ମହତ୍ୟା କରିବେ ତାହା ଶିଖୁଛନ୍ତି। ସହନଶୀଳତାର ଅଭାବ ଯୋଗୁ ଏଭଳି ଘଟଣା ଘଟୁଛି। ଯେଉଁମାନେ ଉଦାସ ମନ ନେଇ ବଞ୍ଚୁଥିବେ ସେମାନେ କାହାକୁ କିଛି କହିପାରିବେନି। ତେଣୁ ସରକାର ୧୪୪୧୬ ଟେଲି ମାନସ ନଂ. ୨୪ ଘଣ୍ଟା ପ୍ରଚଳନ କରିଛନ୍ତି। ସେଥିରେ କ୍ୱାଲିଫାଏଡ ସାଇକୋଲୋଜିଷ୍ଟ ବସିଥାନ୍ତି। ତାହାକୁ ଫୋନ କଲେ ଭଲ ପରାମର୍ଶ ମିଳିବ। ମଣିଷ ଆତ୍ମହତ୍ୟା ଭଳି ପ୍ରବୃତ୍ତିରୁ ନିଜକୁ କ୍ଷାନ୍ତ କରିପାରିବ।

- ଡା. ବିଭୁକଲ୍ୟାଣ ସାହୁ, ବରିଷ୍ଠ ମାନସିକ ରୋଗ ବିଶେଷଜ୍ଞ, ନିଶା ନିବାରଣ କେନ୍ଦ୍ର, ଏମ୍‌କେସିଜି ମେଡିକାଲ କଲେଜ

## ଭାଙ୍ଗି ନ ପଡ଼ି ଦୃଢ଼ ହୁଅନ୍ତୁ



ଆତ୍ମହତ୍ୟା କେବଳ ସମାଧାନର ବାଟ ନୁହେଁ। ଝିଅମାନେ ସାଧାରଣତଃ ସରଳ ବିଶ୍ୱାସୀ। ସେମାନେ ଅନେକଙ୍କ ମନଲୋଭା କଥାକୁ ପରଖିପାରନ୍ତି ନାହିଁ। ସେଥିପାଇଁ ସେମାନଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ସେଥିରେ ଭାଙ୍ଗି ନ ପଡି ଦୃଢ଼ ହୁଅନ୍ତୁ। ସମାଧାନର ବାଟ ନିଜେ ବାହାର କରନ୍ତୁ। ନଚେତ୍ ନିଜ ପରିବାର ଓ ଆତ୍ମୀୟଙ୍କ ସହଯୋଗ ଲୋଡନ୍ତୁ। ଏଥିରେ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଏହାଦ୍ୱାରା ଆମେ ଭୁଲ୍ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିପାରିବା।

- ଆସ୍ମି ଆଶିଷା ମହାନ୍ତି, ଯୁକ୍ତ ୩ କଳା ପ୍ରଥମ ବର୍ଷ ଛାତ୍ରୀ, ବ୍ୟାସନଗର ସ୍ୱୟଂଶାସିତ କଲେଜ, ଯାଜପୁର ରୋଡ୍, ଯାଜପୁର

## ଆତ୍ମହତ୍ୟା ସମାଧାନର ବାଟ ନୁହେଁ



ଆତ୍ମହତ୍ୟା କୌଣସି ସମସ୍ୟା ସମାଧାନର ବାଟ ନୁହେଁ। ପ୍ରତିକୂଳ ପରିସ୍ଥିତିର ସାମ୍ନା କରି ମାର୍ଗ ବାହାର କରିବାର ସାହସ ରଖିବା ଦରକାର। ଯୌଥ ପରିବାର ବିଘଟନ ପରେ ବର୍ତ୍ତମାନର ଏକାନ୍ନବର୍ତ୍ତୀ ପରିବାରରେ ଭାବର ଆଦାନପ୍ରଦାନ ଓ ସହନଶୀଳତାର ଘୋର ଅଭାବ ପରିଲକ୍ଷିତ ହେଉଛି। ପୁଣି ବିଦ୍ୟାଳୟ କି କଲେଜସ୍ତରରେ ପୂର୍ବଭଳି ଗୁରୁ-ଶିଷ୍ୟ ସମ୍ପର୍କ ଆଉ ଦୃଷ୍ଟିଗୋଚର ହେଉନାହିଁ। ଏପରିସ୍ଥଳେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଯୁବପିଢ଼ିଙ୍କ ମାନସିକ ଚାପ ବୃଦ୍ଧିପାଉଛି। ତେଣୁ ସ୍କୁଲ ଏବଂ କଲେଜସ୍ତରରେ ସକାରାତ୍ମକ ଚିନ୍ତାଧାରାର ବିକାଶ ନେଇ ଶିକ୍ଷାଦାନ ଓ କାର୍ଯ୍ୟକ୍ରମ କରାଯିବାର ଆବଶ୍ୟକତା ରହିଛି।

- ସିଦ୍ଧିଶ୍ରୀ ବକ୍ସି, ଯୁକ୍ତ୩ ପ୍ରଥମ ବର୍ଷ, ସରକାରୀ ମହିଳା ମହାବିଦ୍ୟାଳୟ, ସମ୍ବଲପୁର

## ମନର କଥାକୁ ଅନ୍ୟକୁ ପରିପ୍ରକାଶ କରିବା ଆବଶ୍ୟକ



ଆତ୍ମହତ୍ୟା କରୁଥିବା ଛାତ୍ରୀଛାତ୍ରଙ୍କ ପ୍ରାୟ ୯୦ ପ୍ରତିଶତ କୌଣସି ନା କୌଣସି ମାନସିକ ଚାପ ରହିଥାଏ। ଏପରି ସମସ୍ୟା କେବଳ ଅଧିକ ଆଶା କରିବା ଦ୍ୱାରା ହୋଇଥାଏ। ୧୪ ବର୍ଷରୁ କମ୍ ବୟସର ପିଲା ଆତ୍ମହତ୍ୟା କରିଥାଏ, ଯେତେବେଳେ ସେ ତାଙ୍କ ମା'ବାପାଙ୍କୁ ହରାଇଥାଏ। ହେଲେ ଏବେ ଲୋକେ ପାଶ୍ଚାତ୍ୟ ସଭ୍ୟତାକୁ ବହୁ ଆପଣାଇଛନ୍ତି। ଲୋକେ ଏବେ ଅନ୍ୟଠୁ ଦୂରେଇ ରହିବାକୁ ପସନ୍ଦ କରି ମୁଖ୍ୟତଃ ସାମାଜିକ ଗଣମାଧ୍ୟମକୁ ଆପଣାଉଛନ୍ତି, ଯାହାକି ଆତ୍ମହତ୍ୟାର ଅନ୍ୟ ଏକ କାରଣ। ସେହିପରି ଅଭିଭାବକଙ୍କ ଚାପ, ପ୍ରେମ ସମ୍ପର୍କ, ବନ୍ଧୁତା ଓ ନିଶା ସେବନ ଯୋଗୁ ମଧ୍ୟ ନାନା ସମସ୍ୟା ସୃଷ୍ଟି ହେଉଛି, ଯାହାଦ୍ୱାରା ଛାତ୍ରୀଛାତ୍ର ଓ ଯୁବପିଢ଼ିମାନେ ନିଜ ମନର କଥାକୁ ପରିପ୍ରକାଶ ନ କରି ପାରି ଏହି ଆତ୍ମହତ୍ୟା ବାଟକୁ ଆପଣାଇଥାନ୍ତି। ଏହାକୁ ରୋକିବାକୁ ହେଲେ ପ୍ରତ୍ୟେକ ଅଭିଭାବକ ଓ ମଣିଷମାନେ ଯେବେ କୌଣସି ବ୍ୟକ୍ତି ବିଚଳିତ ହେଉଥିବା ଅନୁଭବ କରିବେ ସେ ସମୟରେ କିଛି ସମୟ ତାଙ୍କୁ ଦେବା ସହ ଦୁଇ ପଦ କଥା ଶୁଣିବା ଏବଂ ଡାକ୍ତର ପରାମର୍ଶ କରି କାଉନ୍ସେଲିଂ କରିବା ଦ୍ୱାରା ଏହାକୁ ରୋଗା ଯାଇପାରିବ।

- ଡାକ୍ତର ସମ୍ରାଟ କର, ମାନସିକ ରୋଗ ବିଭାଗ, କଟକ

## ସମସ୍ୟାର ସମାଧାନ ରାସ୍ତା ବାହାର କରିବା ଜରୁରୀ



ଆଜିକାଲି ପ୍ରାୟତଃ ଛାତ୍ରୀଛାତ୍ର ନିଜ ଅଭିଭାବକଙ୍କ ସହ ନିଜ ସମସ୍ୟା ନେଇ ଆଲୋଚନା କରୁନାହାନ୍ତି। ଯାହାଦ୍ୱାରା ମାନସିକ ଚାପ ବଢ଼ିଥାଏ। ଏହାକୁ ଏଡାଇବା ପାଇଁ ଅଧିକରୁ ଅଧିକ ସାଙ୍ଗ ବନାଇବା ସହ ନିଜ ପରିବାର ଲୋକଙ୍କ ସହ ସମସ୍ତ ସମସ୍ୟା ବିଷୟରେ ଆଲୋଚନା କରିବା ଆବଶ୍ୟକ। ପ୍ରତ୍ୟେକ ଛାତ୍ରୀଛାତ୍ର ସମସ୍ୟାର ସମାଧାନ ରାସ୍ତା ବାହାର କରିବା ଜରୁରୀ।

- ଡା. ଈପ୍ସିତା ମହାରଣା, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ଦ୍ୱିତୀୟ ବର୍ଷ ଛାତ୍ରୀ

## ସ୍କୁଲ, କଲେଜରେ କାଉନ୍ସେଲିଂ ବ୍ୟବସ୍ଥା କରିବା ଆବଶ୍ୟକ



ଆଜିକାଲିର ପିଲାମାନେ ସାମାଜିକ ସମ୍ପର୍କ ଏବଂ ପରିବାରବର୍ଗଙ୍କ ସହିତ ସମୟ ବିତାଇବା ବଦଳରେ ମୋବାଇଲ ଓ ସୋସିଆଲ ମିଡିଆରେ ଅଧିକ ସମୟ ଅତିବାହିତ କରୁଛନ୍ତି। ଏହାଦ୍ୱାରା ସାମାଜିକ ଓ ପାରିବାରିକ ସମ୍ପର୍କରୁ ଏକପ୍ରକାର ଦୂରେଇ ଯାଇଛନ୍ତି। ଫଳରେ କିଛି ସମସ୍ୟା ହେଲେ ମା'ବାପା, ସମ୍ପର୍କୀୟ ଓ ବନ୍ଧୁଙ୍କୁ ଜଣାଇବା ବଦଳରେ ଭୟରେ ଆତ୍ମାହୁତି ଦେଉଛନ୍ତି। ତେଣୁ ଏ ନେଇ ସ୍କୁଲ ଓ କଲେଜରେ ଏକ ବିଶେଷ ତାଲିମ ପ୍ରଦାନ ସହିତ ସୋସିଆଲ ଫ୍ରେଣ୍ଡ୍‌ଲି କରାଇବା ପାଇଁ କାଉନସେଲିଂର ଆବଶ୍ୟକତା ରହିଛି।

- ସନ୍ତୋଷ କୁମାର ସାହୁ, ଅଭିଭାବକ, ରାୟଗଡ଼ା

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
Experienced ELECTRICAL SITE ENGINEERS with AutoCad Skills for Hospital project at Bhubaneswar. Walk-in-Interview on 13.08.2025 from 11 AM onwards at Administrative Block, 2nd Floor, Hi-Tech Hospital & Medical College, Pandra, Bhubaneswar.
Contact Person
Abinash Rautaray : 63713 82526

See Career Appointment on every Wednesday & Saturday

WANTED
A LEADING FINANCIAL SERVICES MARKETING COMPANY REQUIRES
AREA MANAGER
FOR SELLING MOTOR INSURANCE
CTC Rs.3.5-4.5 LACS/ANNUM
PREFERABLY FROM GENERAL INSURANCE COMPANIES OR INSURANCE BROKING COMPANIES WITH 3 TO 4 YEARS OF EXPERIENCE.
LOCATION
ROURKELA, SAMBALPUR, BHADRAK, BALASORE, BARIPADA, CUTTACK, PARADEEP, JEYPORE, BERHAMPUR / GOPALPUR
send your RESUME to
resume@skiretail.in
9840335849
Ski Retail Capital limited
No.1, Sambandam Street, T Nagar Chennai-600017.

ROHAN AUTORIDERS HIRING
(Authorised Hero MotoCorp Dealer)
Open Roles :
- Frontline Supervisor
- Floor Supervisor
- Billing Executive
- Technicians / Mechanics
- Insurance Executive
- Sales Executives
Candidates are preferred to have existing experience in two wheeler segment.
Bhubaneswar 8018370072
rohandubey231@gmail.com

# ଅଙ୍ଗଦାନ ସମ୍ପର୍କରେ ଅଧିକ ସଚେତନତାର ଆବଶ୍ୟକତା ରହିଛି

### ଆଜି ବିଶ୍ୱ ଅଙ୍ଗଦାନ ଦିବସ





ଅଙ୍ଗଦାନ ଏକ ମହାନ୍ କାମ। ଏହି ଧାରାରେ କେତେକ ନିଜକୁ ସାମିଲ କରିସାରିଛନ୍ତି। ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଏହା ଅନେକାଂଶରେ ସହାୟକ ହୋଇଥାଏ। ଏ ବିଷୟରେ ଜନସାଧାରଣଙ୍କୁ ଅଧିକ ସଚେତନ କରିବା ଲାଗି ପ୍ରତିବର୍ଷ ଅଗଷ୍ଟ ୧୩ରେ 'ବିଶ୍ୱ ଅଙ୍ଗଦାନ ଦିବସ' ପାଳନ କରାଯାଇଥାଏ। ଏହାର ଆବଶ୍ୟକତା ବିଷୟରେ ସମସ୍ତେ ଅବଗତହେବା ନିହାତି ଦରକାର। ଆଜିକାଲି ଦୁର୍ଘଟଣା ଯେଉଁଭଳି ବଢ଼ିଚାଲିଛି ସେହି ଅନୁସାରେ କେତେଜଣ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କ ପାଇଁ ଅଙ୍ଗଦାନର ଆବଶ୍ୟକତା ରହିଛି। ମୃତ୍ୟୁ ସତ୍ୟ-ଏକଥାକୁ ଆମକୁ ଗ୍ରହଣ କରିବାକୁ ପଡ଼ିବ। ହେଲେ ଅଙ୍ଗଦାନ ଦ୍ୱାରା ହୁଏତ ଜଣେ ଗୁରୁତର ରୋଗୀ ଆରୋଗ୍ୟ ଲାଭ କରିପାରେ। ଜଣେ ଜୀବିତ ବ୍ୟକ୍ତି ନିଜର ହୃତ୍‌ପିଣ୍ଡ, ଆଖି, କିଡ୍‌ନୀ, ଲିଭର, ଫୁସ୍‌ଫୁସ୍, ପାନ୍‌କ୍ରିୟାସ୍, ଇଣ୍ଟେଷ୍ଟାଇନ୍ ଭଳି ଅଙ୍ଗଦାନକରି ଅନ୍ୟ ଜଣଙ୍କର ଜୀବନ ବଞ୍ଚାଇ ପାରିବେ। ଆଇନ ଅନୁସାରେ ଯଦି ଜଣେ ଅଙ୍ଗଦାନ କରିବାକୁ ଚାହାନ୍ତି ତାହା ତାଙ୍କର ପରିବାର ସଦସ୍ୟଙ୍କ ନିଷ୍ପତ୍ତି ଉପରେ ନିର୍ଭର କରିଥାଏ। କିନ୍ତୁ ଏହା ପୂର୍ବରୁ ବ୍ରେନ୍ ଡେଥ୍ ହେବା ଦରକାର। ୧୯୫୪ ମସିହାରେ ଡା. ନି ଜୋଶେଫ ଇ. ମୁରୟେଙ୍କ ଦ୍ୱାରା ପ୍ରଥମ ଥର ପାଇଁ କିଡ୍‌ନୀ ପ୍ରତିରୋପଣ ସଫଳତାର ସହ କରାଯାଇପାରିଥିଲା। ହେଲେ ଜଣେ ଅଙ୍ଗଦାନ କରିବା ପୂର୍ବରୁ ନିଜର ସ୍ୱାସ୍ଥ୍ୟ ବିଷୟରେ ଅବଗତ ହେବା ଦରକାର। ଏଚ୍ଆଇଭି, କ୍ୟାନ୍‌ସର ଭଳି ରୋଗରେ ପୀଡ଼ିତ ବ୍ୟକ୍ତିମାନେ ଅଙ୍ଗଦାନ କରିପାରିବେ ନାହିଁ। ଅଙ୍ଗଦାନ ନିଷ୍ପତ୍ତି ନେବା ପରେ ସେହି ଅଙ୍ଗ ପ୍ରତିରୋପଣ ପାଇଁ କେତେ ଠିକ୍ ଅଛି ତାହାକୁ ଡାକ୍ତରମାନେ ତନ୍ନତନ୍ନକରି ତର୍ଜମା କରିଥାଆନ୍ତି।

वरीय पुलिस अधीक्षक का कार्यालय, राँची
सर्वसाधारण के लिए सूचना



नाम परीना खातून, उम्र करीब–19 वर्ष, रंग–साँवला, ऊँचाई–05 फीट पहनावा–पीला रंग का सलवार सूट पहनी हुई है।
उपरोक्त लापता महिला परीना खातून, उम्र–19 वर्ष, लुकमान अंसारी, ग्राम–चोड़ा, थाना–चान्हो, जिला–राँची जो दिनांक–09.07.2025 को अपने घर से सिलाई सेन्टर को कहकर निकली जो आजतक अपने घर वापस नहीं आई है। जिसके संबंध में चान्हो थाना सनहा संख्या–10/2025, दिनांक–23.07.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
Email ID (rnc-dcb@jhpolice.gov.in)
पुलिस उपाधीक्षक, खलारी, राँची। – 9431742777
थाना प्रभारी चान्हो, राँची। – 9431706184
पुलिस उप–महानिरीक्षक–सह–वरीय पुलिस अधीक्षक, राँची
PR 359361 Police (25-26)_D

FAKIR MOHAN UNIVERSITY
Vyasa Vihar, Nuapadhi, Balasore-756089
ADMISSION ANNOUNCEMENT : 2025-26
PGDCA COURSE
No : FMU/PGC-I-45/2025/1147 Dt.12.08.2025
In continuation to this Office Notification No. FMU/PGC/I-45/2025/949 dt.02.07.2025, the last date of submission of Application Forms for PGDCA is extended up to 30.08.2025. Desirous students may download the application form available in the website www.fmuniversity.nic.in and apply by the above dates with required fees & other documents.
Sd./- Chairman, P.G. Council

# ଅନ୍ତର୍ଜାତୀୟ ବାମହାତୀ ଦିବସ



ବାମହାତୀ ବ୍ୟକ୍ତିଙ୍କ ସ୍ୱାତନ୍ତ୍ର୍ୟ ସମ୍ପର୍କରେ ଜଣାଇବା ଲାଗି ପ୍ରତିବର୍ଷ ଅଗଷ୍ଟ ୧୩ରେ ପାଳନ କରାଯାଏ ବାମହାତୀ ଦିବସ। ୧୯୭୬ ମସିହାରେ ବାମହାତୀ କ୍ଲବର ପ୍ରତିଷ୍ଠାତା ଡିନ୍ ଆର୍. କ୍ୟାମ୍ପବେଲ ପ୍ରଥରେ ଏହି ଦିବସ ପାଳନ କରିଥିଲେ। ଏହି ଦିବସଟି ମୁଖ୍ୟତଃ ବାମହାତୀ ବ୍ୟକ୍ତି ସମ୍ମୁଖୀନ ହେଉଥିବା ଚ୍ୟାଲେଞ୍ଜ ଏବଂ ଅଭିଜ୍ଞତା ବିଷୟରେ ସଚେତନତା ସୃଷ୍ଟି ପାଇଁ ଆରମ୍ଭ କରାଯାଇଥିଲା। ତଥ୍ୟ ଅନୁଯାୟୀ, ବିଶ୍ୱ ଜନସଂଖ୍ୟାର ୭ରୁ ୧୦ ପ୍ରତିଶତ ବାମହାତୀ ବ୍ୟକ୍ତି। ଅପରପକ୍ଷେ ବିଭିନ୍ନ ଗଣମାଧମ ଏବଂ ବାଣିଜ୍ୟିକ ସଂଘ ଏହି ଦିବସକୁ ସ୍ୱୀକୃତି ଦେବା ପାଇଁ ସଫଳ ବାମହାତୀ ବ୍ୟକ୍ତିଙ୍କର ଏକକାଳୀନ ପୋଷ୍ଟ ଏବଂ ସଂକଳନ କରିଛନ୍ତି। ତେବେ ଏଠାରେ କେତେଜଣ ବିଶିଷ୍ଟ ବାମହାତୀଙ୍କ ବିଷୟରେ ସୂଚିତ କରାଯାଉଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଜାତିର ପିତା ମହାତ୍ମା ଗାନ୍ଧୀ, କ୍ୟାଥୋଲିକ୍ ସନ୍ଥ ମଦର ଟେରେସା, ପ୍ରସିଦ୍ଧ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ, ଆମେରିକାର ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନ, ଦିବଂଗତ ବିଶିଷ୍ଟ ଶିଳ୍ପପତି ରତନ ଟାଟା, କ୍ରିକେଟର ସଚିନ ତେନ୍ଦୁଲକର, ବିଶିଷ୍ଟ ଉଦ୍ୟୋଗୀ ତଥା ମେଟା ସିଇଓ ମାର୍କ ଜୁକରବର୍ଗ, ହଲିଉଡ୍ ଅଭିନେତା ଚାର୍ଲି ଚାପ୍‌ଲିନ, ଅଭିନେତା ରଜନୀକାନ୍ତ, ହଲିଉଡ୍ ଅଭିନେତ୍ରୀ ଆଞ୍ଜେଲିନା ଜୋଲି, ଗାୟିକା ଆଶା ଭୋଁସ୍‌ଲେ, ପପ୍‌ଷ୍ଟାର ମାଇକେଲ ଜ୍ୟାକ୍‌ସନ, ଟେନିସ୍ ଖେଳାଳି ମାର୍ଟିନା ନାଭ୍ରାଟିଲୋଭାଙ୍କ ଭଳି ବହୁ ବ୍ୟକ୍ତିତ୍ୱ ଏହି ବାମହାତୀ ତାଲିକାରେ ସାମିଲ ଅଛନ୍ତି।

OFFICE OF THE EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, DUMKA
3rd CORRIGENDUM
TENDER REFERENCE No.- RCD/DUMKA/975
PR 354584 Road(25-26):D, PR 355582 Road (25-26)_D & PR 358355 Road (25-26)D
NAME OF THE WORK - Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26.
Job No. CRF-JHR-2025-26-73
CORRIGENDUM DETAIL OF NIT

| | | |
|---|---|---|
| 4 | Last date/Time for receipt of bids | 23.09.2025 at 10.30 A.M in place of 08.09.2025 Up to 12.00 Noon. |
| 5 | Date of Publication of Tender on website | 19.08.2025 at 10.30 A.M in place of 12.08.2025 |
| 6 | Pre Bid Meeting | 25.08.2025 at 10.30 A.M in place of 18.08.2025 at 11.00 A.M |

Other terms and conditions shall remain unchanged.
Executive Engineer
Road Construction Department,
Road Division, Dumka
PR 359406 Road (25-26)_D

Govt. of Jharkhand, Energy Department
Jharkhand Renewable Energy Development Agency (JREDA)
3rd Floor, S.L.D.C. Building, Kusai Colony, Doranda, Ranchi-834002. Ph.: 0651-2491161, Fax: 0651-2491165,
E-mail: info@jreda.com; Website: www.jreda.com
e-Procurement Notice
Tender reference no.: 11/JREDA/SPP/ES/25-26 Dated: 11.08.2025

| | | |
|---|---|---|
| 1 | Name of the work | Request for Proposal (RFP) for Design, Engineering, Procurement & Supply, Construction, Commissioning and Comprehensive Operation & Maintenance of Cumulative 05 MW (AC) Grid Connected Ground Mounted Solar Power Plant, for a period of 25 years on Government Land at East Singhbhum District of Jharkhand. |
| 2 | Estimated Cost | Rs. 43.93 Crores (inclusive of GST) |
| 3 | Time of completion | 12 (Twelve) Months |
| 4 | Date of publication of NIT on website: http://jharkhandtenders.gov.in | 18.08.2025 (Monday) |
| 5 | Date & time of Pre-bid meeting | 25.08.2025 (Monday)at 1.00 P.M. |
| 6 | Last date & time for receipt of online bids | 10.09.2025 (Wednesday)up to 05:00 PM |
| 7 | Submission of Bid fee and EMD through Online Via SBI Payment Gateway of Jharkhand Tenders. | 10.09.2025 (Wednesday)up to 05:00 PM |
| 8 | Technical Bid Opening Date | 12.09.2025 (Friday) at 3.00 P.M. |
| 9 | Name & address of office inviting tender | Director, Jharkhand Renewable Energy Development Agency(JREDA) 3rd Floor, SLDC Building, Kusai, Doranda, Ranchi- 834002 (Jharkhand) |
| 10 | Contact no. of procurement officer | 0651-2491167/68/61/7903935514 |
| 11 | Helpline no. of e-procurement | 0651-2491167/68/61 |

Any corrigendum/addendum can be seen on website: http://jharkhandtenders.gov.in & www.jreda.com. Further details can be seen on website: http://jharkhandtenders.gov.in & www.jreda.com
Sd/-
Director, JREDA, Ranchi
PR.NO.359402 Energy(25-26):D

## ଓଷ୍ଟାର ବ୍ଲକ ସଭାପତିଙ୍କ ମାତୃ ବିୟୋଗ

ବନ୍ତ,୧୨।୮(ହରିନାରାୟଣ ମହାନ୍ତି)

ଓଷ୍ଟାର ବନ୍ତ ବ୍ଲକ ସଭାପତି ନାରାୟଣ ଚନ୍ଦ୍ର ସାମଲଙ୍କ ମା' ତଥା ବନ୍ତ ଗ୍ରାମର ସ୍ୱର୍ଗତ ବିଦ୍ୟାଧର ସାମଲଙ୍କ ସ୍ତ୍ରୀ ସୁଭଦ୍ରା ସାମଲ(୯୦)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ସେ ଗତ କିଛି ମାସ ଧରି ସେ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଘରୋଇ ଚିକିତ୍ସାରେ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ନାରାୟଣ, ଶରତ, ଜ୍ୱାଇଁ ସତ୍ୟବ୍ରତ ଜେନା, ସୋମନାଥ ନାୟକ, ରବୀନ୍ଦ୍ର ଜେନା, ଝିଅ ପବିତ୍ରା ଜେନା, ସବିତା ଜେନା, କବିତା ରାଉତ, ରଞ୍ଜିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଖବରପାଇ ପୂର୍ବତନ ଜିଲା ଶିକ୍ଷାଧିକାରୀ ମାନସ କୁମାର ଜେନା, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ପ୍ରକାଶ ସାହୁ, ପୂର୍ବତନ ସରପଞ୍ଚ ବିଜୟ କୁମାର ନାୟକ, ଶିକ୍ଷାବିତ୍ ଆଲୋକ ରଞ୍ଜନ ମୁଖାର୍ଜୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ନାତି ଦେବାନାମ୍‌ପ୍ରିୟ ପ୍ରିୟଦର୍ଶୀ ସାମଲ ମୁଖାଗ୍ନି ଦେଇଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣା ମହିଳା ଥିଲେ।

# ଦୁର୍ନୀତି ବିରୋଧରେ ଗଣଧାରଣା

ବାସୁଦେବପୁର,୧୨।୮(କାଳିପଦ ରାୟ/ ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ବିଭିନ୍ନ ପଞ୍ଚାୟତର ବ୍ୟାପକ ଦୁର୍ନୀତି ବିରୋଧରେ ବିଜେଡି ପକ୍ଷରୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ବିଭିନ୍ନ ପଞ୍ଚାୟତରେ ଆବାସ ଯୋଜନା ନାମରେ ହରିଲୁଟ୍ ହୋଇଛି। ଅରଣ୍ଡୁଆ ଓ ସୁଦର୍ଶନପୁର ପଞ୍ଚାୟତରେ ଗୋଟିଏ ଘରକୁ ଦେଖାଇ ଦୁଇଥର ବିଲ୍ କରାଯାଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଛି। ଦୁର୍ନୀତିରେ ସରକାରୀ କର୍ମଚାରୀ ଓ କେତେଜଣ ସରପଞ୍ଚ ମିଳିତ ଭାବେ ସମ୍ପୃକ୍ତ ଅଛନ୍ତି ବୋଲି ବିଜେଡି ଅଭିଯୋଗ ଆଣିଛି।

ତେବେ ଗୋଟିଏ ଘରକୁ ଦେଖାଇ ଦୁଇ ଥର ବିଲ୍ କରିଥିବା କନିଷ୍ଠ ଯନ୍ତ୍ରୀ, ସହାୟକ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅରଣ୍ଡୁଆ



ବିଜେଡି ପକ୍ଷରୁ ବିଡିଓ ତନ୍ମିତା କରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗ୍ରାମବାସୀ ଗତ ୮ ତାରିଖରେ ବିଡିଓ ତନ୍ମିତା କରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଧାରଣାରେ ବସିବେ ବୋଲି ସେମାନେ ଚେତାବନୀ ଦେଇଥିଲେ। ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନା ଯିବାରୁ ବିଜେଡିର କର୍ମକର୍ତ୍ତା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପୂର୍ବତନ ସରପଞ୍ଚ ଓ ଅରଣ୍ଡୁଆ ଗ୍ରାମବାସୀ ମଙ୍ଗଳବାର ପୂର୍ବାହ୍ଣରେ ଧାରଣାରେ ବସିଥିଲେ। ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ଯୁବ ବିଜେଡି ସଭାପତି ଜଗବନ୍ଧୁ ଖିଲାର, ସୁଗୋ ସରପଞ୍ଚ ଚିନ୍ତାମଣି ନାୟକ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ, ଅଗଣୀ ଜେନା, ରାଜେନ୍ଦ୍ର ସାହୁ, ଅରୁଣ ମହାନ୍ତି, ଗୌତମ ସେଠୀ, ଗିରିଶ ଚନ୍ଦ୍ର ସାମଲ, ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ଚିନ୍ମୟ ବାରିକ, ଜିଲା ପରିଷଦ ସଭ୍ୟା ଜୟନ୍ତୀ ବାରିକ, ଜିଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି କମଳା ଘଡ଼େଇ, ସାମାଜିକ କର୍ମୀ ଅଶୋକ କୁମାର ନାୟକ, ଦେବଦର୍ଶନ ଦାସ, ପବିତ୍ର ରଞ୍ଜନ ପୁହାଣ, ସୁଶାନ୍ତ ବିଶ୍ୱାଳ, ଭାସ୍କର ଭୋଇ, ବିଦ୍ୟାଧର ମୁଦୁଲି, ସାରଦା ମହାନ୍ତି ପ୍ରମୁଖ ଏଥିରେ ସାମିଲ ଥିଲେ। ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୂର୍ବତନ ବିଧାୟକ ରାଉତରାୟ ଏକ ଦାବିପତ୍ର ଥାନାଧିକାରୀ ଲୋପାମୁଦ୍ରା ନାୟକଙ୍କ ଉପସ୍ଥିତିରେ ବିଡିଓ କରଙ୍କୁ ପ୍ରଦାନ କରିଥିଲେ। ଏଥିସହ ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ଅଡ଼ି ବସିଥିଲେ। ବିଡିଓ କର ଫୋନ ଯୋଗେ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଯୋଗାଯୋଗ କରିଥିଲେ। ଖୁବ୍‌ଶୀଘ୍ର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଅପରାହ୍ଣରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ତ୍ରିରଙ୍ଗା ଶୋଭାଯାତ୍ରା ପରିକ୍ରମା



ଚାନ୍ଦବାଲି ଏନ୍ଏସି ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଚାନ୍ଦବାଲି,୧୨।୮(କିଷାନ ପାତ୍ର)

ଚାନ୍ଦବାଲି ଏନ୍ଏସି ଭାଜପା ପକ୍ଷରୁ ମଙ୍ଗଳବାର ଅପରାହ୍ଣ ୪ଟାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏନ୍ଏସିସ୍ଥିତ କାଳୀ ମନ୍ଦିର ନିକଟରୁ ଭାଜପା ନେତା ଓ କାର୍ଯ୍ୟକର୍ତ୍ତାମାନେ ବିରାଟ ଶୋଭାଯାତ୍ରାରେ ବାହାରି ହାଟପଡ଼ି ଛକ, ଫକୀରମୋହନ ଛକ, ମଧୁବାବୁ ଛକ, ପୁରୁଣା ବସଷ୍ଟାଣ୍ଡ ଛକ, ବଡ଼ବଜାର ଦେଇ ତ୍ରିରଙ୍ଗା ପତାକା ଧରି ଭାରତ ମାତା ଜିନ୍ଦାବାଦ ସ୍ଲୋଗାନ ଦେଇ ନୂଆ ବସଷ୍ଟାଣ୍ଡରେ ପହଞ୍ଚିଥିଲେ। ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଣି, ଜିଲା ସମ୍ପାଦକ କମଳାକାନ୍ତ ସୁତାର, ଏନ୍ଏସି ସଭାପତି ବିକାଶ କୁମାର ବେହେରା, ତ୍ରିରଙ୍ଗା ଶୋଭାଯାତ୍ରାର ନିର୍ବାଚନମଣ୍ଡଳୀ ସଂଯୋଜକ ସ୍ମୃତିରଞ୍ଜନ ନାୟକ, ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଉପେନ୍ଦ୍ର କୁମାର ରାଉଳ ଓ ଯୁବନେତା ବିଜୟ କୁମାର ବେହେରା ନେତୃତ୍ୱ ନେଇଥିଲେ। ପରିଷଦ ଶାନ୍ତ ମହାଳିକ, ଦେବାଶିଷ ନାୟକ, ଅନୁପ ଜେନା, ଅର୍ଜିତ ପଣ୍ଡା, ଦିଲୀପ ରାଉତ, ବିଷ୍ଣୁ ଦାସ, ମୀନକେତନ ବିଶ୍ୱାଳ, ଭାନୁଶଙ୍କର ଦାସ, ମନୋରଞ୍ଜନ ଖୁଣ୍ଟିଆ, ଶୁଭେନ୍ଦୁ ମହାନ୍ତି, ଅଭିମନ୍ୟୁ ଖୁଣ୍ଟିଆ, ସାଗର ସାହୁ, ଦୟାନିଧି ଘଡ଼ାଇ, ବୁଲୁ ରାଉତ, ନାରୀନେତ୍ରୀ ସସ୍ମିତା ଦାସ, ଅଞ୍ଜନା ମହଲା, ପ୍ରେମିଲତା ବାରିକ, ମେନକା ଦାସ, ରଶ୍ମିତା ସାହୁ, ସସ୍ମିତା ପରିଡ଼ା ପ୍ରମୁଖ ଏଥିରେ ସାମିଲ ଥିଲେ।

# ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ଯୁବ ଛାତ୍ର ବିଜେଡିର ପ୍ରତିବାଦ

ଚାନ୍ଦବାଲି/ଘଣ୍ଟେଶ୍ୱର,୧୨।୮ (କିଷାନ ପାତ୍ର/ବିପିନ ଦାଶ)

ରାଜ୍ୟରେ ନାରୀ ନିର୍ଯାତନା ଓ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ଚାନ୍ଦବାଲି ବ୍ଲକରେ ଯୁବ ଛାତ୍ର ବିଜେଡି ପକ୍ଷରୁ ମଙ୍ଗଳବାର ପୂର୍ବାହ୍ଣ ୧୧ଟା ବେଳେ ପ୍ରତିବାଦ ଶୋଭାଯାତ୍ରା କରାଯାଇଛି। ଏଥିସହ ଡାକ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଦସ୍ୟ ପ୍ରିନ୍ସରାକେଶ ନାୟକଙ୍କ ନେତୃତ୍ୱରେ ଯୁବ, ଛାତ୍ର ବିଜେଡିର ଶତାଧିକ କର୍ମୀ ସ୍ଥାନୀୟ କାଳୀ ମନ୍ଦିର ପ୍ରାଙ୍ଗଣରୁ ବାହାରି ପ୍ଲାକାର୍ଡ ଓ ବ୍ୟାନର ଧରି ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରି ଚାନ୍ଦବାଲି ନଗର ପରିକ୍ରମା କରିଥିଲେ। ପରେ ଚାନ୍ଦବାଲି

### ମୁଖ୍ୟମନ୍ତ୍ରୀ, ଡିଜିଙ୍କ ଉଦ୍ଦେଶ୍ୟରେ ଚିଠି

ଥାନା ନିକଟରେ ପହଞ୍ଚି ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଉଥିବା ନାରୀ ନିର୍ଯାତନା ଓ ଛାତ୍ରୀ ଆତ୍ମହତ୍ୟା ଘଟଣା ନେଇ ସେମାନେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚିଠି ପଠାଯାଇଥିଲା। ଯୁବନେତା ପ୍ରତାପ ବିଶ୍ୱାଳ, ପ୍ରଭାସ ନାୟକ, ଦୀପକ ରାଉତ, ବିଜୁ ଛାତ୍ର ଜନତା ଦଳର ବ୍ଲକ ସଭାପତି ଜିତେନ୍ଦ୍ର ପାଣି, ଉପସଭାପତି ସୋମନାଥ ପରିଡ଼ା, ଦୀପକ ଦାସ, ମାନସ ଦାସ, ଏସ୍ କେ ଫିରୋଜ ପ୍ରମୁଖ ନେତୃତ୍ୱ ନେଇଥିଲେ।




ପ୍ରତିବାଦ ଶୋଭାଯାତ୍ରାରେ ଯୁବ ଛାତ୍ର ବିଜେଡିର କର୍ମକର୍ତ୍ତା ଓ ଅନ୍ୟମାନେ।

# ଡାକ୍ତରଖାନାରେ ପୀଡ଼ିତାଙ୍କୁ ଭେଟିଲା କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍



ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ କଂଗ୍ରେସର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍।

ଭଦ୍ରକ,୧୨।୮(ସନାତନ ରାଉତ)

ବଳାତ୍କାରର ଶିକାର ହୋଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳର ପୀଡ଼ିତା ନାବାଳିକା ଓ ତାଙ୍କ ପରିବାରକୁ ମଙ୍ଗଳବାର ପୂର୍ବାହ୍ଣରେ ଭେଟିଛି ପ୍ରଦେଶ କଂଗ୍ରେସ କମିଟିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍। ଭଦ୍ରକ ଜିଲା ସଂଯୋଜକ ଅସିତ୍ ପଟ୍ଟନାୟକଙ୍କ ନେତୃତ୍ୱରେ ଆସିଥିବା ଟିମ୍‌ର ସଭାପତି ବନ୍ଦିତା ପରିଡ଼ା, ନାରୀନେତ୍ରୀ ଅମିତା ବିଶ୍ୱାଳ, ନିରୁପମା ପାତ୍ର, ବାସନ୍ତୀ ବିଶ୍ୱାଳ,

### ସିମୁଳିଆରେ ନାବାଳିକାଙ୍କୁ ବଳାତ୍କାର ଘଟଣା

କନକଲତା ମଲ୍ଲିକ, ଜାନକୀ ମଲ୍ଲିକ, ପ୍ରଦେଶ କଂଗ୍ରେସ କମିଟିର ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ଜିଲା କଂଗ୍ରେସର ମହିଳା ନେତ୍ରୀ ସବିତା ଚାନ୍ଦ, ଅମିତାବାଳା ଆଚାର୍ଯ୍ୟ ପ୍ରମୁଖ ପୀଡ଼ିତାଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଦିନକୁ ଦିନ ରାଜ୍ୟରେ ମହିଳାମାନଙ୍କ ଉପରେ ବଢୁଥିବା ନିର୍ଯାତନାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଛାତ୍ରୀ ଓ ନାରୀମାନଙ୍କୁ ସୁରକ୍ଷା ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ସେମାନେ କହିଥିଲେ। ଟିମ୍ ସହ ସିମୁଳିଆ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପୂର୍ବତନ ଟାଉନ କଂଗ୍ରେସ ସଭାପତି ଅବଦୁଲ ମୋକିତ ଖାଁ, ସରୋଜ ନାୟକ, ଭରତ ତ୍ରିପାଠୀ, କାଉନସିଲର ଫରିୟାଦ ଖାଁ, ହେମନ୍ତ ସାହୁ, ବଳରାମ ରାଉତ, ବବଲୁ ଦାସ, ସେକ ତଇମୁର ଅଲୀ ପ୍ରମୁଖ ଉପସ୍ଥିତ ଥିଲେ।

# ଶୋଭାଯାତ୍ରାରେ ସାମିଲହେଲେ ମନ୍ତ୍ରୀ

ଧାମନଗର,୧୨।୮(ଦେବେନ୍ଦ୍ର ଆଢ଼ିଆ)

ଭାଜପା ଧାମନଗର ଗ୍ରାମୀଣ ମଣ୍ଡଳ ପକ୍ଷରୁ ମଙ୍ଗଳବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ। ଜାତୀୟ ପତାକା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ସମ୍ମାନ ଓ ସ୍ୱାଭିମାନର ପ୍ରତୀକ ବୋଲି ମନ୍ତ୍ରୀ କହିଥିଲେ। ବହୁ କର୍ମୀ ଓ ସମର୍ଥକ ଗୁଡ଼ୁଚିଟ ବଜାରରୁ ଶୋଭାଯାତ୍ରାରେ ପରିକ୍ରମା କରି ଦେଶାତ୍ମବୋଧକ ସ୍ଲୋଗାନ ଦେଇ ବଡ଼ପୁର ପଞ୍ଚାୟତସ୍ଥିତ ଅଲିଶ ଛକ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲେ। ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକଙ୍କ ସଂଯୋଜନାରେ ଶୋଭାଯାତ୍ରାରେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ଏସ୍‌ପିପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଜିଲା ଯୁବମୋର୍ଚ୍ଚା ସଭାପତି ଦେବାଂଶୁ ରାଉତ, ଆଇନଜୀବୀ ଦୀପ୍ତିରଞ୍ଜନ ଜେନା, ଚନ୍ଦ୍ରଚୂଡ଼ ନାୟକ, ରଞ୍ଜିତା ସ୍ୱାଇଁ, ବୁଦ୍ଧଦେବ ଜେନା, ବିଭୁପ୍ରତି ନାଥ ସାହୁ, ରାଜେନ୍ଦ୍ର ସାହୁ, ପ୍ରୀତମ ଦାସ, କିଶୋର ଦାସ ପ୍ରମୁଖ ସାମିଲ ଥିଲେ।



ତ୍ରିରଙ୍ଗା ଶୋଭାଯାତ୍ରାରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଭାଜପା କର୍ମକର୍ତ୍ତା।

# ୫୫ ଦିନ ପରେ ଅପହୃତା ନାବାଳିକା ଉଦ୍ଧାର

ଧାମନଗର,୧୨।୮ (ଦେବେନ୍ଦ୍ର ଆଢ଼ିଆ)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ କାଙ୍କରା ଅଞ୍ଚଳର ଜଣେ ୧୭ ବର୍ଷୀୟ ନାବାଳିକାଙ୍କୁ ଅପହରଣର ୫୫ଦିନ ପରେ ସୋମବାର ବିଳମ୍ବିତ ରାତିରେ ପୋଲିସ ଉଦ୍ଧାର କରିଛି। ଧାମନଗର ପୋଲିସର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ମୟୂରଭଞ୍ଜ ଜିଲା ଯଶୀପୁରସ୍ଥିତ ଏକ ଭଡ଼ାଘରୁ ନାବାଳିକାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ମଙ୍ଗଳବାର ଡାକ୍ତରୀମାଇନା ପରେ ତାଙ୍କୁ ଜିଲା କୋର୍ଟରେ ହାଜର କରାଯାଇଥିଲା। ପରେ ତାଙ୍କୁ ଭଦ୍ରକସ୍ଥିତ ଆସିଆନାରେ ରଖାଯାଇଥିବା ଥାନା ଅଧିକାରୀ ଗୋପାଳକୃଷ୍ଣ ଜେନା କହିଛନ୍ତି। ତେବେ ଏହି ମାମଲାରେ କାର୍ଯ୍ୟରେ ଅବହେଳା ପାଇଁ ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ନେପାଳ ଶାହାଙ୍କୁ ଏସ୍‌ପି ମନୋଜ ରାଉତ ନିଲମ୍ବନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଜୁନ୍ ୧୭ରେ ଧାମନଗର ନିକଟ ତାଳପଦା ଗ୍ରାମର

### କାର୍ଯ୍ୟରେ ଅବହେଳା ପାଇଁ ଏଏସ୍ଆଇ ନିଲମ୍ବିତ

ଜଣେ ଯୁବକ ଦୁଇଜଣ ସାଙ୍ଗଙ୍କ ଜରିଆରେ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ଏନେଇ ନାବାଳିକାଙ୍କ ମା' ୧୮ ତାରିଖରେ ଧାମନଗର ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଜେନା ଏଏସ୍ଆଇ ଶାହାଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଏଏସ୍ଆଇ ଏକ ମାମଲା (ନଂ.୨୨୫/୨୫) ରୁଜୁ କରି ଅନୁସନ୍ଧାନ ଚଳାଇଥିଲେ ମଧ୍ୟ ଅପହୃତା ନାବାଳିକା ଓ ଅପହରଣକାରୀଙ୍କୁ ଠାବ କରିପାରିନଥିଲେ। ନାବାଳିକାଙ୍କୁ ଖୋଜିବାରେ ବିଳମ୍ବ ହେଉଥିବା ଅଭିଯୋଗ ଆଣି ନାବାଳିକାଙ୍କ ପରିବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ବିଚାର କରି ଧାମନଗର ଥାନା ଆଇଆଇସି ଓ ତଦନ୍ତକାରୀ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ଅଗଷ୍ଟ ୧୧ରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ।

# ବିଳମ୍ବରେ ଖୋଲୁଛି ଆର୍ଆଇ କାର୍ଯ୍ୟାଳୟ

ଘଣ୍ଟେଶ୍ୱର,୧୨।୮(ବିପିନ ଦାଶ)

ଚାନ୍ଦବାଲି ବ୍ଲକର ମତୋ ଆର୍ଆଇ (ରାଜସ୍ୱ ନିରୀକ୍ଷକ)ଙ୍କ କାର୍ଯ୍ୟାଳୟ ବିଳମ୍ବରେ ଖୋଲାଯାଉଛି। ଫଳରେ ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକେ ନିରାଶ ହୋଇ ଫେରୁଥିବା ଅଭିଯୋଗ ହେଉଛି। ଏପରିକି ବିଳମ୍ବ ବିଷୟରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଅ, ମୋର କିଛି ଅସୁବିଧା ନାହିଁ। ଆମେ କାମ ସାରି ଆସିବୁ ବୋଲି ମହିଳା ରାଜସ୍ୱ ନିରୀକ୍ଷକ କହିଥିବାର ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଗତ ଶନିବାର ମତୋ ପଞ୍ଚାୟତ ହାଟସାହି ଗ୍ରାମର ବୃଦ୍ଧା ଜାନକୀ ମହାଲିକ ଓ ନମିତା ମହାଲିକ ନାମ୍ନୀ ମହିଳା ବିଶେଷ କାମରେ ସକାଳ ୯ଟା ସୁଦ୍ଧା ରାଜସ୍ୱ ନିରୀକ୍ଷକଙ୍କ

### ଅପେକ୍ଷା କରି ଫେରୁଛନ୍ତି ଲୋକେ

କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ହେଲେ ପୂର୍ବାହ୍ଣ ସାଢ଼େ ୧୦ଟା ଯାଏ ଅଫିସ୍ ଖୋଲା ନ ଯିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରି ଏକାଧିକବାର ଅଫିସ ବିଳମ୍ବରେ ଖୋଲାଯାଉଥିବା ସେମାନଙ୍କ ସମେତ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ପୂର୍ବାହ୍ଣ ୧୦ଟାରୁ କାର୍ଯ୍ୟାଳୟ ଖୋଲିବା ନିୟମ ରହିଛି। କିନ୍ତୁ ଏଠାରେ ରାଜସ୍ୱ ନିରୀକ୍ଷକ ଇଛା ଅନୁସାରେ କାର୍ଯ୍ୟାଳୟ ଖୋଲୁଛନ୍ତି। କେତେବେଳେ ପୂର୍ବାହ୍ଣ ସାଢ଼େ ୧୦ଟା ତ ଆଉ କେତେବେଳେ ସାଢ଼େ ୧୧ଟାରେ କାର୍ଯ୍ୟାଳୟ ଖୋଲାଯାଉଛି। ଲୋକେ ଦୂରଦୂରାନ୍ତରୁ ଆସୁଥିବା ବେଳେ ବହୁ ସମୟ ଧରି ଖରାରେ ଠିଆ ହୋଇ ଅପେକ୍ଷା କରି ଫେରିବାକୁ ପଡୁଛି। ଏ ସମ୍ପର୍କରେ ଆର୍ଆଇଙ୍କୁ ପଚାରିବାରୁ ସେ କିଛି କହିବାକୁ ମନା କରିଦେଇଥିଲେ। ଏନେଇ ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକ କହିଛନ୍ତି, କିଛିଦିନ ଆଗରୁ ମତୋ ରାଜସ୍ୱ ନିରୀକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା। ପୁନର୍ବାର ଭୁଲ୍ ନ କରିବାକୁ ତାଗିଦ୍ କରିବା ସହ ଉଚ୍ଚ ଅଧିକାରୀଙ୍କୁ ଜଣାଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ସ୍ମୃତିସଭାରେ କବିତା ପାଠୋତ୍ସବ, ସମ୍ବର୍ଦ୍ଧନା

ଧୁଷୁରୀ,୧୨।୮(ଦୀପ୍ତିରଞ୍ଜନ ନାୟକ)

ଧାମନଗର ବ୍ଲକର କୋଠାର କଲେଜ ରୋଡ୍ ନିକଟରେ ତାରୁଣ୍ୟ ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ସ୍ୱର୍ଗତ ଭାଗୀରଥି ସାହୁଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଭାଗୀରଥି ସ୍ମୃତି ସଂସଦର ସଭାପତି ନାଟ୍ୟ ନିର୍ଦ୍ଦେଶକ ବାଦଲ ସିକଦାର ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା, ସଂସ୍କୃତି ମନ୍ତ୍ରୀଙ୍କ ଧାମନଗର ପ୍ରତନିଧି ଅଶୋକ କୁମାର ପୁହାଣ, ମୁଖ୍ୟବକ୍ତା ବରିଷ୍ଠ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ, ବରେଣ୍ୟ ଅତିଥି ରାମକୃଷ୍ଣ ମିଶନ କୋଠାରର ସହ ସମ୍ପାଦକ ଶ୍ରୀମଦ ସ୍ୱାମୀ ବସୁପ୍ରଦା ନନ୍ଦଜୀ ମହାରାଜ ଏବଂ ସମ୍ମାନିତ ଅତିଥି ଭାବେ କାନ୍ତ ସାହିତ୍ୟ ପରିଷଦର ସଭାପତି ରସାନନ୍ଦ ମହାପାତ୍ର, ଗବେଷକ ବିଭୂତି ଭୂଷଣ ସେନାପତି, ପଣ୍ଡିତ ଦୟାନିଧି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ସଂସଦ ପକ୍ଷରୁ ଆୟୋଜିତ କବିତା ପାଠୋତ୍ସବରେ ୩୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ସ୍ୱର୍ଗତ ସାହୁଙ୍କ ପୁଅ ଅଧ୍ୟାପକ ଶ୍ରୀଧର ସାହୁଙ୍କ ସମ୍ପାଦିତ ତାରୁଣ୍ୟ ପତ୍ରିକାର ପୂଜା ସଂଖ୍ୟା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସଂସଦ ପକ୍ଷରୁ ବିଶିଷ୍ଟ ପାଲାଗାୟକ ଜଗନ୍ନାଥ ଧଳ, ଶିକ୍ଷାବିତ୍ ନିତ୍ୟାନନ୍ଦ ମଲ୍ଲିକ ଓ ସେବିକା ତଥା ପୂର୍ବତନ ସରପଞ୍ଚ ଜୟନ୍ତୀ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବିତା ପାଠ ଉତ୍ସବକୁ ସଂଯୋଜନା କରିଥିଲେ ଅଧ୍ୟାପକ ସିଦ୍ଧେଶ୍ୱର ସାହୁ ଓ ସୁବାସ ଚନ୍ଦ୍ର ନାୟକ। କାର୍ଯ୍ୟକାରୀ ସଭାପତି ମାଖନଲାଲ ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ। ସଂସଦର ସମ୍ପାଦକ ଅଧ୍ୟାପକ ପ୍ରଭାତ ଧଳ, ରବୀନ୍ଦ୍ର ପାଣିଗ୍ରାହୀ, ସତ୍ୟସୁନ୍ଦର ପାଢ଼ୀ, ବିଷ୍ଣୁ ଚରଣ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସଭାରେ ଶିକ୍ଷାବିତ୍ ନିତ୍ୟାନନ୍ଦ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଯୁବ ବ୍ୟବସାୟୀଙ୍କ ପରଲୋକ

ଭଦ୍ରକ, ୧୨।୮(ରବିନାରାୟଣ ଖିଲାର)

ଭଦ୍ରକ ବ୍ଲକ ଚୁନିନ୍ଦା ଗ୍ରାମର ସୁରେନ୍ଦ୍ର ବେହେରାଙ୍କ ପୁଅ ଯୁବ ବ୍ୟବସାୟୀ ସଞ୍ଜୀବ ବେହେରା(୪୨)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ସକାଳ ପ୍ରାୟ ୬ଟାରେ ଘରୁ ବାହାରି ଆସିବା ବେଳେ ହଠାତ୍ ଛାତିରେ କଷ୍ଟ ଅନୁଭବ କରିବା ସହ ଯନ୍ତ୍ରଣାରେ ରାସ୍ତାରେ ଗଡ଼ିଯାଇଥିଲେ। ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମରଶରୀରକୁ ଚୁନିନ୍ଦା ବଜାର ପରିକ୍ରମା କରାଇ ଗ୍ରାମରେ ଶେଷକୃତ୍ୟ କରାଯାଇଥିଲା। ପ୍ରାକ୍ତନ ସମିତିସଭ୍ୟ ନିତ୍ୟାନନ୍ଦ ବେହେରା, ସରପଞ୍ଚ ନିରଞ୍ଜନ ମଲ୍ଲିକ, ଗୌରୀ ଗୋପାଳ ଜେନା, ମହେଶ୍ୱର ଲେଙ୍କା, କୃଷ୍ଣଚନ୍ଦ୍ର ବେହେରା, କାହ୍ନୁଚରଣ ସାହୁଙ୍କ ସମେତ ଗ୍ରାମବାସୀ ଓ ବ୍ୟବସାୟୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ଯୁବକଙ୍କୁ ଅପହରଣ ଉଦ୍ୟମ

ବାସୁଦେବପୁର,୧୨।୮(କାଳିପଦ ରାୟ)

ବାସୁଦେବପୁର ବ୍ଲକ ନାୟକାଣିଡିହୀ ଗ୍ରାମର ଜୟପ୍ରକାଶ ମହାପାତ୍ର(୨୫)ଙ୍କୁ ମଙ୍ଗଳବାର ଅପହରଣ ଉଦ୍ୟମ କରାଯାଇଛି। ସୂଚନା ଅନୁଯାୟୀ, ଜୟପ୍ରକାଶ ଏକ ଘରୋଇ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ସୋମବାର ଧାମରା ଯାଇଥିଲେ। ଧାମରାଇ ମନ୍ଦିର ନିକଟରେ କେତେଜଣ ଯୁବକ ସଂଘବଦ୍ଧ ହୋଇ ତାଙ୍କୁ ଆକ୍ରମଣ କରି ମୋବାଇଲ ଛଡ଼ାଇ ନେଇଥିଲେ। ଏନେଇ ଧାମରା ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଜୟପ୍ରକାଶ ଘର ନିକଟ ଏକ ପଡ଼ିଆରେ ବସିଥିବା ବେଳେ ୨ ମହିଳା ଓ କେତେଜଣ ଯୁବକ ଏକ ଥାର୍ ଗାଡ଼ିରେ ଆସି ତାଙ୍କୁ ମାଡ଼ ମାରିବା ସହ ଗାଡ଼ିକୁ ଟେକି ନେବା ପାଇଁ ଉଦ୍ୟମ କରିଥିଲେ। ସେ ପାଟି କରିବାରୁ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବାରୁ ଅପହରଣକାରୀମାନେ ଗାଡ଼ି ନେଇ ଧାମରା ଆଡ଼କୁ ପଳାଇଥିଲେ। ଏନେଇ ତାଙ୍କ ମା' ରୁନାରାଣୀ ମହାପାତ୍ର ନାୟକାଣିଡିହୀ ଥାନାରେ ଅଭିଯୋଗ କରିଥିବା ବେଳେ ଅଭିଯୁକ୍ତମାନେ ବାଂଶଡ଼ା ଥାନା ଅଧୀନ କରଣପଲ୍ଲୀ ଅଞ୍ଚଳର ବୋଲି ଦର୍ଶାଇଛନ୍ତି।

# ମହିଳା ଉଦ୍ୟୋଗୀ ସୃଷ୍ଟି କରିବା ସରକାରଙ୍କ ଲକ୍ଷ୍ୟ: ମନ୍ତ୍ରୀ

### ଭାଜପାର ମାତୃବନ୍ଦନା କାର୍ଯ୍ୟକ୍ରମ

ତିହିଡ଼ି,୧୨।୮(ସଞ୍ଜିତ ବଳ)

ମହିଳା ଉଦ୍ୟୋଗୀ ସୃଷ୍ଟି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ସୁଭଦ୍ରା ଯୋଜନାରେ ସେମାନଙ୍କୁ ସହାୟତା ପ୍ରଦାନ କରାଯାଉଛି ବୋଲି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ମଙ୍ଗଳବାର ଅପରାହ୍ଣ ୧ଟାରେ ତିହିଡ଼ି ବ୍ଲକ ଅଧୀନ ନୂଆନନ୍ଦ ପଞ୍ଚାୟତସ୍ଥିତ କଣ୍ଟିମଙ୍ଗଳାଙ୍କ ପୀଠସ୍ଥଳରେ ଅନୁଷ୍ଠିତ ଭାଜପାର ମାତୃବନ୍ଦନା କାର୍ଯ୍ୟକ୍ରମକୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ଅବସରରେ ଏହା କହିଥିଲେ। ମହିଳାମାନେ ସୁଭଦ୍ରା ସହାୟତା ଅର୍ଥର କିପରି ଠିକ୍ ବିନିଯୋଗ କରିବେ, ସେନେଇ ଆଗାମୀ ଦିନରେ ବିଭିନ୍ନ ପଞ୍ଚାୟତରେ କର୍ମଶାଳା ଅନୁଷ୍ଠିତ ହେବ ବୋଲି ସେ ପ୍ରକାଶ କରିଥିଲେ।



ମାତୃବନ୍ଦନା କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବକ୍ତବ୍ୟ ରଖୁଛନ୍ତି।

ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ରଞ୍ଜିତା ସ୍ୱାଇଁ ଯୋଗଦେଇ ମା' ମାନେ ପିଲାଙ୍କୁ ଠିକ୍ ରୂପେ ଗଢ଼ିପାରିଲେ ସେମାନଙ୍କ ଭବିଷ୍ୟତ ସୁରକ୍ଷିତ ରହିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ମହିଳା ମୋର୍ଚ୍ଚାର ପୂର୍ବତନ ସଭାନେତ୍ରୀ କଳ୍ପନା ଜେନା, ସରପଞ୍ଚ ନୀହାରିକା ବିଶ୍ୱାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ବରିଷ୍ଠ ନେତା ଭରତ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଭାଜପାର ବରିଷ୍ଠ ନେତା ରଘୁନାଥ ପାତ୍ର, ଦେବେନ୍ଦ୍ର ପୁହାଣ, ସୁଧାଂଶୁ ପାଣିଗ୍ରାହୀ, କାନ୍ତକବି ମଣ୍ଡଳ ସଭାପତି ସରୋଜ କୁମାର ନାୟକ, ଐଶାନ୍ୟଚଣ୍ଡି ମଣ୍ଡଳ ସଭାପତି ସାଇଶରଣ ବେହେରା, ପଞ୍ଚାୟତ ସଭାପତି ମନ୍ଦରଧର ପାଣିଗ୍ରାହୀ, ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ପ୍ରମୋଦ କୁମାର ଦାସ, ପୂର୍ବତନ ସରପଞ୍ଚ ଉଷାକାନ୍ତ ନାୟକ, ତପନ କୁମାର ପାଢ଼ୀ, ଭାଗୀରଥି ବୈୟାରୀ, କରୁଣାକର ମଳିକ, ପୁଷ୍ପାଞ୍ଜଳି ବେହେରା, କାଞ୍ଚନ ରାଉଳ, ଯୁବ ସଭାପତି ଯଜ୍ଞଦତ୍ତ ପତି ପ୍ରମୁଖ ମଞ୍ଚାସୀନ ଥିଲେ। ସମିତିସଭ୍ୟ ଭକ୍ତହରି ମଳିକ ଧନ୍ୟବାଦ ଦେଇଥିଲେ। ପଞ୍ଚାୟତ ଯୁବ ସଭାପତି କୈଳାସ ପାଢ଼ୀ, ଦୀନବନ୍ଧୁ ପାଣିଗ୍ରାହୀ, ଦୁଃଖିରାମ ସେଠୀ, ଚିନ୍ମୟ ମହାପାତ୍ର, ରଙ୍ଗାଧର ପାଣିଗ୍ରାହୀ, ରବୀନ୍ଦ୍ର ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ହାତୀ ଦାନ୍ତ ଜବତ ମାମଲା: ଆଉ ୩ ଗିରଫ

କେନ୍ଦୁଝର,୧୨।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ନୟାକୋଟ ଥାନା ଅଧୀନ ବାଲିବେଡ଼ା ଗ୍ରାମରୁ ହାତୀ ଦାନ୍ତ ଜବତ ମାମଲାରେ ବନ ବିଭାଗ ଆଉ ୩ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ନୟାକୋଟ ଥାନା ଅଧୀନ ଅଡାଳ ଗ୍ରାମର ତପନ ପାତ୍ର(୩୦), ଜମ୍ବିରିପଶିର ଗୁରା ମୁଣ୍ଡା(୨୨) ଓ ମୟୂରନାଚୁଣୀ ଗ୍ରାମର ସୁରେଶ ମୁଣ୍ଡା(୪୧)। ଗତ ୭ ତାରିଖରେ ବନ ବିଭାଗ ବାଲିବେଡ଼ା ଗ୍ରାମରୁ ୪ଟି ହାତୀ ଦାନ୍ତ ଜବତ କରିଥିଲା। ଏହି ଘଟଣାରେ ପୂର୍ବରୁ ୫ ଜଣଙ୍କୁ ବନ ବିଭାଗ ଗିରଫ କରିଥିଲା। ସେମାନଙ୍କଠାରୁ ୫ କିଲୋରୁ ଅଧିକ ଓଜନର ହାତୀ ଦାନ୍ତ ଜବତ ହୋଇଥିଲା। ଘଟଣାର ଅଧିକ ତଦନ୍ତ ଜାରି ରହିଛି ବୋଲି ଡିଏଫ୍‌ଓ ଧନରାଜ ଏଚ୍‌ଡି କହିଛନ୍ତି।

### ପ୍ରଧାନ ଶିକ୍ଷକ ନିଲମ୍ବିତ

ପାଟଣା,୧୨।୮ (ବୀର କିଶୋର ଦାଶ)

ମଧ୍ୟାହ୍ନଭୋଜନ ରିପୋର୍ଟରେ ଅନିୟମିତତା କରିଥିବା ପାଟଣା ବ୍ଲକ କେନ୍ଦେଇପୋଷୀ ପଞ୍ଚାୟତ ଖୁଣ୍ଟାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୌଜିରାମ ପାତ୍ରଙ୍କୁ କେନ୍ଦୁଝର ଜିଲାପାଳ ବିଶାଳ ସିଂ ମଙ୍ଗଳବାର କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଜିଲାପାଳ ସିଂ ମଙ୍ଗଳବାର ପାଟଣା ବ୍ଲକ ଗସ୍ତ କରିଥିଲେ। ପାଟଣା ମାର୍କେଟ ପାଇଁ ଜମି ଦେଖିବାକୁ ଆସିଥିବା ବେଳେ ସେ କୌଣସି ପୂର୍ବ ସୂଚନା ନ ଦେଇ କେନ୍ଦେଇପୋଷୀ ପଞ୍ଚାୟତ ଖୁଣ୍ଟାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଥିଲେ। ବିଦ୍ୟାଳୟ ଶୌଚାଳୟ ଅବ୍ୟବହୃତ ହୋଇ ତାଲା ପଡ଼ିଥିବା, ପରିବେଶ ଅପରିଷ୍କାର ଥିବା ସହ ପ୍ରଧାନ ଶିକ୍ଷକ ମଧ୍ୟାହ୍ନ ଭୋଜନରେ ଗଫଲତି କରି ୨ଛାତ୍ରଙ୍କ ମିଲ୍ସ ଅଧିକ ପକାଇ ଥିବା ଜିଲାପାଳ ଦେଖିବାକୁ ପାଇଥିଲେ। ଏନେଇ ପାଟଣା ବିଇଓ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୭୧୨/୨୫ରେ ପ୍ରଧାନ ଶିକ୍ଷକପାତ୍ରଙ୍କୁ ନିଲମ୍ବିତ କରାଯାଇଥିବା ବିଇଓ ପୂର୍ଣ୍ଣଚନ୍ଦ୍ର ଅମାତ କହିଛନ୍ତି। ତୃତୀୟ ଶ୍ରେଣୀର ୨ ଛାତ୍ର ଅନୁପସ୍ଥିତ ଥିଲେ ହେଁ ସେମାନେ ଉପସ୍ଥିତ ଥିବା ଦର୍ଶା ଯାଇଥିଲା।

# ଅନୁମୋଦନ, ମଞ୍ଜୁର ପୂର୍ବରୁ ଟେଣ୍ଡର ଆହ୍ୱାନ

## କେନ୍ଦୁଝର ଡିଏମ୍‌ଏଫ୍

କେନ୍ଦୁଝର/ହାଟଡିହୀ,୧୨।୮ (ନରେଶ ଚନ୍ଦ୍ର ପଟ୍ଟନାୟକ/ଶୁଭକାନ୍ତ ନାୟକ)

କେନ୍ଦୁଝର ଡିଏମ୍‌ଏଫ୍ ଅନିୟମିତତା ଓ ଅପବ୍ୟବହାରର ଆଉ ଏକ ଘଟଣା ସାମ୍ନାକୁ ଆସିଛି। ପ୍ରକଳ୍ପ ଅନୁମୋଦନ, ମଞ୍ଜୁର ପୂର୍ବରୁ ଟେଣ୍ଡର ଆହ୍ୱାନ କରାଯାଇଥିବା ଜଣାପଡ଼ିଛି। ଡିଏମ୍‌ଏଫ୍‌ରେ ଏଭଳି ବିନା ଅନୁମୋଦନରେ ଅନେକ କାମ କରାଯାଇଛି। ଏଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ, ଏଥିରେ ସମ୍ପୃକ୍ତ ଅଧିକାରୀମାନଙ୍କ ଦୁର୍ନୀତି ପଦାକୁ ଆସିପାରିବ ବୋଲି ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ କହିଛନ୍ତି। ତଦନ୍ତ କରି ହେରଫେର ହୋଇଥିବା ଅନୁଦାନକୁ ଆଦାୟ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆନନ୍ଦପୁର ସିଭିଲ ସୋସାଇଟି ସମ୍ପାଦକ ଭଗବାନ ମଳିକ ଦାବି କରିଛନ୍ତି।

୧୦ତମ ଟ୍ରଷ୍ଟ ବୋର୍ଡ ୨୪ନଂ. ସିରିଏଲ ପ୍ରକଳ୍ପ ପାଇଁ ୧୨କୋଟି ୮୯ଲକ୍ଷ ଟଙ୍କା ବ୍ୟୟ ଅଟକଳ ଅନୁମୋଦନ ହୋଇଥିବା ଡିଏମ୍‌ଏଫ୍ କେସ ରେକର୍ଡ ନଂ. ୧୭/୨୦୨୪ରେ ଦର୍ଶାଯାଇଛି। ସେହିପରି କେସ ରେକର୍ଡ ନଂ. ୪୩/୨୦୨୪ ଅନୁସାରେ ଡିଏମ୍‌ଏଫ୍ ଅଫିସ ଅର୍ଡର ନଂ. ୧୦୩୯/୧.୭.୨୦୨୧ ଏବଂ ୧୭୮/୧୧.୧.୨୦୨୩ରେ ଦୁଇ ଥର ପ୍ରଶାସନିକ ଅନୁମୋଦନ ହୋଇଥିଲା। ପରେ ଉକ୍ତ ପ୍ରକଳ୍ପକୁ ବାତିଲ କରି ଏହାର ନୂଆ ପ୍ରଶାସନିକ ଅନୁମୋଦନ କରାଯାଇଥିଲା। ଏହି ପ୍ରକଳ୍ପ ବାବଦରେ ଡିଏମ୍‌ଏଫ ଅର୍ଡର ନଂ ୧୮୪/୧୨.୦୧.୨୦୨୩ରେ ୯୭ କୋଟି ୨୧ ଲକ୍ଷ ଟଙ୍କା ପ୍ରଶାସନିକ ଅନୁମୋଦନ କରାଯାଇଥିଲା। ସେଥିମଧ୍ୟରୁ ୩ଟି ପର୍ଯ୍ୟାୟରେ ୩୨କୋଟି ୨୮ଲକ୍ଷ ଟଙ୍କା ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଜିଲା ମତ୍ସ୍ୟ ଅଧିକାରୀଙ୍କୁ ମଞ୍ଜୁର କରାଯାଇଥିଲା। କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରକଳ୍ପର ପ୍ରଶାସନିକ ଅନୁଦାନ ଅନୁମୋଦନ ଏବଂ ମଞ୍ଜୁର ପୂର୍ବରୁ ଜିଲା ମତ୍ସ୍ୟ ଅଧିକାରୀ ଗତ ୧୩।୯।୨୦୨୨ରେ ଉକ୍ତ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରି ଗତ ୨୦।୧୨।୨୦୨୨ରେ ଏଗ୍ରିମେଣ୍ଟ କରିଛନ୍ତି। ଯାହାକି ଜିଲା ମତ୍ସ୍ୟ ଅଧିକାରୀଙ୍କ ଚିଠି ନଂ. ୩୮୮/୨୯।୧।୨୦୨୫ରେ ଉଲ୍ଲେଖ ରହିଛି। ସେହିପରି ୧୦ତମ ଟ୍ରଷ୍ଟ ବୋର୍ଡ ୨୧୦ନଂ. ସିରିଏଲ ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଅନୁମୋଦନ ହୋଇଥିଲା। କିନ୍ତୁ ଡିଏମ୍‌ଏଫ୍ ଅଫିସ ଅର୍ଡର ନଂ.୨୩୯୧, ୨୩୯୨/୨୯।୧୦।୨୦୨୪ରେ ୧୨ କୋଟି ଟଙ୍କା ପ୍ରଶାସନିକ ଅନୁମୋଦନ ହୋଇଥିବା ଡିଏମଏଫ କେସ ରେକର୍ଡ ନଂ. ୭୪/୨୦୨୪ରୁ ଜଣାପଡ଼ିଛି। ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଜିଲା ସ୍କିଲ ଡେଭଲପମେଣ୍ଟ ତଥା ଏମ୍ପ୍ଲୟମେଣ୍ଟ ଅଧିକାରୀଙ୍କୁ ୩କୋଟି ୬୦ଲକ୍ଷ ୬୦ହଜାର ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। କିନ୍ତୁ ପ୍ରକଳ୍ପ ବାବଦରେ ଅନୁଦାନ ଅନୁମୋଦନ ଏବଂ ମଞ୍ଜୁର ପୂର୍ବରୁ ଗତ ୧୬।୩।୨୦୨୪ରେ ଏଗ୍ରିମେଣ୍ଟ ହୋଇଛି। ୧୧ତମ ଟ୍ରଷ୍ଟ ବୋର୍ଡ ୩୫୨ନଂ. ସିରିଏଲ ପ୍ରକଳ୍ପ ପାଇଁ ୩୨କୋଟି ଟଙ୍କା ବ୍ୟୟ ଅଟକଳ ଅନୁମୋଦନ ହୋଇଥିଲା। କିନ୍ତୁ ଡିଏମ୍‌ଏଫ୍ ଅର୍ଡର ନଂ. ୩୨୫୬/୨୬.୧୦.୨୦୨୩ରେ ୮୫କୋଟି ୮୩ଲକ୍ଷ ଟଙ୍କା ପ୍ରଶାସନିକ ଅନୁମୋଦନ ହୋଇଥିଲା। ଗୋଟିଏ ପର୍ଯ୍ୟାୟରେ ପ୍ରକଳ୍ପ କାର୍ଯ୍ୟକାରୀ ସଂସ୍ଥା ଡେପୁଟି ଡାଇରେକ୍ଟର ହର୍ଟିକଲଚରଙ୍କୁ ଅଧା ଅନୁଦାନ ମଞ୍ଜୁର ହୋଇଛି। ଯାହାକି ଡିଏମ୍‌ଏଫ୍ କେସ ରେକର୍ଡ ନଂ.୪୩/୨୦୨୪ରେ ଉଲ୍ଲେଖ ରହିଛି। ତେବେ ଅନୁଦାନ ମଞ୍ଜୁରୀ ପାଇଁ ଗତ ୨୦୧୯ରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ୩୦,୪୦,୩୦ ଅନୁପାତ ନିର୍ଦ୍ଦେଶ ଏଠାରେ ପାଳନ ହୋଇ ନ ଥିବା ଜଣାପଡ଼ିଛି।

# ବିଶ୍ୱ ହସ୍ତୀ ଦିବସ ଉପଲକ୍ଷେ ଆଲୋଚନାଚକ୍ର




ବିଶ୍ୱ ହସ୍ତୀ ଦିବସରେ କୁଇଜ ପ୍ରତିଯୋଗିତା ଓ ବୃକ୍ଷରୋପଣରେ ସାମିଲ ହୋଇଥିବା ନୋଡାଲ ସ୍କୁଲର ଛାତ୍ରୀଛାତ୍ର ଓ ଅତିଥି।

ବଡବିଲ, ୧୨।୮ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡବିଲ ବନାଞ୍ଚଳ ପକ୍ଷରୁ ମଙ୍ଗଳବାର ବିଶ୍ୱ ହସ୍ତୀ ଦିବସ ଅବସରରେ ଦୁଇଟି ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଆଲୋଚନାଚକ୍ର, କୁଇଜ ଓ ବୃକ୍ଷରୋପଣ କରାଯାଇଛି। ବଡବିଲ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ନୋଡାଲ ୟୁପି ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବଡବିଲ ବନାଞ୍ଚଳ ଅଧିକାରୀ ସଞ୍ଜୀବ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବଡବିଲ ପୌରାଧ୍ୟକ୍ଷ ଲକ୍ଷ୍ମଣ ମହାନ୍ତଙ୍କ ସହ କାଉନସିଲରମାନେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଜଙ୍ଗଲ ହ୍ରାସ ସହ ସହରାଭିମୁଖୀ ହାତୀଙ୍କ ଯୋଗୁ ହାତୀ ଓ ମଣିଷ ମଧ୍ୟରେ ସଂଘର୍ଷ ଘଟି ହାତୀବଂଶ ହ୍ରାସ ପାଇବା, ହାତୀର ସୁରକ୍ଷା, ଜଙ୍ଗଲ ଓ ହାତୀ ସଂରକ୍ଷଣ ଦିଗରେ ସମସ୍ତଙ୍କୁ ସଚେତନ ହେବା ଆବଶ୍ୟକ ବୋଲି ଉପସ୍ଥିତ ଅତିଥି ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରେ ଅତିଥି ଓ ଛାତ୍ରୀଛାତ୍ର ସମସ୍ତେ ସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ।

# କେନ୍ଦୁଝରରେ ତ୍ରିରଙ୍ଗା ଶୋଭାଯାତ୍ରା



ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ଅଧିକାରୀମାନେ।

କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର), ୧୨।୮

କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ହର ଘର ତ୍ରିରଙ୍ଗା ଅଭିଯାନରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚାର ହଜାର ଛାତ୍ରୀଛାତ୍ର, ଅଧିକାରୀ ଏବଂ ଜନସାଧାରଣ ଉତ୍ସାହ ଓ ଗର୍ବର ସହିତ ଜାତୀୟ ପତାକା ଧରି ଏବଂ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ।

ଏହି ଶୋଭାଯାତ୍ରାଟି କେନ୍ଦୁଝର ଷ୍ଟାଡିୟମରୁ ଆରମ୍ଭ ହୋଇ ସହରର ମୁଖ୍ୟ ରାସ୍ତା ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା। ୧୦୦ ମିଟର ଲମ୍ବା ପତାକା ଜାତୀୟ ଏକତା ଏବଂ ଉତ୍ସବର ପରିବେଶ ସୃଷ୍ଟି କରିଥିଲା। ଜିଲାପାଳ ବିଶାଳ ସିଂହ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲା ସଂସ୍କୃତି ଅଧିକାରୀ ରମେଶ ନାଏକ, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

### ଗାର୍ଡ଼ୱାଲରେ ଧକ୍କା ଦେଇ ରାଜମିସ୍ତ୍ରିଙ୍କ ମୃତ୍ୟୁ

ପାଟଣା, ୧୨।୮ (ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ୨୨୦ ନମ୍ବର ଜାତୀୟ ରାଜପଥର ଧାନବେଣି ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ଗାର୍ଡୱାଲରେ ବାଇକ ପିଟି ହୋଇଯିବାରୁ ଆରୋହୀ ରାଜମିସ୍ତ୍ରିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡଖଣ୍ଡ ସାହେବଗଞ୍ଜ ଜିଲା ବାରୁଆରୁଆ ଥାନା ଅବରାଟୋଲା ଗ୍ରାମର ଇମାମ ହୁସେନ (୩୮)। ସେ ଜଣେ ଠିକାଦାରଙ୍କ ଅଧୀନରେ ଗୁଡ଼ୁଡ଼ି ଭାଡ଼ିରେ ରହି କାର୍ଯ୍ୟ କରୁଥିଲେ। କୌଣସି କାମରେ ବାଇକରେ ପାଟଣା ବଜାରକୁ ଆସୁଥିବା ବେଳେ ଧାନବେଣୀ ଛକ ନିକଟ ଉଠାଣିରେ ଏକ ସିମେଣ୍ଟ ପିଲରକୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପାଟଣା ଥାନାରେ ଏକ ମାମଲା(ନଂ. ୧୯୦/୨୫) ରୁଜୁ ହୋଇଛି।

# ଅସୁସ୍ଥ କଏଦୀଙ୍କ ମୃତ୍ୟୁ

କେନ୍ଦୁଝର, ୧୨।୮ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା କାରାଗାରରେ ଅସୁସ୍ଥ ଥିବା ଜଣେ କଏଦୀଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତକ ହେଲେ ବାମେବାରୀ ଥାନା ଅଧୀନ ମଲଦା ମୁଣ୍ଡାସାହିର ରୟା ମୁଣ୍ଡା(୬୭)। ସୂଚନା ଅନୁଯାୟୀ, ଜିଲା କାରାଗାରରେ ଆଜୀବନ କାରାଦଣ୍ଡ ଭୋଗୁଥିବା ରୟା ମଙ୍ଗଳବାର ସକାଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଜେଲ ପକ୍ଷରୁ ଚିକିତ୍ସା ପାଇଁ ପୂର୍ବାହ୍ନ ୧୧ଟା ୧୫ରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସକାଳୁ ତାଙ୍କ ଦେହ ଅସୁସ୍ଥ ହୋଇଥିଲେ ହେଁ ବିଳମ୍ବରେ ଚିକିତ୍ସା ପାଇଁ ପଠାଯିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ଜେଲ ପରିସରରେ ଥିବା ସିସିଟିଭି କ୍ୟାମେରା ଯାଞ୍ଚ ହେଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ମାନବାଧିକାର କର୍ମୀ ସୂରଜ ମହାପାତ୍ର ମତବ୍ୟକ୍ତ କରିଛନ୍ତି। ରୟା ଜଣେ ରୋଗୀ ଏବଂ ବୟସ ଅଧିକ ଥିବାରୁ ଜେଲ୍ କର୍ତ୍ତୃପକ୍ଷ ତାଙ୍କୁ ଉଚିତ ସ୍ୱାସ୍ଥ୍ୟସେବା ଯୋଗାଇ ନ ଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ନିୟମ ଅନୁଯାୟୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭିଡିଓ ରେକର୍ଡିଂ କରାଯାଇ ମୃତଦେହ ବ୍ୟବଚ୍ଛେଦ କରାଯିବ। ରୟା ଦୀର୍ଘଦିନ ଧରି ବିଭିନ୍ନ ରୋଗରେ ଅସୁସ୍ଥ ଥିଲେ ଏବଂ ଚିକିତ୍ସାଧୀନ ଥିଲେ। ସକାଳେ ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି କେନ୍ଦୁଝର ଜେଲ ଅଧୀକ୍ଷକ ଉପେନ୍ଦ୍ର କୁମାର ଜେନା କହିଛନ୍ତି।


ପ୍ରକାଶଥାଉ କି, ଗୁଣିଗାରେଡ଼ି ସନ୍ଦେହରେ ଜଣଙ୍କୁ ହତ୍ୟା ଅଭିଯୋଗରେ ରୟା ୨୦୧୬ ଜାନୁଆରୀ ୧୮ରେ ଗିରଫ ହୋଇ ବଡ଼ବିଲ ଉପକାରାଗାରରେ ଥିଲେ। ପରେ ୨୦୧୮ ଡିସେମ୍ବର ୨୦ରେ ସେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇ ଚମ୍ପୁଆ ଉପକାରାଗାରରେ ଥିଲେ। ସେଠାରୁ ୨୦୨୦ ମାର୍ଚ୍ଚ ୭ରେ ସେ କେନ୍ଦୁଝର ମୁଖ୍ୟ କାରାଗାରକୁ ସ୍ଥାନାନ୍ତର ହୋଇଥିଲେ।

## ମୟୂରଭଞ୍ଜ

# ୭ ଫୁଟର ଅଜଗର ଉଦ୍ଧାର

ଉଦଳା,୧୨।୮ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅନ୍ତର୍ଗତ ଦୁଗୁଧା ଗ୍ରାମରୁ ମଙ୍ଗଳବାର ୭ ଫୁଟର ଏକ ଅଜଗର ଉଦ୍ଧାର ହୋଇଛି। ଗ୍ରାମର ଜଣେ ବ୍ୟକ୍ତିଙ୍କ ବାଡ଼ିରେ ଥିବା ଜାଲରେ ଏହି ଅଜଗର ଛନ୍ଦିହୋଇ ରହିଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଖବରପାଇ ସାପ ଉଦ୍ଧାରକାରୀ ଦଳ ପହଞ୍ଚି ପ୍ଲାଷ୍ଟିକ ଜାଲରେ ଛନ୍ଦି ହୋଇଥିବା ଅଜଗରକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରେ ଅଜଗରକୁ ଶିମିଳିପାଳ ଅଭୟାରଣ୍ୟରେ ଛାଡ଼ି ଦିଆଯାଇଥିବା ସୂଚନା ମିଳିଛି।



### ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/କୁଳିଅଣା(ଆଦିକନ୍ଦ ସାହୁ),୧୨।୮

ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ୧୮ ନଂ.ଜାତୀୟ ରାଜପଥର ତିତିରି ଛକ ହନୁମାନ ମନ୍ଦିର ପାର୍ଶ୍ୱରେ ମଙ୍ଗଳବାର ଅପରାହ୍ନ ୫ଟାରେ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖାରପୋଖରିଆ ଥାନା ଦିଘି ଗ୍ରାମର ନରେନ୍ଦ୍ର ଦାସ ଓ ଦାନାଦାର ଗ୍ରାମର ରଣଜିତ ଦେହୁରୀ। ଏନେଇ କୁଳିଅଣା ଥାନାରେ ଏକ ମାମଲା (ନଂ.୧୪୦/୨୫) ରୁଜୁ ହୋଇଛି।

# ସଠିଲୋ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ

ବେତନଟୀ,୧୨।୮ (ଧରଣୀ ଧର ମହାନ୍ତି)

ମୟୂରଭଞ୍ଜ ଜିଲା ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ସଠିଲୋ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଏନେଇ ବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରହରି ମହାନ୍ତ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ରମାକାନ୍ତ ମହାନ୍ତ, ମୁଖ୍ୟ ବକ୍ତା ଭାବେ ସଂସ୍କୃତ ଶିକ୍ଷକ ମନୋରଞ୍ଜନ ଦାଶ, ସମ୍ମାନୀୟ ଅତିଥି ଭାବେ ବେତନଟୀ ବ୍ଲକ ସହକାରୀ ଶିକ୍ଷା ଅଧିକାରିଣୀ ଅପର୍ଣ୍ଣା ସାହୁ, ଓଷ୍ଟା ଶିକ୍ଷକ ସଂଘର ଜିଲା ସମ୍ପାଦକ କିଶୋର ଆଚାର୍ଯ୍ୟ, ସଠିଲୋ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା ଭୂୟାଁ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ସୁରମା ଓଡା କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ରୀନା ପରିଡ଼ା, କ୍ଷଣପ୍ରଭା ମହାନ୍ତ, ଆରତୀ ଭୋଇ, ରୁନି ମହାନ୍ତ, କମଳଲୋଚନ ବେହେରା ସମେତ ସମସ୍ତ ଶିକ୍ଷୟତ୍ରୀ ଶିକ୍ଷକ ଛାତ୍ରୀ ଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଫୁଟ୍‌ବଲ ଟୁର୍ନାମେଣ୍ଟ

ଗୋପବନ୍ଧୁ ନଗର,୧୨।୮ (ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ ଶୀଳଘାଟୀ ପଞ୍ଚାୟତ ଗୁଡଡିଆ ସିନ୍ଦୂର ଗୌରା ଯୁବକ ସଂଘ ଆନୁକୂଲ୍ୟରେ ୩୦ତମ ୪ ଦିନିଆ ବାର୍ଷିକ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରୁ ୩୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଜୁନିୟର ଏଫ୍‌ସି ଚଡ଼ଦାକୁ ହରାଇ ଓ ସାଗୁନ ସ୍ୱରାଜ ଏଫ୍‌ସି ମୟୂରଭଞ୍ଜ ଚାମ୍ପିୟନ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଶୀଳଘାଟୀ ପଞ୍ଚାୟତ ସରପଞ୍ଚ ଖେଲା ହେମ୍ବ୍ରମ, ସମିତି ସଭ୍ୟ ଅଭିମନ୍ୟୁ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଚନ୍ଦନେଶ୍ୱର ମୁର୍ମୁ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଯୁବକ ସଂଘର ସଭାପତି ସାଗରାମ ଟୁଡୁ, ସମ୍ପାଦକ ଇଂ. ରତ୍ନାକର ମୁର୍ମୁ, ଡାକ୍ତର ମୁର୍ମୁ, ସନାତନ ଟୁଡୁ, ଭରତ ଚନ୍ଦ୍ର ମୁର୍ମୁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢ଼େଇ, କୁଶଳଦା ସମିତି ସଭ୍ୟ ରାମଚନ୍ଦ୍ର ସିଂ, ବନମାଳୀ ଚୌଧୁରୀ, ଅବସରପ୍ରାପ୍ତ କର୍ମଚାରୀ ପୀଥ ମୁର୍ମୁ, ସିନିୟର ଖେଳାଳି କାଳିଚରଣ ମୁର୍ମୁ ଓ ସନାତନ ଟୁଡୁ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ୫୦ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ୩୦ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ।

### ପୋଖରୀରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ମୋରଡ଼ା,୧୨।୮ (ସ୍ୱାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଭାଲିଆଡ଼ିହା ପଞ୍ଚାୟତର ସୁନାହଜାର ଗ୍ରାମରେ ପୋଖରୀରେ ବୁଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେହେଲେ ସ୍ୱର୍ଗତ ସୁନା ହେମ୍ବ୍ରମଙ୍କ ସ୍ତ୍ରୀ ଝାନ(୫୮)। ମଙ୍ଗଳବାର ଅପରାହ୍ନରେ ସେ ଗ୍ରାମ ନିକଟସ୍ଥ ଏକ ପୋଖରୀକୁ ଗାଧୋଇବାକୁ ଯାଇ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ବଡ଼ଜାମବଣି ଫାଣ୍ଡି ଅଧିକାରୀ ଅଶେଷ କୁମାର ଦାସ ପହଞ୍ଚି ଚିତ୍ରଡ଼ା ଦମକଳ ବାହିନୀ ସହାୟତାରେ ମୃତଦେହ ଉଦ୍ଧାର କରି କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏନେଇ ବେତନଟୀ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୭/୨୦୨୫) ରୁଜୁ ହୋଇଛି।

### ବିଡିଓଙ୍କ ଚାମ୍ବରରେ ତାଲା ପକାଇଲେ ଲୋକ ପ୍ରତିନିଧି

ରାଇରଙ୍ଗପୁର,୧୨।୮ (ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବିଜାତଳା ବ୍ଲକ ବିଡିଓଙ୍କ ଚାମ୍ବରରେ ବ୍ଲକ ଅଧ୍ୟକ୍ଷା ରାଣୀ ମୁର୍ମୁ, ସରପଞ୍ଚ ଓ ସମିତି ସଭ୍ୟମାନେ ମଙ୍ଗଳବାର ତାଲା ପକାଇବା ଚର୍ଚ୍ଚାର ବିଷୟ ହୋଇଛି। ବିଡିଓଙ୍କ ଅନୁପସ୍ଥିତି ଯୋଗୁ ଉନ୍ନୟନ କାର୍ଯ୍ୟ ବ୍ୟାହତ ହେଉଥିବା ଅଭିଯୋଗ କରି ନିର୍ବାଚିତ ଲୋକ ପ୍ରତିନିଧିମାନେ ଏଭଳି ପନ୍ଥା ଆପଣେଇଥିବା କହିଛନ୍ତି। ବିଡିଓ ବଂଶୀଧର ଖସଡ଼ା ପୋଲିସକୁ ଖବର ଦେବା ପରେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧିକାରୀ ସରସ୍ୱତୀ ଟୁଡୁ ବ୍ଲକ ଅଫିସରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

### କନଷ୍ଟେବଲ ନିଲମ୍ବିତ

ମୋରଡ଼ା,୧୨।୮ (ସ୍ୱାରକ ମାଜୀ)

କାର୍ଯ୍ୟରେ ଅବହେଳା ଯୋଗୁ ଶୁଳିଆପଦା ଥାନା କନଷ୍ଟେବଲ ଅନିଲ ଗିରଙ୍କୁ ମୟୂରଭଞ୍ଜ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ସୂଚନା ଅନୁଯାୟୀ, ଅନିଲ ବିଭିନ୍ନ ସମୟରେ ମଦ୍ୟପାନ କରି ଡ୍ୟୁଟି ଖିଲାପ କରିବା, ଖାକିର ଅପବ୍ୟବହାର କରିବା ଭଳି ଅଭିଯୋଗ ହୋଇଥିଲା।

### କମେଣ୍ଟ ମରାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ

ବୈଶିଙ୍ଗା,୧୨।୮ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ପୁରୁଣିଆ ଗ୍ରାମରେ ସୋମବାର ଅପରାହ୍ନ ୫ଟାରେ କମେଣ୍ଟ ମରାକୁ କେନ୍ଦ୍ରକରି ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଶ୍ରୀରାମ ପାତ୍ରଙ୍କ ସ୍ତ୍ରୀଙ୍କୁ ଗ୍ରାମର କିଛି ଯୁବକ ଅଶ୍ଳୀଳ କମେଣ୍ଟ କରୁଥିବା ନେଇ ସେ ତାଙ୍କ ସ୍ୱାମୀଙ୍କୁ ଫୋନ କରି ଜଣାଇଥିଲେ। ଏହାପରେ ଶ୍ରୀରାମ ଓ ତାଙ୍କ ବଡ଼ଭାଇ କାର୍ତ୍ତିକ ଘଟଣାସ୍ଥଳକୁ ଯାଇ ୪ଜଣ ଯୁବକ ମଦ୍ୟପାନ କରୁଥିବା ଦେଖିଥିଲେ। ଦୁଇଭାଇ ଘଟଣା ବାବଦରେ ପଚାରିବାରୁ ସେମାନେ ଗାଳିଗୁଲଜ କରିବା ସହ ଧମକପୂର୍ଣ୍ଣ ଚେତାବନୀ ଦେଇଥିଲେ। ଦୁଇଭାଇ ବୈଶିଙ୍ଗା ଥାନାରେ ଅଭିଯୋଗ କରିବାକୁ ବାହାରି ଯାଇଥିଲେ। ତେବେ ଡାଳଭଙ୍ଗା ଛକ ନିକଟରେ ପ୍ରାୟ ୧୦ଜଣ ଦୁର୍ବୃତ୍ତ ସେମାନଙ୍କୁ ଘେରିଯାଇ ତେଲେଙ୍ଗା କଟୁରି ଓ ଭୁଜାଲିରେ ଆକ୍ରମଣ କରିଥିଲେ। ଦୁଇଭାଇ ଧାନ ବିଲ ଭିତରେ ଦୌଡୁଥିବା ବେଳେ ବଡ଼ ଭାଇ କାର୍ତ୍ତିକ କାଦୁଆରେ ଫସି ଯାଇଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ହାଣି ଚାଲିଥିବା ବେଳେ ପ୍ରଚୁର ରକ୍ତସ୍ରାବ ଯୋଗୁ ସେ ଚେତାଶୂନ୍ୟ ହୋଇଯାଇଥିଲେ। ସେ ମରିଯାଇଥିବା ଭାବି ଦୁର୍ବୃତ୍ତମାନେ ତାଙ୍କୁ ଛାଡ଼ି ଚାଲିଯାଇଥିଲେ। ଶ୍ରୀରାମ ଗାଁ ଲୋକଙ୍କ ସହାୟତାରେ ତାଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ପୋଲିସ ରାଜେନ୍ଦ୍ର ବେହେରା,ଗୌତମ ପ୍ରଧାନ ଓ ଗଣେଶ୍ୱର ସିଂହଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବାରିଣୀ ଦାସ କହିଛନ୍ତି।

# 'ଶାନ୍ତିପ୍ରିୟ ହାତୀଙ୍କୁ ଅଶାନ୍ତି କରିବା ଉଚିତ ନୁହେଁ'

ବାରିପଦା,୧୨।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶହୀଦ ସ୍ମୃତି ଭବନରେ ମଙ୍ଗଳବାର ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଛି। ସେଭ ଏଲିଫାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟ ଓ ବନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିବିଶେଷ, ପରିବେଶବିତ୍ ଓ ବନ୍ୟପ୍ରାଣୀ ପ୍ରେମୀମାନେ ଏକତ୍ରିତ ହୋଇ ହାତୀ ସଂରକ୍ଷଣ ଏବଂ ତାଙ୍କର ଆବାସସ୍ଥଳୀ ରକ୍ଷା ପାଇଁ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଆରଡି ଛାତ୍ରୀଛାତ୍ରଙ୍କ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ଗାନ ପୂର୍ବକ ସଭା ଆରମ୍ଭ ହୋଇଥିଲା। ଏହାପରେ ଶିମିଳିପାଳ ଟାଇଗର ରିଜର୍ଭର ଗଜରାଜ 'ମହେନ୍ଦ୍ର', 'ଭବାନୀ' ଓ 'ଶୋଭା'ଙ୍କର ସ୍ମୃତିଚାରଣ ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ବାରିପଦା ସର୍କଲର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ବନ୍ୟ ପ୍ରାଣୀ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଜୀବଜଗତର ବୃହତ ପ୍ରାଣୀ ହାତୀଙ୍କୁ ଅଶାନ୍ତି କରିବାନି, ତାଙ୍କ ପଛରେ ଗୋଡାଇବାନି, ସେମାନେ ତାଙ୍କ ପଥରେ ଯିବାଆସିବା କରିବେ। ଆମେ ତାଙ୍କ ବାଟରେ କଣ୍ଟା ହୋଇ ଠିଆ ହେବାନି। ଆମେ ତାଙ୍କୁ ସୁରକ୍ଷାଦେଲେ ସେମାନେ ଆମକୁ ଶାନ୍ତିରେ ରହିବାକୁ ଦେବେ ଓ ମଣିଷ-ହାତୀ ମଧ୍ୟରେ ଲଢ଼େଇରେ ମଣିଷ ଆୟୁଧ ନ ହେଉ ବୋଲି କହିଥିଲେ।

ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥିଭାବେ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, କିଟ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପିକା ତୁଳସୀ ପ୍ରଧାନ ପ୍ରମୁଖ ଯୋଗଦେଇ ସେଭ୍ ଏଲିଫାଣ୍ଟ ଫାଉଣ୍ଡେଶନ ଟ୍ରଷ୍ଟର ପ୍ରୟାସକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ମହାରାଜା ଭଞ୍ଜଦେଓ ସମାଜର ସମ୍ମିଳିତ ଅଂଶଗ୍ରହଣ ଦ୍ୱାରା ବନ୍ୟଜନ୍ତୁ ସଂରକ୍ଷଣର ଗୁରୁତ୍ୱ ଉପରେ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଆଇଏଫ୍‌ଏସ ଡ. ଦେବବ୍ରତ ସ୍ୱାଇଁଙ୍କ ଦ୍ୱାରା ରଚିତ ପୁସ୍ତକ 'ଦି ସିକ୍ରେଟ୍ସ ଅଫ ଶିମିଳିପାଳ' (ପେପରବ୍ୟାକ ସଂସ୍କରଣ) ଉନ୍ମୋଚିତ ହୋଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ଡ. ସମ୍ରାଟ ଗୌଡ଼ା ଶିମିଳିପାଳରେ ହାତୀ ପରିଚାଳନା ବିଷୟରେ ଆଲୋଚନା କରି ଶିମିଳିପାରେ ରହିଥିବା ୧୦୫ରୁ ଅଧିକ ହାତୀଙ୍କୁ ସୁରକ୍ଷିତ ଭାବେ ଚଳପ୍ରଚଳ କରିବାକୁ ଅଭୟ ଦିଆଯାଇଛି। ଏଆଇ କ୍ୟାମେରା ରହିଥିବାରୁ ଦିନକୁ ଦିନ ଶିକାରୀଙ୍କୁ ଗିରଫ କରାଯାଉଛି ବୋଲି କହିଥିଲେ। ପୂର୍ବତନ ଶିକ୍ଷା ସଚିବ ତଥା ଅବସରପ୍ରାପ୍ତ ଆଇଏଏସ ଡ. ଅରୁଣ କୁମାର ରଥ ଯୋଗଦେଇ ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ମତ ପ୍ରକାଶ କରିଥିଲେ। ରାଇରଙ୍ଗପୁର ଡିଏଫଓ ସୁବ୍ରତ ପାତ୍ର ଏବଂ ବାଲେଶ୍ୱର ଡିଏଫଓ ପି.କେ ମଲ୍ଲିକ ବନ୍ୟଜନ୍ତୁ ସୁରକ୍ଷା ଓ ଶିକାରୀଙ୍କୁ ସମୂଳେ ନାଶ କରିବା କାର୍ଯ୍ୟକୁ ନେଇ ଆଲୋଚନା କରିଥିଲେ। ଫରେଷ୍ଟର ପଦ୍ମା ବେହେରାଙ୍କ ନେତୃତ୍ୱରେ ହାତୀ ସଂରକ୍ଷଣ ଉପରେ ଛଉ ନୃତ୍ୟ ପରିବେଷଣ ସହ ପର୍ଣ୍ଣରୂପା ମହାନ୍ତି ଓ ଗୋଷ୍ଠୀଙ୍କ ଦ୍ୱାରା ଝୁମର ନୃତ୍ୟ ପରିବେଷଣ ହୋଇଥିଲା। ହସ୍ତୀ ଦିବସ ଅବସରରେ ଆୟୋଜିତ ବିତର୍କ, ରଚନା ଲେଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତାମାନଙ୍କୁ ସମ୍ମାନିତ କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ଡ. ରଜନୀକାନ୍ତ ଜେନା ଧନ୍ୟବାଦ ଦେଇଥିଲେ।

### ବିଶ୍ୱ ହସ୍ତୀ ଦିବସ ପାଳିତ

## ସାପ କାମୁଡ଼ାରେ ନାବାଳକଙ୍କ ମୃତ୍ୟୁ

ସୋର, ୧୨।୮ (ଜନ୍ମେଜୟ ମିଶ୍ର)

ସୋର ଡାକ୍ତରଖାନାରେ ଜଣେ ନାବାଳକଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ଝାଡଖଣ୍ଡ ରାଜ୍ୟ ଚକୁଲିଆ ଥାନା ସିନ୍ଦୁରଗୌରୀ ଗ୍ରାମର ଭୁବନେଶ୍ୱର ଶବରଙ୍କ ସାନ ପୁଅ ମୋହନ ଶବର (୧୦) ନିକଟସ୍ଥ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ପାଠ ପଢନ୍ତି। ସେ ଗତ ୧୦ ତାରିଖ ଅପରାହ୍ନରେ ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ଏକ ବିଷଧର ସାପ ତାଙ୍କ ଗୋଡକୁ କାମୁଡିଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବାରିପଦା ଓ ସୋମବାର ରାତିରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିଲା। ସୋର ନିକଟରେ ତାଙ୍କର ଅବସ୍ଥା ସଙ୍କଟାପନ୍ନ ହେବାରୁ ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଅନ୍ତରାରେ କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

ଖଇରା, ୧୨।୮ (ଉତ୍କଳବନ୍ଧୁ ପଣ୍ଡା)

ଅନ୍ତରା କେନାଲ ବନ୍ଧ ନିକଟରେ ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ବଳାତ୍କାର କରାଯିବା ଘଟଣାକୁ ନେଇ ଉଭୟ ବାଲେଶ୍ୱର ଓ ଭଦ୍ରକ ଜିଲାବାସୀଙ୍କୁ ଆଚମ୍ବିତ କରିଛି । ସୋମବାରର ସିନ ରିକ୍ରିଏସନ ପରେ ମଙ୍ଗଳବାର ପ୍ରଦେଶ କଂଗ୍ରେସର ସଭାପତି ଭକ୍ତଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ୫ଜଣିଆ ତଥ୍ୟ ଅନୁସନ୍ଧାନକାରୀ ଦଳ ଅଧକ୍ଷା ବନ୍ଦିତା ପରିଡାଙ୍କ ନେତୃତ୍ୱରେ ଅନ୍ତରା ଗ୍ରାମରେ ପହଞ୍ଚି ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ପୀଡ଼ିତାଙ୍କ ପରିବାରକୁ ଭେଟି କଂଗ୍ରେସ ନାରୀ ସୁରକ୍ଷା ସହ ସାଲିସ କରିବାର ପ୍ରଶ୍ନ ଉଠୁନାହିଁ ଏବଂ କଂଗ୍ରେସ ଦଳ ସବୁବେଳେ ମହିଳାଙ୍କ ସହ ରହିଛି ଏବଂ ରହିଥିବ ବୋଲି ଭରସା ଓ ଆଶ୍ୱାସନା ଦେଇଥିଲେ।

ଟିମ୍ ଅଧକ୍ଷା ସହିତ ସଭ୍ୟ ଭାବେ ଅମିତା ବିଶ୍ୱାଳ, ବାସନ୍ତୀ ସାମଲ, ନିରୁପମା ପାତ୍ର, ଅମିତା ଆଚାର୍ଯ୍ୟ, କନକଲତା ମଲ୍ଲିକ, ଜାନକୀ ମଲ୍ଲିକ ସାମିଲ ଥିବା ବେଳେ ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା, ବ୍ଲକ କଂଗ୍ରେସ ସଭାପତି ଶରତ ଦାସ, ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଖବରଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ଅବସରରେ କଂଗ୍ରେସ ମହିଳାଙ୍କ ସାଥିରେ ଛାଇ ଭଳି ରହିଛି। ମୁଖ୍ୟମନ୍ତ୍ରୀଙ୍କ ପାଖରେ ଗୃହ ବିଭାଗ ଥିବା ବେଳେ ଗୋଟିଏ ପରେ ଗୋଟିଏ ବଳାତ୍କାର, ହତ୍ୟା ଘଟଣା ରାଜ୍ୟ ସରକାରଙ୍କ ନିଷ୍କ୍ରିୟତାକୁ ପ୍ରମାଣିତ କରିଛି । ଓଡିଶାବାସୀ କ'ଣ ଏଇଥିପାଇଁ ସରକାର ପରିବର୍ତ୍ତନ କରିଥିଲେ ବୋଲି ପ୍ରଶ୍ନ ଉଠାଇଛନ୍ତି। ପୀଡ଼ିତାଙ୍କୁ ଭଦ୍ରକରୁ ଅନ୍ୟ ହସ୍‌ପିଟାଲକୁ ସ୍ଥାନାନ୍ତର କରିବାକୁ ଦିଆଯିବ ନାହିଁ । ଭୁବନେଶ୍ୱରରୁ ଡାକ୍ତର ଆସି ଏଠାରେ ଚିକିତ୍ସା କରିବାକୁ ଟିମ୍ ଦାବି କରିଛି।

### ମହିଳାଙ୍କ ସହ ଛାଇ ଭଳି ରହିଛି କଂଗ୍ରେସ ଦଳ: ଟିମ୍ ଅଧକ୍ଷ



ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରୁଛି।

## ଫେମ୍‌ଟାଇମ୍ସ ପକ୍ଷରୁ ବୈଜ୍ଞାନିକ ଶିବାନୀ ସମ୍ବର୍ଦ୍ଧିତ

ବାହାନଗା, ୧୨।୮ (ଅରୂପ କୁମାର ଦାସ)



ଶିବାନୀ ମହାପାତ୍ର।

ବାହାନଗା ବ୍ଲକ ଖନ୍ତାପଡା ଗ୍ରାମର ଯୁବା ବୈଜ୍ଞାନିକ ଡ. ଶିବାନୀ ମହାପାତ୍ରଙ୍କୁ ଫେମ୍‌ଟାଇମ୍ସ ପତ୍ରିକା ପକ୍ଷରୁ ଚଳିତ ମାସ ରାଜସ୍ଥାନ ଜୟପୁରଠାରେ 'ଫେମ୍‌ଟାଇମ୍ସ-୨୦୨୫' ଆୱାର୍ଡରେ ସମ୍ବର୍ଦ୍ଧିତ କରାଯାଇଛି। ଶିବାନୀ ହେଲେ ଖନ୍ତାପଡା ଗ୍ରାମର କେଶବ କୁମାର ମହାପାତ୍ର ଓ ଗାୟତ୍ରୀ ମହାପାତ୍ରଙ୍କ ବଡ଼ ଝିଅ। ସେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟରେ ସହକାରୀ ପ୍ରଫେସର ଭାବେ କାର୍ଯ୍ୟରତ। ପୂର୍ବରୁ ସେ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନରୁ ପିଏଚ୍‌ଡି ହାସଲ କରିଛନ୍ତି। କମ୍ ଜମିରେ ଉନ୍ନତମାନର ଧାନ ଚାଷ କରି ଅଧିକ ଅମଳ କରିବା ଓ ମରୁଡି ସହଣି, ବନ୍ୟା ସହଣି ଧାନ ଉପରେ ଗବେଷଣା କରି ସଫଳତା ପାଇଛନ୍ତି। ଔଷଧୀୟଗୁଣ ଯୁକ୍ତ ଧାନ ଚାଷ ଉପରେ ସେ ଗବେଷଣା ଜାରି ରଖିଛନ୍ତି। ଫଳରେ ଲୋକଙ୍କର କ୍ୟାନ୍ସର ଓ ମଧୁମେହ ଆଦି ରୋଗର ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ। ତାଙ୍କର ମଧ୍ୟ ୩୦ରୁ ଅଧିକ ଗବେଷଣାଭିତ୍ତିକ ସନ୍ଦର୍ଭ ଜାତୀୟ ଏବଂ ଆନ୍ତର୍ଜାତିକ ଗବେଷଣା ପତ୍ରିକା ମାନଙ୍କରେ ପ୍ରକାଶିତ ହେବା ସହ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ସେ ରାଜ୍ୟସ୍ତରୀୟ ବିଜ୍ଞାନ, କୃଷି ଓ ଜୈବ ପ୍ରଯୁକ୍ତି ବିଦ୍ୟାରେ ଲେଖିକା ଓ ବକ୍ତା ଭାବେ ପାରଦର୍ଶିତା ଲାଭ କରିପାରିଛନ୍ତି। ଏସବୁ ଗବେଷଣା ପତ୍ରିକାକୁ ଭିତ୍ତି କରି ତାଙ୍କୁ ଫେମଟାଇମ୍ସର ଯୁବା ମହିଳା ବୈଜ୍ଞାନିକ ୨୦୨୫ରେ ଚୟନ କରାଯାଇ ପୁରସ୍କୃତ କରାଯାଇଛି। ଏହି ସଫଳତା ପାଇଁ ଶିବାନୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## 'ଶିକ୍ଷକଙ୍କ ନିକଟତର ଛାତ୍ରୀଛାତ୍ର ଭଲ ମଣିଷ ହୁଅନ୍ତି'



ଅତିଥି ଓ ଅଧାପକମାନଙ୍କ ଗହଣରେ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ସିମୁଳିଆ, ୧୨।୮ (ସନ୍ତୋଷ ନାୟକ)

ସିମୁଳିଆ ମହାବିଦ୍ୟାଳୟର ଶିକ୍ଷା (ଏଜୁକେଶନ ଅନର୍ସ) ସମ୍ମାନ ବିଭାଗର ନବାଗତ ଛାତ୍ରୀଛାତ୍ରଙ୍କୁ ମଙ୍ଗଳବାର ଅପରାହ୍ନରେ ସ୍ୱାଗତ ଓ ପୁରାତନ ଛାତ୍ର ସଂସଦ ଦ୍ୱାରା ଗତ ପରୀକ୍ଷାରେ ଏହି ବିଭାଗରେ 'ଏ ପ୍ଲସ' ପାଇଥିବା ୪ଜଣ କୃତୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପକ ବାବୁରାମ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଅର୍ଜୁନ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଯୁକ୍ତ ୩ ପ୍ରଥମ ବର୍ଷରେ ନାମ ଲେଖାଇଥିବା ଓ ଏଜୁକେଶନ ଅନର୍ସ ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ଅଧ୍ୟକ୍ଷ ନିଜ ବକ୍ତବ୍ୟରେ ଶିକ୍ଷକମାନଙ୍କ ନିକଟତର ଛାତ୍ରୀଛାତ୍ରମାନେ ଭଲ ମଣିଷ ହୁଅନ୍ତି ବୋଲି କହିଥିଲେ। ସେହିପରି ଅଧାପକ ଡ. ବିଶ୍ୱରଞ୍ଜନ ଦାଶ ବକ୍ତବ୍ୟରେ ଶିକ୍ଷା ମଣିଷକୁ ପୂର୍ଣ୍ଣାଙ୍ଗ କରିଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଡ. ରଞ୍ଜନ କୁମାର ମୁଦୁଲି, ଗୌରାଙ୍ଗ ଚନ୍ଦ୍ର ବେହେରା, ପୁରାତନ ଛାତ୍ର ସଂସଦର ସଭାପତି ଗଦାଧର ଜେନା, ସମ୍ପାଦକ ସନ୍ତୋଷ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଗତ ପରୀକ୍ଷାରେ ଏଜୁକେଶନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ମାନସ ସାହୁ, ଶିବପ୍ରସାଦ ସେଠୀ, ଅଲିଭା ମିଶ୍ର ଓ ଟିନୁ ଜେନାଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଅଧାପକ ବାବୁରାମ ଜେନା ଅତିଥି ପରିଚୟ ପ୍ରଦାନ ଓ ଛାତ୍ରୀ ସ୍ୱପ୍ନାଲିସା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷାଧିକ ଟଙ୍କାର ଦେଶୀ, ବିଦେଶୀ ମଦ ଜବତ

### ଅବକାରୀ ବିଭାଗର ଚଢ଼ାଉ, ୩ ବେପାରୀ ଗିରଫ

ବାଲେଶ୍ୱର, ୧୨।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଲକ୍ଷାଧିକ ଟଙ୍କାର ଦେଶୀ, ବିଦେଶୀ ମଦ ଜବତ ସହ ୩ ବେପାରୀଙ୍କୁ ଗିରଫ କରାଯାଇଛି। ଭ୍ରାମ୍ୟମାଣ ଅବକାରୀ ଆଇଆଇସି ହରିହର ସିଂଙ୍କ ନେତୃତ୍ୱରେ ଏସ୍‌ଆଇ ଭବେଶ ଦାସ, ଏଏସ୍‌ଆଇ ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ସଦଳବଳେ ଚଢ଼ାଉ କରି ଖଇରା ଥାନା ହରିପୁର ଗ୍ରାମର ଅଭିଯୁକ୍ତ ଚନ୍ଦ୍ରଶେଖର ସିଂ ଓ ପଣପଣା ଗ୍ରାମର ଚକ୍ରଧର ପାତ୍ରଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ୩୩.୪୦୦ଲିଟର ବିଦେଶୀ ମଦ ଓ ୩୯ଲିଟର ବିଦେଶୀ ମଦ ଜବତ କରିଥିଲେ। ଜବତ ମଦର ମୂଲ୍ୟ ୧ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏନେଇ ୨ଟି ମାମଲା (ନଂ. ୧୮୧/୨୫-୨୬, ୧୮୨/୨୫-୨୬) ରୁଜୁ ହୋଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ସଦର ଅବକାରୀ ଥାନା ଅଧିକାରୀ ଦୀପ୍ତିମୟୀ ସାହୁ, ଏସ୍‌ଆଇ ଭକ୍ତଚରଣ ସ୍ୱାଇଁ ପ୍ରମୁଖ ସଦର ଥାନା ଅଧୀନ କୁରୁକୁରା ଗ୍ରାମରେ ଚଢ଼ାଉ କରି ୩୪ଶହ ଲିଟର ଗୁଡ଼ ପୋଚ, ୫ଶହ ଲିଟର ହାତରନ୍ଧା ଦେଶୀ ମଦ ଓ ମଦ ରନ୍ଧା ସରଞ୍ଜାମ ଆଦି ଜବତ କରିଥିଲେ। ଅଭିଯୁକ୍ତ କୁରୁକୁରା ଗ୍ରାମର ସୁଶାନ୍ତ ପ୍ରଧାନଙ୍କୁ ଗିରଫ କରିଥିଲେ। ଏନେଇ ଏକ ମାମଲା (ନଂ. ୬୫/୨୫-୨୬) ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।



ଜବତ ବିଦେଶୀ ମଦ ସହ ଗିରଫ ଅଭିଯୁକ୍ତ।

## ଭୋଗରାଇ ପ୍ରଥମ ବିଧାୟକଙ୍କ ଜୟନ୍ତୀ ପାଳିତ

ଭୋଗରାଇ, ୧୨।୮ (ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀର ପ୍ରଥମ ବିଧାୟକ ଶଶିକାନ୍ତ ଭଞ୍ଜଙ୍କ ୧୦୫ତମ ଜୟନ୍ତୀ ମଙ୍ଗଳବାର ଶ୍ରଦ୍ଧାପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳନ କରାଯାଇଛି। ଏହି ଅବସରରେ ସେଠାରେ ଥିବା ସ୍ୱର୍ଗତ ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଆୟୋଜିତ ସଭାକୁ ପୂର୍ବତନ ସମିତିସଭ୍ୟ ସୁଶାନ୍ତ ନାୟକ ସଞ୍ଚାଳନ କରିଥିଲେ। ଭୋଗରାଇର ପ୍ରାକ୍ତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଶଶିକାନ୍ତ ଭଞ୍ଜଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସମିତିସଭ୍ୟାଙ୍କ ପ୍ରତିନିଧି ଗୌରହରି ମଣ୍ଡଳ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଦୟହରି ନାୟକ, ସିଆରସିସି ଦେବକୁମାର ପାତ୍ର, ବ୍ରଜକିଶୋର ପାତ୍ର, କାର୍ତ୍ତିକ ଦେ, କବିତା ମହାକୁଡ଼, ଚନ୍ଦନ ଦାସ ପ୍ରମୁଖ ଯୋଗଦେଇ ଶଶିକାନ୍ତ ବାବୁ ଭୋଗରାଇ ବିକାଶର ଯେଉଁ ସ୍ୱପ୍ନ ଦେଖୁଥିଲେ ତାହା ପୂର୍ଣ୍ଣାଙ୍ଗ ହେଉ ବୋଲି ମତ ପ୍ରକାଶ କରିଥିଲେ।

## ଭାଲୁ ଆକ୍ରମଣରେ ବର୍ତ୍ତିଗଲେ ବୃଦ୍ଧ

ନୀଳଗିରି, ୧୨।୮ (ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଏନ୍‌ଏସି ୬ ନଂ. ୱାର୍ଡ଼ ନିଜଗଡ଼ ଗ୍ରାମର ରତନ ଦାଶ (୬୫) ଲୁଗା ଦୋକାନ ପାଖ ଗଳିରେ ମଙ୍ଗଳବାର ସକାଳେ ଫୁଲ ତୋଳିବା ସମୟରେ ଭାଲୁ ହାବୁଡ଼ରେ ପଡ଼ିଥିଲେ। ଭାଲୁଟି ରତନଙ୍କ ଉପରକୁ ଲମ୍ଫ ପ୍ରଦାନ କରି ତଳେ ପକାଇ ଦେଇଥିଲା। ତାଙ୍କର ବାମ ହାତ, ପିଠିକୁ ନଖରେ ଚିରି ଆକ୍ରମଣ କରିଥିଲା। ରତନଙ୍କ ଚିତ୍କାର ଶୁଣି ପଡ଼ୋଶୀ ରୁଣ୍ଡ ହୋଇଯିବାରୁ ଭାଲୁ ତାଙ୍କୁ ଛାଡ଼ି ନିକଟ ସ୍ୱର୍ଣ୍ଣଚୂଡ଼ ଜଙ୍ଗଲକୁ ପଳାଇଥିଲେ। ତୁରନ୍ତ ନୀଳଗିରି ମେଡିକାଲକୁ ଅଣାଯାଇ ଚିକିତ୍ସା କରାଯାଇଛି। ତେବେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଡାକ୍ତର ପ୍ରକାଶ କରିଛନ୍ତି।

## ପୋଖରୀରେ ବୁଡ଼ି ଯୁବକ ମୃତ

ଲଙ୍ଗଳେଶ୍ୱର, ୧୨।୮ (କମଳାକାନ୍ତ ଦାସ)

ବାଲେଶ୍ୱର ଜିଲାର ସାର୍ଥା ପଞ୍ଚାୟତ ଚକ ସାର୍ଥା ମରିଚି ଗ୍ରାମର ଦିବାକର ମାଝି(୩୦) ସୋମବାରଠାରୁ ଘରକୁ ଫେରି ନ ଥିଲେ। ବିଳମ୍ବିତ ରାତି ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। କୌଣସି ସନ୍ଧାନ ପାଇ ନ ଥିଲେ। ମଙ୍ଗଳବାର ସକାଳ ୮ଟାରେ ତାଙ୍କ ସ୍ତ୍ରୀ ଦିବାକରଙ୍କ ମୃତଦେହ ଘର ନିକଟସ୍ଥ ପୋଖରୀରେ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ଖବରପାଇ ସାର୍ଥା ଫାଣ୍ଡି ଏଏସ୍‌ଆଇ ସତ୍ୟରଞ୍ଜନ ସେଠୀ ପହଞ୍ଚି ମୃତଦେହ ଜବତ କରି ଏକ ମାମଲା (ନଂ. ୨୭/୨୫) ରୁଜୁ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ଲଙ୍ଗଳେଶ୍ୱର ମଣ୍ଡଳର ତ୍ରିରଙ୍ଗା ଶୋଭାଯାତ୍ରା

କାଳିପଦା, ୧୨।୮ (ରାଜଶ୍ରୀ ପାଣିଗ୍ରାହୀ)

ଲଙ୍ଗଳେଶ୍ୱର ମଣ୍ଡଳର ତ୍ରିରଙ୍ଗା ପତାକା ଶୋଭାଯାତ୍ରା ମଙ୍ଗଳବାର ଶିବମନ୍ଦିର ପଡ଼ିଆରୁ ଶୋଭାଯାତ୍ରାରେ ପରିକ୍ରମା କରିଥିଲା। ୨ ଶହ ମିଟର ଲମ୍ବର ଏକ ଜାତୀୟ ପତାକା କଲେଜ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ପରିକ୍ରମା କରାଯାଇଥିଲା। ଅତିଥି ଭାବରେ ଭାଜପା ଉତ୍ତର ବାଲେଶ୍ୱରର ଜିଲା ସଭାପତି ପ୍ରଦୀପ କୁମାର ପଣ୍ଡା, ବସ୍ତା ନିର୍ବାଚନ ମଣ୍ଡଳୀର ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ଫରନାଳ ବିଶ୍ୱାଳ, ସାଉଡ଼ି ସରପଞ୍ଚ ଧରଣୀଧର ମଲ୍ଲିକ, ଶ୍ରୀକୃଷ୍ଣ ପାତ୍ର, ବିମଳ ସାହୁଙ୍କ ସମେତ ଏହି ମଣ୍ଡଳରେ ଥିବା ୮ଟି ପଞ୍ଚାୟତର ଶତାଧିକ ଭାଜପାର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଗାନ୍ଧୀଛକରେ ସ୍ୱଚ୍ଛ ଭାରତ ଅଭିଯାନ

ଗାନ୍ଧିଛକ, ୧୨।୮ (ଦିଲୀପ ପଣ୍ଡା)

ବସ୍ତା ମଣ୍ଡଳ ଭାଜପା ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗାନ୍ଧୀଛକରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ପରିଷ୍କାର କରି ମାଲ୍ୟାର୍ପଣ କରିଥିଲେ। ବଜାର ମଧ୍ୟରେ ଝାଡୁ ମାରି ରାସ୍ତାଘାଟ ପରିଷ୍କାର କରି ସ୍ୱଚ୍ଛ ଭାରତର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା, ରବୀନ୍ଦ୍ର ଅଣ୍ଡିଆ, ମଣ୍ଡଳ ସଭାପତି ପ୍ରସନ୍ନ ପଣ୍ଡା, ସୂର୍ଯ୍ୟନାରାୟଣ ସାହୁ, ଉମାକାନ୍ତ ବେଜ, ନିହାର ରଞ୍ଜନ ବେହେରା, ମନୋଜ ବେହେରା, ଦିବାକର ରାଉତ, ରଞ୍ଜନ ମହାନ୍ତି, ରାଜେନ୍ ପରିଡା, ଅଜୟ ବେହେରା ଓ ଦେବାନନ୍ଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## 'ସଂସ୍କୃତ ଭାଷା ବଞ୍ଚିଲେ ସଂସ୍କୃତିର ବିକାଶ ହେବ'

ବସ୍ତା, ୧୨।୮ (ହରିଶଙ୍କର ପାଢ଼ି)

ବସ୍ତା ବ୍ଲକ ଅଧୀନ ଇଡ଼ିଦାସ୍ଥିତ ଗୋଲକ ନାରାୟଣ ବନଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୀନତି ରଣାଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଏହି ଦିବସ ପାଳନ ହୋଇଥିଲା। ବରିଷ୍ଠ ଶିକ୍ଷକ ଗୋପାଳକୃଷ୍ଣ ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଧୀରେନ୍ଦ୍ର ନାରାୟଣ ପ୍ରହରାଜ, ସମ୍ମାନିତ ଅତିଥି ଭାବେ ସିଆର୍‌ସିସି ପୂର୍ଣ୍ଣଚନ୍ଦ୍ର ଦାସ ଯୋଗଦେଇ ସଂସ୍କୃତ ଭାଷା ବଞ୍ଚିଲେ ସଂସ୍କୃତିର ବିକାଶ ହେବ ବୋଲି ବକ୍ତବ୍ୟରେ କହିଥିଲେ।

ସଂସ୍କୃତ ଶିକ୍ଷକ ଚନ୍ଦନ କୁମାର ତ୍ରିପାଠୀ ସଂସ୍କୃତ ଦିବସର ଉପାଦେୟତା ଓ ସଂସ୍କୃତ ସପ୍ତାହ ପାଳନର ଆଭିମୁଖ୍ୟକୁ ସଂସ୍କୃତ ଭାଷାରେ ବାଖ୍ୟା କରିଥିଲେ। ଏହି ଉପଲକ୍ଷେ କନିଷ୍ଠ ଓ ବରିଷ୍ଠ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଂସ୍କୃତ ଭାଷଣ, ଶ୍ଳୋକାବୃତ୍ତି ଓ ସଂସ୍କୃତ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ମଞ୍ଜୁରାଣୀ ମହାପାତ୍ର, ରମାକାନ୍ତ ଦାସ, ଝରଣା ଦାସ, କାଳିଚରଣ ସେନାପତି, ଅନୁରାଧା ବେହେରା, ସସ୍ମିତା ଜେନା, କନକଲତା ବେହେରା, ଅଜିତ ଦାସ, ଅରୁଣ କୁମାର ଜେନା, ଶିବଶଙ୍କର ମିଶ୍ର ରଶ୍ମିରାଣୀ ବେଶ୍ରା, ନିହାର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

## ଔପଦା ଡିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ

ଔପଦା, ୧୨।୮ (ଧରିତ୍ରୀ ପଣ୍ଡା)

ସଂସ୍କୃତ ବିଭାଗୀୟ ମୁଖ୍ୟ ଦ୍ୱାରିକାନାଥ ସତପଥୀଙ୍କ ସଭାପତିତ୍ୱରେ ସଂସ୍କୃତ ଦିବସ ଔପଦା ଡିଗ୍ରୀ ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଅଧ୍ୟକ୍ଷ ମୋହନ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ଓଡ଼ିଆ ବିଭାଗ ପ୍ରଧ୍ୟାପକ କମଳାକାନ୍ତ ଦାସ, ରାଜନୀତି ବିଭାଗ ପ୍ରାଧ୍ୟାପକ ହରିହର ପଣ୍ଡା, ଇତିହାସ ବିଭାଗ ପ୍ରାଧ୍ୟାପକ ସବିତା ମହାରଣା, ଓଡ଼ିଆ ପ୍ରାଧ୍ୟାପକ ବାନିସା ମୁଦୁଲି, ଶିକ୍ଷା ବିଭାଗ ପ୍ରାଧ୍ୟାପକ ପ୍ରବାସିନୀ ବେହେରା ଓ ରଞ୍ଜିତା ପଲାଇ ତଥା କର୍ମଚାରୀ ଅଂଶଗ୍ରହଣ କରି ସଂସ୍କୃତର ମହତ୍ତ୍ୱ ଓ ଉପକାରିତା ସମ୍ବନ୍ଧରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ଛାତ୍ର ନୀଳକଣ୍ଠ ଦାସ ଓ ମାଧୁରୀ ବେହେରା ସଂସ୍କୃତ ଦିବସ ପାଳନ କରୁଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଅଧ୍ୟକ୍ଷ ସାହୁ ସଂସ୍କୃତ କେବଳ ଭାଷା ନୁହେଁ ବରଂ ସବୁ ଭାଷାର ଜନନୀ ବୋଲି କହିଥିଲେ। ସଂସ୍କୃତ ବିଭାଗର ଅନ୍ୟତମ ଛାତ୍ରୀ ଭାଗ୍ୟଲକ୍ଷ୍ମୀ ମାହୁନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିଆପାଳକୁ ଫାଇଲେରିଆମୁକ୍ତ କରିବାକୁ ବାଇକ୍ ରାଲି



ବାଲିଆପାଳ, ୧୨।୮ (ଗୋପାଳ ଚନ୍ଦ୍ର ସାହୁ): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକକୁ ଫାଇଲେରିଆମୁକ୍ତ କରିବା ପାଇଁ ମଙ୍ଗଳବାର ବାଘାଯତୀନ ସ୍ମୃତି ବିକାଶ ପରିଷଦ ପକ୍ଷରୁ ସଚେତନତା ବାଇକ ରାଲି ଅନୁଷ୍ଠିତ ହୋଇଥିଲା। ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବାହାରିଥିବା ଏହି ରାଲିକୁ ସାମାଜିକ କର୍ମୀ ଜଗଦାନନ୍ଦ ଉଦ୍‌ଘାଟନ କରିବା ସହିତ ଏହି ସରକାରୀ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀମାନଙ୍କ ସହଯୋଗକୁ ପ୍ରଶଂସା କରିଥିଲେ। ବାଘାଯତୀନ ସ୍ମୃତି ବିକାଶ ପରିଷଦର ସଭାପତି ଅରବିନ୍ଦ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶ୍ୱାସ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଅଜୟ କୁମାର ସାହୁ, ଆର୍ମି ସଙ୍ଗଠନର କୋଡିନେଟର ରାଜେନ୍ଦ୍ର ରଣା, ଯୁବ ବିକାଶର ଗୋବିନ୍ଦ ଦଳାଇ, ଶିଳ୍ପୀ କେଶୁ ଦାସ ପ୍ରମୁଖ ଯୋଗଦେଇ ସଫଳତା କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପିଏଇଚଓ ଝୁନାବାଳା ଦେ, ସୁପରଭାଇଜର ରମାନାଥ କର, ବିପିଏମ୍ ବିଶ୍ୱଜିତ ଦାସ ପ୍ରମୁଖ ସହଯୋଗ କରିଥିଲେ। ଏହି ବାଇକ ରାଲି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାହାରି ବାଲିଆପାଳ, ପଞ୍ଚରୁଖି, ଜାମକୁଣ୍ଡା, ବଡ଼ାଶ, କାଳିପଦା, କାଳିଆଖିଆ, ପଞ୍ଚୁପାଲି, ଲଙ୍ଗଳେଶ୍ୱର, ବାଲିକୁଟି, ବଳରାମପୁର ଆଦି ଅଞ୍ଚଳ ପରିକ୍ରମା କରି ସଚେତନ କରାଇଥିଲା।

## ଦୁର୍ଘଟଣାରେ ମହିଳା ଗୁରୁତର

ଜଳେଶ୍ୱର, ୧୨।୮ (ନବୀନ ସାହୁ)

ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଧୀନ କାଳିକ ପଞ୍ଚାୟତର ଗହିରାବନ୍ଧ ଗ୍ରାମ ଗୌରୀ ପଟ୍ଟନାୟକ (୫୫) ସାଇକେଲରେ ଯାଉଥିବା ବେଳେ ତାରିଣୀ ମନ୍ଦିର ନିକଟରେ ଜଳେଶ୍ୱର ପଟୁ କାୟମ ଖାଁ (୨୨) ନାମକ ଯୁବକ ଦ୍ରୁତଗତିରେ ବାଇକ୍‌ରେ ଯିବା ସମୟରେ ଆସି ସାଇକେଲକୁ ସାମ୍ନା ପଟୁ ଧକ୍କା ଦେଇଥିଲେ। ଫଳରେ ଗୌରୀ ଦୂରକୁ ଛିଟିକି ପଡ଼ିଥିଲେ। ପାଖରେ ଥିବା ଗ୍ରାମବାସୀ ସଂଜ୍ଞାହୀନ ଅବସ୍ଥାରେ ଗୌରୀ ଏବଂ ଦୁର୍ଘଟଣା ଘଟାଇଥିବା ଯୁବକଙ୍କୁ ଉଦ୍ଧାର କରି ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଗୌରୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଯୁବକ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି।

# 'ଖଇରା ମାଟିର ବିଦଗ୍ଧ ନାୟକ ଥିଲେ ମୁକୁନ୍ଦ ପ୍ରସାଦ'

### ଓଡ଼ିଶାର ପ୍ରଥମ ବାଚସ୍ପତିଙ୍କ ୧୩୯ତମ ଜୟନ୍ତୀ

ଖଇରା, ୧୨।୮ (ଉତ୍କଳବନ୍ଧୁ ପଣ୍ଡା)

ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ମୁକୁନ୍ଦ ପ୍ରସାଦ ଦାସଙ୍କର ୧୩୯ତମ ଜୟନ୍ତୀ ସମାରୋହ ମଙ୍ଗଳବାର ଖଇରା ଶିକ୍ଷକ ଭବନ ପରିସରରେ ପାଳିତ ହୋଇଯାଇଛି । ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିଚାରଣ ସଭାରେ ବିଶିଷ୍ଟ ବକ୍ତା ଭାବେ ପାଲାଗାୟକ ହରିହର ପାଣିଗ୍ରାହୀ ଯୋଗଦେଇ ମୁକୁନ୍ଦ ବାବୁ ଖଇରା ମାଟିର ବିଦଗ୍ଧ ନାୟକ ଥିଲେ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଖଇରା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ବସନ୍ତ କୁମାର ଖିଲାର, ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ମୁକ୍ତିକାନ୍ତ ଶତପଥି ସ୍ୱର୍ଗତ ଦାସଙ୍କ ଜୀବନୀ ଆଲୋକପାତ କରିବା ଅବସରରେ ମାଟି ପ୍ରତି ଥିବା ଅବଦାନକୁ ଯୁବବର୍ଗ ଆଦର୍ଶ ଭାବେ ଗ୍ରହଣ କରିବା ଦରକାର ବୋଲି କହିଥିଲେ। ମୁକୁନ୍ଦ ଦାସ ସ୍ମୃତି କମିଟିର ସଭାପତି ବୁଦ୍ଧିରାମ ପାଣିଗ୍ରାହୀ ଓ ସମ୍ପାଦକ ଅଭିରାମ ମହାପାତ୍ର ବ୍ଲକ ପରିସରରେ ମୁକୁନ୍ଦ ବାବୁଙ୍କ ପ୍ରତିମୂର୍ତ୍ତି ନିର୍ମାଣ ସହିତ ଶିକ୍ଷକ ଭବନ କୋଠରୀରେ ଏକ ଚିତ୍ର ନିର୍ମାଣ ପାଇଁ ପରାମର୍ଶ ଦେଇଥିଲେ। ନିର୍ମଳ କୁମାର ଦାସ, ପ୍ରାକ୍ତନ ଏବିଇଓ ବାସୁଦେବ ରାଉତଙ୍କ ସମେତ ବହୁ ଶିକ୍ଷାବିତ ମୁକୁନ୍ଦ ପ୍ରସାଦ ବାଚସ୍ପତି ଥିବା ସମୟର ଘଟଣା ଆଲୋକପାତ କରିଥିଲେ।



ସ୍ମୃତିସଭାରେ ମଞ୍ଚାସୀନ ଅତିଥି ଓ ସ୍ମୃତି କମିଟିର କର୍ମକର୍ତ୍ତା।

# ପାଳଛତୁ ଚାଷ ପ୍ରସ୍ତୁତି



ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ଼ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡ଼ାବିଡ଼ାଗୁଡ଼ିକୁ (୩୦ ବିଡ଼ା) ୧୨ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡ଼ା ଛାଣି ନଡ଼ାରୁ ଅଧିକ ପାଣି ନିଗାଡ଼ିଦେବା ପାଇଁ ବିଡ଼ାଗୁଡ଼ିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡ଼ାକରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡ଼ି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାରକରି ତାକୁ ଭାଗ କରନ୍ତୁ। ଭାଡ଼ି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡ଼ା ନଡ଼ାକୁ ଖୋଲି ବିଛାଇଦିଅନ୍ତୁ। ଯେପରି ନଡ଼ା ମୂଳଭାଗ ବାହାରକୁ ରହିବ। ତା'ପରେ ସେହି ଛତୁମଞ୍ଜି ଖଣ୍ଡଗୁଡିକ ଉପରେ ଏକ ଭାଗ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ବୁଣିଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡ଼ା(୯ ବିଡ଼ାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ଼ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡ଼ା (୯ ବିଡ଼ାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡ଼େ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡ଼ଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡ଼ା ନଡ଼ାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ – ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡ଼ାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢ଼ିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ – ୪ ଥର ପାଣି ସ୍ପ୍ରେ କରନ୍ତୁ।

# ଅର୍ଥକରୀ ଫଳଚାଷ



**ଡ. ପରେଶ କୁମାର ପଣ୍ଡା**

"ଫଳ ସ୍ୱାସ୍ଥ୍ୟ ପାଇଁ ଯେତିକି ଉପାଦେୟ ଏହାର ଚାଷ ମଧ ସେପରି ଲାଭଜନକ। ଏକ ଏକର ଅମୃତଭଣ୍ଡା ଲଗାଇଲେ ବର୍ଷକୁ ୧୫୦-୨୨୦ କୁଇଣ୍ଟାଲ ଫଳ ମିଳେ, ଯାହାର ଆନୁମାନିକ ମୂଲ୍ୟ ୧.୫ ଲକ୍ଷ ହେବ। ସେହିପରି ଏକ ଏକର ନଡ଼ିଆ ବଗିଚାରୁ ବର୍ଷକୁ ପଇଡ଼ ଏବଂ ନଡ଼ିଆ ବାବଦରେ ପ୍ରାୟ ୨ ଲକ୍ଷ ଟଙ୍କା ମିଳିଥାଏ। ପନିପରିବା ଓ ଶସ୍ୟଜାତୀୟ ଖାଦ୍ୟ ରୋଷେଇ ଦ୍ୱାରା ଭିଟାମିନ୍ କେତେକାଂଶରେ ହରାଇ ବସନ୍ତି। କିନ୍ତୁ ଫଳ ଆହାର ଦ୍ୱାରା ଆମକୁ ଭିଟାମିନ୍ ସହଜରେ ମିଳିଥାଏ। ଆମ ରାଜ୍ୟ ପାଇଁ ଫଳଚାଷ ଅତି ଗୁରୁତ୍ୱପୂର୍ଣ୍ଣ।"

ଫଳଚାଷ ବହୁ ପୁରାତନ ସମୟରୁ ଚାଲିଆସିଛି। ଏପରିକି ୩୫୦୦ ବର୍ଷ ତଳୁ ଲୋକମାନେ ବିଭିନ୍ନ ପ୍ରକାର ଫଳଚାଷ କରୁଥିବାର ଅନେକ ପ୍ରମାଣ ତଥ୍ୟ ମିଳୁଛି। ଆମ ରାଜ୍ୟରେ ବିଶେଷଭାବରେ ଆମ୍ବ, ନଡ଼ିଆ, ପିଜୁଳି, ଲେମ୍ବୁଜାତୀୟ, ସପେଟା, କଦଳୀ, ଲିଚୁ, ଅମୃତଭଣ୍ଡା, ସପୁରି, ଡାଳିମ୍ବ, ଆତ ଓ ପଣସ ଉତ୍ପାଦିତ ହୋଇଥାଏ। ଏହିସବୁ ଫଳ ବିଶେଷଭାବରେ କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ସମ୍ବଲପୁର, ରାୟଗଡ଼ା, ଫୁଲବାଣୀ ଏବଂ ସୁନ୍ଦରଗଡ଼ ଜିଲାରେ ଅଧିକ ଚାଷ ହୋଇଥାଏ। ଆହୁରି ମଧ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ରାୟଗଡ଼ା, କୋରାପୁଟ ଏବଂ ବାଲେଶ୍ୱର ଜିଲାରେ କଦଳୀଚାଷ, ଗଞ୍ଜାମ, ପୁରୀ, କଟକ ଏବଂ ବାଲେଶ୍ୱର ଜିଲାରେ ସପେଟା, ଅନୁଗୋଳରେ ଲିଚୁ ଚାଷ ଖୁବ୍ ଲୋକପ୍ରିୟ। ଆମ ରାଜ୍ୟରେ ପ୍ରାୟ ୩, ୪୦, ୪୮୦ ହେକ୍ଟର ଫଳ ଚାଷ ଅଞ୍ଚଳ ଏବଂ ୨୪, ୦୨,୩୦୦ ମେଟ୍ରିକ ଟନ୍ ଫଳ ଉତ୍ପାଦିତ ହେଉଛି।

ଦେଶରେ ନାନା ପର୍ବପର୍ବାଣିରେ ବିଭିନ୍ନ ପ୍ରକାର ଫଳ ପୂଜାରେ ଲାଗିଥାଏ। ଏଥିରେ ବିଭିନ୍ନ ପ୍ରକାର ଧାତବ ଲବଣ ଓ ଭିଟାମିନ୍ ରହିଥାଏ, ଯାହାକି ଆମ ସ୍ୱାସ୍ଥ୍ୟ ପାଇଁ ଏକାନ୍ତ ଆବଶ୍ୟକ। ଫଳ ଗଛର ଚେର, ମୂଳ, ପତ୍ର, ଛେଲି ଇତ୍ୟାଦିକୁ ଔଷଧ ରୂପେ ବ୍ୟବହାର କରାଯାଏ। ଫଳଚାଷ ଖୁବ୍ ଲାଭଜନକ। ଫଳରେ ଜୈବିକ ଅମ୍ଳ ରହିଥାଏ। ଫଳ ଖାଇଲେ ହଜମ ଶକ୍ତି ବଢ଼ିଯାଏ ଓ ଭୋକ ଠିକ୍ ସମୟରେ ହୋଇଥାଏ। ଫଳରସ ରୋଗୀମାନଙ୍କ ପାଇଁ ଖୁବ୍ ଉପକାରୀ। ଫଳ ବଗିଚାରେ ମହୁଚାଷ କରି ଅଧିକ ଲାଭବାନ୍ ହେବାର ସୁଯୋଗ ରହିଛି। ଫଳଚାଷ ହେଉଥିବା ଅଞ୍ଚଳରେ ନାନା ପ୍ରକାର ଶିଳ୍ପ ପ୍ରତିଷ୍ଠା କରି ବହୁ ଲୋକଙ୍କୁ ନିଯୁକ୍ତି ଦିଆଯାଇପାରେ। ଫଳଗଛ ବୟସ୍କ ହେଲେ ତାହାର କାଠରୁ ଆସବାବପତ୍ର ତିଆରି ହୁଏ। ତାଳପତ୍ରକୁ ଜାଳେଣି ରୂପେ ବ୍ୟବହାର କରାଯାଇଥାଏ। ଆହୁରି ମଧ ଫଳକୁ ସଂରକ୍ଷଣକରି ରଖିପାରିଲେ ବର୍ଷର ଯେକୌଣସି ସମୟରେ ତାହାକୁ ବ୍ୟବହାର କରାଯାଇପାରିବ। ଫଳଚାରା ରୋପଣ ବର୍ଷାଦିନେ କରାଯାଏ। ଜଣେ ପ୍ରାପ୍ତ ବୟସ୍କ ଲୋକ ଦିନକୁ ୮୫ ଗ୍ରାମ ଫଳ ଖାଇବା ଦରକାର। ରୋଗ ହେଲେ ଆମ ଦେଶର ଲୋକମାନେ ଫଳକୁ ପଥ୍ୟ ହିସାବରେ ଖାଇଥାଆନ୍ତି। ଭିଟାମିନ୍–ଏ ଅଭାବରୁ ଅନ୍ଧାରକଣା, ଭିଟାମିନ୍–ବି ଅଭାବରୁ ବେରିବେରି ଓ ପାଲେଗ୍ରା ରୋଗ ହୁଏ। ଭିଟାମିନ୍–ସି ଅଭାବରୁ ସ୍କର୍ଭି ହୋଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ଅମୃତଭଣ୍ଡା, ଆମ୍ବ, କମଳା, ଗାଜର ପ୍ରଭୃତି ପାଚିଲା ଫଳରୁ ଯଥେଷ୍ଟ ପରିମାଣ ଭିଟାମିନ୍–ଏ ମିଳିଥାଏ। କାଜୁବାଦାମ, ସେଓ, ନାସ୍‌ପାତିରୁ ଭିଟାମିନ୍–ବି ମିଳିଥାଏ। କମଳା, ଲେମ୍ବୁ, ଅଁଳା, ପିଜୁଳି ପ୍ରଭୃତିରୁ ପ୍ରଚୁର ପରିମାଣର ଭିଟାମିନ୍–ସି ମିଳିଥାଏ। ପନିପରିବା ଓ ଫଳରୁ ବିଭିନ୍ନ ଧାତବ ଲବଣ ମିଳିଥାଏ। ଏଥିଲାଗି ଖରାଦିନେ ଥଣ୍ଡା ଫଳରସ ପିଇଲେ ଶରୀର ସୁସ୍ଥ ରହେ। ମନୁଷ୍ୟ ଶରୀରର ବିକାଶ ପାଇଁ ସ୍ରଷ୍ଟା ବିଭିନ୍ନ ଖାଦ୍ୟପଦାର୍ଥ ସୃଷ୍ଟି କରିଛନ୍ତି। ଏହି ପରିପ୍ରେକ୍ଷୀରେ କଞ୍ଚାଫଳ ଶରୀର ପାଇଁ ନିହାତି ଜରୁରୀ। ଏଥିରେ ଥିବା ପୋଷକ ତତ୍ତ୍ୱ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। କଞ୍ଚାଫଳ ସେବନ ଦ୍ୱାରା ମୋଟାପଣରୁ କେତେକାଂଶରେ ରକ୍ଷା ମିଳେ। ଜଣେ ସୁସ୍ଥ ମଣିଷ ପ୍ରତିଦିନ ସକାଳେ କଞ୍ଚାଫଳ ସେବନ କଲେ ଅନେକାଂଶରେ ନୀରୋଗ ଜୀବନ ବିତାଇପାରିବ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନୀମାନେ ମତ ଦିଅନ୍ତି। ଫଳ ହୃଦ୍‌ରୋଗୀଙ୍କ ପାଇଁ ବେଶ୍ ଉପକାରୀ। ତା'ସହ ଉଚ୍ଚ ରକ୍ତଚାପ ଏବଂ କୋଲେଷ୍ଟରଲ ସମସ୍ୟାକୁ ଏହା ନିୟନ୍ତ୍ରଣରେ ରଖେ।



ଫଳ ସ୍ୱାସ୍ଥ୍ୟ ପାଇଁ ଯେତିକି ଉପାଦେୟ ଏହାର ଚାଷ ମଧ ସେପରି ଲାଭଜନକ। ୧ ଏକର ଅମୃତଭଣ୍ଡା ଲଗାଇଲେ ବର୍ଷକୁ ୧୫୦–୨୨୦ କୁଇଣ୍ଟାଲ ଫଳ ମିଳେ, ଯାହାର ଆନୁମାନିକ ମୂଲ୍ୟ ୧.୫ ଲକ୍ଷ ହେବ। ସେହିପରି ୧ ଏକର ନଡ଼ିଆ ବଗିଚାରୁ ବର୍ଷକୁ ପଇଡ଼ ଏବଂ ନଡ଼ିଆ ବାବଦରେ ପ୍ରାୟ ୨ ଲକ୍ଷ ଟଙ୍କା ମିଳିଥାଏ।

ପନିପରିବା ଓ ଶସ୍ୟଜାତୀୟ ଖାଦ୍ୟ ରୋଷେଇ ଦ୍ୱାରା ଭିଟାମିନ୍ କେତେକାଂଶରେ ହରାଇବସନ୍ତି। କିନ୍ତୁ ଫଳ ଆହାର ଦ୍ୱାରା ଆମକୁ ଭିଟାମିନ୍ ସହଜରେ ମିଳିଥାଏ। ଆମ ରାଜ୍ୟ ପାଇଁ ଫଳଚାଷ ଅତି ଗୁରୁତ୍ୱପୂର୍ଣ୍ଣ। ସେ ବିଷୟରେ କେତୋଟି କଥା–

**ମରୁଡ଼ି ଅଞ୍ଚଳରେ ଫଳଚାଷ**

ଆମ ରାଜ୍ୟର ୬୦ ଭାଗ ଜମିରେ ଜଳସେଚନର ସୁବିଧା ନାହିଁ। ସେସବୁ ଜମି ପାହାଡ଼ିଆ ଅଞ୍ଚଳ ଯେଉଁଥିରେ ଫଳଚାଷ ଭଲ ହୁଏ। ଫଳ ଗଛ ଲଗାଇବା ଦ୍ୱାରା ମାଟିରେ ପାଣି ସଞ୍ଚୟ ବୃଦ୍ଧି ଘଟିବା ସହ ଉର୍ବରିଆ ମାଟି ସଂରକ୍ଷିତ ହୋଇ ରହେ। ଅଧିକନ୍ତୁ, ଫଳ ଗଛ ମରୁଡ଼ି ସହିପାରେ। ତେଣୁ ଖାଦ୍ୟ ନିରାପତ୍ତା ପାଇଁ ସେସବୁ ଅଞ୍ଚଳରେ ଆମ୍ବ, ପିଜୁଳି, ଡାଳିମ୍ବ, ସୀତାଫଳ ଓ ଲେମ୍ବୁ ଇତ୍ୟାଦିର ବ୍ୟବସାୟିକ ଫଳଚାଷ ବ୍ୟାପକସ୍ତରରେ କରାଯାଇପାରିବ।

**ବନ୍ୟାଞ୍ଚଳ ଫଳଚାଷ**

ବନ୍ୟାପ୍ଲାବିତ ଅଞ୍ଚଳରେ ନଡ଼ିଆ, ଆମ୍ବ, ପିଜୁଳି ଓ ଅମୃତଭଣ୍ଡା ଇତ୍ୟାଦି ଚାଷକଲେ ସେଥିରୁ ଭଲ ଆୟ ମିଳିଥାଏ। ବାଡ଼ି ବଗିଚାରେ କିଛି ଫଳଗଛ ଲଗାଇଲେ, ସେଥିରୁ ହେଉଥିବା ଆୟରେ ବୁଢ଼ା କାଳେ ଯେନତେନ ପ୍ରକାରେ ଚାଷୀମାନେ ଚଳିଯାଆନ୍ତି।

**ସୁସ୍ଥ ପରିବେଶ**

ଫଳଚାଷ ରାଜ୍ୟରେ ଚାଷୀମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ସହ ଅନୁକୂଳ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଥାଏ।

**ଅମଳ ଓ ବିପଣନ**

ପରିବା ପାଇଁ ବ୍ୟବହୃତ ଫଳ କଞ୍ଚା ଅବସ୍ଥାରେ ତୋଳାଯାଏ। ପାକଳ ଫଳକୁ ତୋଳି କାଗଜରେ ଗୁଡ଼ାଇ କାଠ କିମ୍ବା ପ୍ଲାଷ୍ଟିକ୍ ଝୁଡ଼ିରେ ପ୍ୟାକିଂକରି ବଜାରକୁ ପଠାଯାଏ ଓ ଭଲ ରୋଜଗାର ହୋଇଥାଏ। ଉଦ୍ୟାନ ଫସଲଗୁଡ଼ିକୁ ଥରେ ଲଗାଇଲେ ବେଶିଦିନ ରହିପାରେ। ତେଣୁ ତାହାର ପରିଚାଳନା ସହଜ ଓ କମ୍ ବ୍ୟୟସାପେକ୍ଷ ହୋଇଥାଏ। ଅନେକ ଅଞ୍ଚଳରେ ଲୋକ ଫଳ ଓ ପନିପରିବା ଚାଷକରି ଯଥେଷ୍ଟ ଉନ୍ନତ ହୋଇପାରିଛନ୍ତି। କେତେକ ଫଳ ପତିତ ଜମିରେ ଭଲ ରୂପେ ଚାଷ କରାଯାଇପାରିବ। ଫଳ ଓ ପନିପରିବା ପରିବହନ ପାଇଁ ଅନେକ ଯାନବାହନ ଦରକାର ହେଉଥିବାରୁ ଲୋକଙ୍କୁ କର୍ମନିଯୁକ୍ତି ଦିବସ ଅଧିକ ମିଳିଥାଏ। ସୁତରାଂ, ଉଦ୍ୟାନ ଫସଲ ବିଲ ଫସଲଠାରୁ ଅଧିକ ଲାଭଦାୟକ।

–ଜିଲା କୃଷି ଅଧିକାରୀ,
ସାକ୍ଷୀଗୋପାଳ, ପୁରୀ
ମୋ : ୯୪୩୭୧୧୨୭୦୪

# ବର୍ଷାଦିନେ ପ୍ରାଣୀଙ୍କ ରୋଗ ଓ ପ୍ରତିକାର



ବର୍ଷାଦିନେ ଗୋରୁଙ୍କୁ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗ ହୋଇଥାଏ। ସେଥିମଧ୍ୟରୁ ସାହାଣା ଓ ଫାଟୁଆ ଚଉଆ ପ୍ରଧାନ ।

**ସାହାଣା ରୋଗ:** ଏହା ପ୍ରାପ୍ତ ବୟସ୍କ ଗୋରୁଙ୍କଠାରେ ଦେଖାଯାଏ। ଏହି ରୋଗ ହେଲେ ଗୋରୁଙ୍କ ଶାରୀରିକ ଉତ୍ତାପ ବୃଦ୍ଧି ପାଇ ୧୦୪ରୁ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ନାକରୁ ପ୍ରଥମେ ପତଳା ଓ ପରେ ମୋଟା ବହଳ ସିଙ୍ଘାଣି ବାହାରେ।

**ଚିକିତ୍ସା ପଦ୍ଧତି:** ବିଭିନ୍ନ ଆଣ୍ଟିବାଓଟିକ୍ସ ଇଞ୍ଜେକ୍ସନ୍ ଯଥା ସଲ୍‌ଫାମିଡିନ୍, ଆମ୍ପିସିଲିନ୍, ଅକ୍ସିଟେଟ୍ରାସାଇକ୍ଲିନ୍ ଇତ୍ୟାଦି ୩–୫ ଦିନ ପର୍ଯ୍ୟନ୍ତ ଦିଆଗଲେ ସୁଫଳ ମିଳେ।

**ପ୍ରତିଷେଧକ ବ୍ୟବସ୍ଥା:** ୨ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଗୋରୁଙ୍କୁ ବର୍ଷାଦିନ ଆରମ୍ଭରୁ ଏଚ୍.ଏସ୍. ଟିକା ଦେଇଦେବା ଦରକାର।

**ଫାଟୁଆ ଚଉଆ:** ଏହି ରୋଗରେ ଶାରୀରିକ ଉତ୍ତାପ ୧୦୪ ରୁ ୧୦୬ ଡିଗ୍ରୀ ଫାରେନ୍‌ହାଇଟ୍ ହୋଇଥାଏ। ହଠାତ୍ ଗାଇ ଦୁଗ୍ଧ ଦେବା ବନ୍ଦ କରିଦିଏ। ଖୁରା, ପାଟି, ପହ୍ନା ବା ଚିରରେ ଫୋଟକା ହୋଇ ୨ ରୁ ୩ ଦିନ ମଧ୍ୟରେ ଫାଟି ଘା ସୃଷ୍ଟି ହୁଏ।


**ଚିକିତ୍ସା ପଦ୍ଧତି:** ଆକ୍ରାନ୍ତ ଗୋରୁର ଖୁରାକୁ ନଖ ଉଷୁମ ପାଣିରେ ୨ ରୁ ୫ ପ୍ରତିଶତ ଖାଇବା ସୋଡ଼ା ସହ ମିଶାଇ ଭଲ ଭାବେ ଧୋଇଦିଅନ୍ତୁ ଓ ସେଥିରେ ହିମ୍‌କ୍ସ ମଲମ ଲଗାନ୍ତୁ। ପାଟିରେ ଘା ହୋଇଥିଲେ ଖାଇବା ସୋଡ଼ା ନଖ ଉଷୁମ ପାଣିରେ ଭଲ ଭାବରେ ଧୋଇ ବୋରୋଗ୍ଲିସେରିନ୍ ତରଳ ଲଗାନ୍ତୁ। ସଂକ୍ରମଣରୁ ରକ୍ଷାପାଇବା ପାଇଁ ଆଣ୍ଟିବାୟୋଟିକ୍ ଇଞ୍ଜେକ୍ସନ୍ ଦିଅନ୍ତୁ।

## ଚାଷୀଙ୍କ ପାଇଁ..



ବାଇଗଣ ମଞ୍ଜି ହେକ୍ଟର ପ୍ରତି ୨୫୦ ଗ୍ରାମ୍ ଏବଂ ଲଙ୍କାମରିଚ ମଞ୍ଜି ହେକ୍ଟର ପ୍ରତି ୩୫୦ ଗ୍ରାମ୍ ଆବଶ୍ୟକ। ଯଦି ସଙ୍କର କିସମର ବିହନ ବ୍ୟବହାର କରୁଥାନ୍ତି ତେବେ ବାଇଗଣ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଓ ଲଙ୍କାମଞ୍ଜି ୩୦୦ ଗ୍ରାମ୍ ବ୍ୟବହାର କରନ୍ତୁ। ବାଇଗଣର ଉନ୍ନତ କିସମଗୁଡ଼ିକ ହେଲା – ମୁକ୍ତକେଶୀ, ପୁଷା କ୍ରାନ୍ତି, ଉତ୍କଳ ମାଧୁରୀ, ଉତ୍କଳ ତାରିଣୀ, ବ୍ଲୁଷ୍ଟାର୍, ଗ୍ରୀନ୍ ଷ୍ଟାର୍। ସଙ୍କର ଜାତୀୟ କିସମ ହିସାବରେ ଜେକେ–୮୦୩୧, ଜେକେ–୮୦୩୫, ତାରିଣୀ, ଅକ୍ଷିତା, ସୁଙ୍ଗ୍ରୋ–୧୩୨, ସୁଙ୍ଗ୍ରୋ–୩୮, ଭିଏନ୍‌ଆର୍–୦୦୫ ଆଦି ଚାଷ କଲେ ଭଲ ଅମଳ ମିଳିପାରିବ । କଖାରୁ, ଜହ୍ନି, କାକୁଡ଼ି, କଲରା, ପୋଟଳ, ଛଚିନ୍ଦ୍ରା ଆଦି ଲଗାସରିଥିଲେ କୋଡ଼ାଖୁସାକରି ପ୍ରଥମ କିସ୍ତି ସାର ଦେଇ ହୁଡ଼ା ଟେକି ରଞ୍ଜା ଦିଅନ୍ତୁ। ବର୍ଷାଦିନେ ଡଙ୍କ ଜାତୀୟ ଫସଲକୁ ତଳେ ମଡ଼ାନ୍ତୁ ନାହିଁ। ଭେଣ୍ଡି ଫସଲ କୋଡ଼ାଖୁସାକରି ସାର ଦେଇ ହୁଡ଼ା ଟେକନ୍ତ। ପନିପରିବା ଫସଲରେ ବର୍ଷାଜଳକୁ ଠିକ୍ ଭାବରେ ନିଷ୍କାସନ କରନ୍ତୁ।

# ମୁଗ ଫସଲରେ ରୋଗପୋକ ପରିଚାଳନା



ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ଏକ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ । ମୁଗ, ବିରି, ହରଡ଼ ବୁଣାହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସାକରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନକରି ଘାସ ଦମନ କରନ୍ତୁ । ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ ସହ କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ। ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

# ଆଖୁ କିଆରିରୁ ଜଳ ନିଷ୍କାସନ

ଜମିରେ ଅଧିକ ପାଣି ହେଲେ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଫସଲ ୪–୫ ମାସର ହୋଇଗଲେ ଭେଳା ବନ୍ଧା କାମ କରନ୍ତୁ। ଅତ୍ୟଧିକ ବର୍ଷା ପରେ ଶୁଖିଲା ପାଗ ଅଧିକ ଦିନ ରହିଲେ ଅଗବିନ୍ଧା ପୋକର ପ୍ରାଦୁର୍ଭାବ ବଢ଼ିଥାଏ। ସଅଳ କାଣ୍ଡବିନ୍ଧା ଓ ଅଗବିନ୍ଧା ପୋକର ଦମନ ପାଇଁ ହେକ୍ଟର ପ୍ରତି ୧୨୫୦ ମି.ଲି. ଫିପ୍ରୋନିଲ୍ x ଇଣ୍ଡକ୍ସାକାର୍ବ ୫୦୦ ମି.ଲି. ୫୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ। ସଅଳ କାଣ୍ଡବିନ୍ଧା କୀଟକୁ ଦମନ କରିବା ପାଇଁ ହେକ୍ଟର ପ୍ରତି ୨୦ଟି ହିସାବରେ ଟ୍ରାଇକୋକାର୍ଡ ଫସଲରେ ବାନ୍ଧନ୍ତୁ । ପ୍ରତି କନ୍ଦାରେ ଫିପ୍ରୋନିଲ୍ ଦାନାଦାର ବିଷର ୩–୪ଟି ଦାନା ପ୍ରୟୋଗ କରନ୍ତୁ। ଶେଷ ଦଫା ସାର ପ୍ରୟୋଗ କରା ନ ହୋଇଥିଲେ ହେକ୍ଟର ପ୍ରତି ୬୬ କି.ଗ୍ରା. ଯବକ୍ଷାରଜାନ ସାର ୧୨୦ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ। ଆଖୁ ଫସଲରେ ଯବକ୍ଷାରଜାନ ଜାତୀୟ ସାରକୁ ୧୨୦ ଦିନ ପରେ ପ୍ରୟୋଗ କରାଯିବା ଉଚିତ ନୁହେଁ ।

# ବର୍ଷାଋତୁରେ ଧାନଜମିର ଯତ୍ନ



ସାଧାରଣତଃ ଅଗଷ୍ଟ ମାସରେ ବହୁତ ବର୍ଷା ହୁଏ। ତେଣୁ ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ଜଳସେଚିତ ଅଞ୍ଚଳରେ ଧାନଜମିରେ କରନାଳୀଗୁଡ଼ିକୁ ସଫାକରନ୍ତୁ । ଫସଲରେ କୀଟ ଓ ରୋଗର ମାତ୍ରା ସୀମା ଅତିକ୍ରମକଲେ ଯଥାକ୍ରମେ ଉପଯୁକ୍ତ କୀଟନାଶକ ଓ କବକନାଶୀ ବ୍ୟବହାର କରନ୍ତୁ। ତା' ପରେ ଫସଲ ଅବସ୍ଥା ଅନୁଯାୟୀ ଉପଯୁକ୍ତ ଯତ୍ନ ନିଅନ୍ତୁ। ଢିପଜମି ଧାନରେ ଥୋଡ଼ସାର ହିସାବରେ ହେକ୍ଟର ପ୍ରତି ୧୦ କେ.ଜି. ଯବକ୍ଷାରଜାନ ସାର ବର୍ଷା ଦେଖି ପ୍ରୟୋଗ କରନ୍ତୁ । ଧାନ ରୁଆ ସରିଥିଲେ ପିଲସାର ହିସାବରେ ହେକ୍ଟର ପ୍ରତି ୪୦ କେ.ଜି. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ । ବୁଣାଧାନରେ ବେଉଷଣ ପରେ ହେକ୍ଟର ପିଛା ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗକରି ବଛାବଛି ଓ ଖେଳୁଆ କାମ ସାରି ଦିଅନ୍ତୁ। ଜଳସେଚନର ସୁବିଧା ଥିବା ଜମିରେ ନଳିତା କଟା ହେବା ପରେ ସଅଳ କିସମ ଧାନ ଯଥା–ଖଣ୍ଡଗିରି, ପାରିଜାତ, କଳିଙ୍ଗ–୩, ଜ୍ୟୋତିର୍ମୟୀ, ସହଭାଗୀ ଧାନ, ସିଦ୍ଧାନ୍ତ ଧାନତଳି ରୁଅନ୍ତୁ । ଧାନଚାଷରେ କାହାଳିଆ ଓ କାଣ୍ଡବିନ୍ଧା ପୋକ ପ୍ରତିରୋଧ ପାଇଁ ତଳି ରୋଇବା ଦିନଠାରୁ ୧୫ ଦିନ ପରେ ୧ଲିଟରେ ଫିପ୍ରୋନିଲ୍ ବା ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଏକର ପ୍ରତି ୮ କି.ଗ୍ରା. କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ (ଫେର୍‌ଟେରା ୦.୪ ଜି.) ଏକର ପ୍ରତି ୬ କି.ଗ୍ରା. ହିସାବରେ ଜମିରେ ପ୍ରୟୋଗ କରାଯାଇପାରେ।

# ମେସ୍ ବାଥ୍‌ରୁମ୍‌ରେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ

**ମୋବାଇଲ ଜବତ କରି ପୋଲିସର ତଦନ୍ତ**

ଭଦ୍ରକ,୧୨।୮ (ସନାତନ ରାଉତ)



ଘଟଣାସ୍ଥଳରେ ଏସ୍‌ପି ମନୋଜ ରାଉତ ତଦନ୍ତ କରୁଛନ୍ତି।

ପାରିବାରିକ କଳହ କି ପ୍ରେମଜନିତ ହେଉ ବା ଅନ୍ୟ କୌଣସି କାରଣ ହେଉ ଛାତ୍ରୀଛାତ୍ର ଏହାକୁ ଧୈର୍ଯ୍ୟର ସହ ମୁକାବିଲା ନ କରି ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ପନ୍ଥା ବାଛି ନେଉଛନ୍ତି। ଭଦ୍ରକ ସହରରେ ମଙ୍ଗଳବାର ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ଭଦ୍ରକ କଲେଜ ନିକଟସ୍ଥ ଏକ ଘରୋଇ ମେସ୍ ବାଥ୍‌ରୁମ୍‌ରୁ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଜବତ କରିଛି। ମୃତା ଛାତ୍ରୀ ହେଲେ ଭଦ୍ରକ କଲେଜର ଯୁକ୍ତ ୩ ପ୍ରଥମ ବର୍ଷର କଳା ଛାତ୍ରୀ ପୁଷ୍ପଲତା ମଲିକ(୧୮)। ସେ ମେସ୍‌ର ବାଥ୍‌ରୁମ୍‌ରେ ନିଜ ଆପ୍ରୋନରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି। ଖବରପାଇ ଭଦ୍ରକ ଏସ୍‌ପି ମନୋଜ ରାଉତ ଓ ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ପୁଷ୍ପଲତାଙ୍କ ପକେଟ୍‌ରେ ଥିବା ମୋବାଇଲ ଜବତ କରିଛନ୍ତି। ତାଙ୍କ ରୁମ୍‌ରେ ଥିବା ସହପାଠୀମାନଙ୍କୁ ପୋଲିସ ପଚରାଉଚରା କରିବା ସହ ମା' ବାପାଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ସୂଚନା ଅନୁଯାୟୀ, ବାସୁଦେବପୁର ବ୍ଲକ ଲୁଙ୍ଗା ଗ୍ରାମର ଉମାକାନ୍ତ ମଲିକଙ୍କ ଏକମାତ୍ର ଝିଅ ପୁଷ୍ପଲତା ଭଦ୍ରକ କଲେଜରେ ପଢୁଥିବା ବେଳେ ଗତ ୨ ମାସ ହେବ ସେ ନିକଟସ୍ଥ ଜଗନ୍ନାଥପୁରର ଏକ ଲେଡିଜ୍ ମେସ୍‌ରେ ରହୁଥିଲେ। ରକ୍ଷାବନ୍ଧନ ପାଇଁ ଘରକୁ ଯାଇଥିବା ବେଳେ ସୋମବାର ମେସ୍‌କୁ ଫେରିଥିଲେ। ବାପା ଉମାକାନ୍ତଙ୍କ କହିବା ଅନୁଯାୟୀ, ମଙ୍ଗଳବାର ସକାଳେ ପୁଷ୍ପଲତା କୋଚିଂ କ୍ଲାସ୍ ଯାଇଥିଲେ। କୋଚିଂରୁ ଫେରି ଝିଅ ତାଙ୍କ ମା'ଙ୍କ ସହ ଫୋନ୍‌ରେ ଭଲ କଥାବାର୍ତ୍ତା ହୋଇଥିଲେ। ପୂର୍ବାହ୍ନ ୧୦ଟା ପରେ ଅନ୍ୟ ସହପାଠୀମାନେ କଲେଜ ଯାଇଥିବାବେଳେ ସେ ଏକୁଟିଆ ମେସ୍‌ରେ ଥିଲେ। ସହପାଠୀମାନେ କଲେଜରୁ ଫେରିବା ପରେ ବାଥ୍‌ରୁମ୍‌ରେ ସାୱାର ଚାଲିଥିବା ବେଳେ ପୁଷ୍ପଲତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ମଧ୍ୟାହ୍ନ ୧୨ଟା ବେଳକୁ ସେ ବାଥ୍‌ରୁମ୍‌ରେ ଆତ୍ମହତ୍ୟା କରିଥିବା ନେଇ ମେସ୍‌ର ମାଲିକ ଫୋନ୍ ମାଧ୍ୟମରେ ଜଣାଇଥିଲେ। ତାଙ୍କ ଝିଅ ଆତ୍ମହତ୍ୟା କରିବା ପଛରେ କୌଣସି କାରଣ ସେ ଜାଣି ନାହାନ୍ତି। ପୋଲିସ ତଦନ୍ତ କରି ଆଇନ ଅନୁଯାୟୀ ଯାହା ପଦକ୍ଷେପ ନେବ ବୋଲି ଉମାକାନ୍ତ କହିଛନ୍ତି। ଅପରପକ୍ଷରେ ମେସ୍‌ରେ ଥିବା ସହପାଠୀ ଓ ପରିବାର ଲୋକେ ଆତ୍ମହତ୍ୟାର କାରଣ ବିଷୟରେ କିଛି କହିପାରୁ ନାହାନ୍ତି। ପୁଷ୍ପଲତାଙ୍କ ମୋବାଇଲ ପାସ୍‌ୱାର୍ଡ ମିଳିବା ପରେ କଲ୍ ରେକର୍ଡ ଯାଞ୍ଚ କରିବା ପରେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ପି ରାଉତ କହିଛନ୍ତି। ଏନେଇ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ କହିଛନ୍ତି, ଯେଉଁ ବୟସରେ ପାଠପଢ଼ା ପାଇଁ ଛାତ୍ରୀମାନେ ସଂଘର୍ଷ କରିବା କଥା, ସେହି ସମୟରେ ଆତ୍ମହତ୍ୟା କରିବା ଏକ ଦୁଃଖଦ ଘଟଣା। ଏହାର ନିରପେକ୍ଷ ତଦନ୍ତ କରି ପୋଲିସ ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୬/୨୫) ରୁଜୁ ହୋଇଥିବା ଥାନାଧିକାରୀ ମିଶ୍ର କହିଛନ୍ତି।

## କାଠଫାଳିଆରେ ପିଟି ସ୍ତ୍ରୀଙ୍କୁ ହତ୍ୟା

ଠାକୁରମୁଣ୍ଡା,୧୨।୮ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅଧୀନ ଚମ୍ପାଝର ଗ୍ରାମରେ ସୋମବାର ସନ୍ଧ୍ୟାରେ ଏକ ଅମାନବୀୟ ଘଟଣା ଘଟିଛି। ଲୁହା ରଡ୍ ଓ କାଠଫାଳିଆରେ ପିଟି ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟାକରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୬୬/୨୫) ରୁଜୁକରି ଅଭିଯୁକ୍ତ ଉଦୟ ହୋଙ୍କୁ ଗିରଫ କରିଛି। ମୃତ ମହିଳା ଜଣକ ହେଲେ ସାଲିତା ମୁଣ୍ଡା। ହତ୍ୟାକାଣ୍ଡରେ ବ୍ୟବହୃତ ଲୁହା ରଡ୍ ଓ କାଠଫାଳିଆକୁ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ପରକିୟା ପ୍ରୀତି ସନ୍ଦେହରେ ସୋମବାର ସନ୍ଧ୍ୟାରେ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ କ୍ରୋଧାନ୍ୱିତ ହୋଇ ଉଦୟ ଲୁହାରଡ୍ ଓ କାଠଫାଳିଆରେ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ସାଲିତାଙ୍କ ମୃତ୍ୟୁ ଘଟିଥିଲା। ପଡ଼ୋଶୀଙ୍କଠାରୁ ଖବରପାଇ ମହୁଲଡ଼ିହା ଥାନା ପୋଲିସ ରାତିରେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମଙ୍ଗଳବାର ସାଇଣ୍ଟିଫିକ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ଗାନ୍ଧୀମାର୍ଗରେ ଶିଶୁକନ୍ୟାଙ୍କୁ ଧରି ଦମ୍ପତିଙ୍କ ଆତ୍ମାହୁତି ଧମକ

- ବିଧାନସଭା ଆଡ଼କୁ ଅଗ୍ରସର ହେଲେ ଅଟକାଇଲା ପୋଲିସ
- କୁନିଝିଅଙ୍କ ଚିକିତ୍ସା ପାଇଁ ଏସ୍‌ସିବି ମେଡିକାଲ ପଠାଗଲା

ଭୁବନେଶ୍ୱର,୧୨।୮ (ସତ୍ୟଜିତ୍ ରାଉତ)



ଦୁରାରୋଗରେ ପୀଡ଼ିତ ୭ବର୍ଷୀୟା ଶିଶୁକନ୍ୟାଙ୍କ ଚିକିତ୍ସା ପାଇଁ ନୟାନ୍ତ ହୋଇପଡ଼ିଲେଣି ଦମ୍ପତି। କୁନିଝିଅଙ୍କୁ ଭଲ କରିବା ପାଇଁ ବହୁ ଡାକ୍ତରଙ୍କୁ ଦେଖାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଶେଷରେ ଉପାୟଶୂନ୍ୟ ହୋଇ ସବୁ ଆଶା ଭରସା ତୁଟାଇଦେଲେ ଦମ୍ପତି। ଗାଁରୁ ରାଜଧାନୀରୁ ଆସି ଆତ୍ମାହୁତି ଧମକ ଦେବାବେଳେ ପୋଲିସ ସେମାନଙ୍କୁ ଅଟକାଇଛି। ମଙ୍ଗଳବାର ମଧ୍ୟାହ୍ନରେ ଗାନ୍ଧୀମାର୍ଗରେ ଏଭଳି ଘଟଣା ଘଟିଛି। ଉକ୍ତ ଦମ୍ପତି ହେଲେ କେଉଁଝର ଜିଲା କୋଟଗିରି ଗ୍ରାମର ତୀର୍ଥ ମଲ୍ଲିକ ଓ ତାଙ୍କ ସ୍ତ୍ରୀ ରିନି। ସବୁଆଡୁ ନିରାଶ ହେବା ପରେ ଆତ୍ମାହୁତି ଶେଷବାଟ ବୋଲି ତୀର୍ଥ କହିଛନ୍ତି। ଜନ୍ମରୁ ରୋଗରେ ପଡ଼ିଥିବା ଝିଅ ଭଲ ହେଉନାହିଁ। ପରେ ଗାଁରୁ ଟଙ୍କା ଯୋଗାଡ଼ କରି ମୁଖ୍ୟମନ୍ତ୍ରୀଙ୍କୁ ଦେଖାକରି ସାହାଯ୍ୟ ମାଗିବାକୁ ଆସିଥିଲେ ତୀର୍ଥ ଓ ରିନି। ଆତ୍ମାହୂତି ଧମକ ଦେଇ ବିଧାନସଭା ଆଡ଼କୁ ଯାଉଥିବାବେଳେ ସେମାନଙ୍କୁ ପୋଲିସ ଅଟକାଇଥିଲା। ଏପରିକି ପୋଲିସ ସେମାନଙ୍କୁ କିଛି ସମୟ ବୁଝାଶୁଝା କରିଥିଲା। ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସହ ଯୋଗାଯୋଗ କରାଯାଇ ତୀର୍ଥଙ୍କ ଅସୁସ୍ଥ ଝିଅଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ପରେ ଆମ୍ବୁଲାନ୍ସ ଯୋଗେ ଦମ୍ପତିଙ୍କୁ ତାଙ୍କ ଝିଅ ସହ କଟକସ୍ଥିତ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଏହି ଦମ୍ପତିଙ୍କୁ ପ୍ରତିଶ୍ରୁତି ଦିଆଯାଇଥିବା ସୂଚନା ମିଳିଛି।

# ରିମାଣ୍ଡରେ ଆଣି ୨ ଛାତ୍ରଙ୍କୁ ମାରାଥନ ଜେରା

**ସୌମ୍ୟାଶ୍ରୀ ଆତ୍ମାହୁତି ମାମଲା**

ବାଲେଶ୍ୱର, ୧୨।୮ (ବାଞ୍ଛାନିଧି ଦେ)

ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟେଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ସୋମବାରଠାରୁ ୭ଦିନିଆ ରିମାଣ୍ଡରେ ଆଣିଥିବା ଜଣେ ଛାତ୍ର ଓ ଜଣେ ଅଣଛାତ୍ରଙ୍କୁ ମଙ୍ଗଳବାର ୨ୟ ଦିନରେ ଜେଲରେ ମାରାଥନ୍ ଜେରା କରାଯାଇଛି। କ୍ରାଇମବ୍ରାଞ୍ଚ ସିଏସ୍‌ଡବ୍ଲ୍ୟୁ ଓ ସିଡବ୍ଲ୍ୟୁ ଶାଖାର ଡିଏସ୍‌ପି ଇମାନ କଲ୍ୟାଣ ନାୟକଙ୍କ ନେତୃତ୍ୱରେ ଏକ ୬ ଜଣିଆ ଟିମ୍ ବାଲେଶ୍ୱର ଜେଲରେ ପହଞ୍ଚି ଉକ୍ତ ୨ ଛାତ୍ରଙ୍କୁ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣାର ବିଭିନ୍ନ ଦିଗ ସମ୍ପର୍କରେ ପଚରାଉଚୁରା କରିଥିଲେ। କ୍ରାଇମବ୍ରାଞ୍ଚ ଏସ୍‌ପି ଅନିନ୍ଦ୍ୟ ରାଉତରାୟ ଉପସ୍ଥିତ ଥିବା ଜଣାପଡ଼ିଛି। ଏସ୍‌ଏଫ୍‌ଏସ୍‌ଏଲର ଗୋଟିଏ ଟିମ୍ ମଧ୍ୟ ଜେରାରେ ସାମିଲ ଥିବା ସୂଚନା ମିଳିଛି। ସୌମ୍ୟାଶ୍ରୀ ଆତ୍ମାହୁତି ଉଦ୍ୟମରେ ସହଯୋଗ କରିଥିବା ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଓ ଛାତ୍ର ନେତା ଶୁଭ୍ର ସମ୍ବିତ ନାୟକଙ୍କୁ ଗତ ୩ ତାରିଖରେ କ୍ରାଇମବ୍ରାଞ୍ଚ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜ୍ୟୋତି ପ୍ରକାଶ ପୀଡ଼ିତା ସୌମ୍ୟାଶ୍ରୀଙ୍କୁ ଉଦ୍ଧାର କରିବାକୁ ଯାଇ ଆହତ ହୋଇଥିଲେ। କଟକ ମେଡିକାଲରେ ଚିକିତ୍ସିତ ହୋଇ କିଛି ଦିନ ପୂର୍ବରୁ ଘରକୁ ଫେରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ତାଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ଘଟଣା ସମ୍ପର୍କରେ ପଚରାଉଚୁରା କରାଯାଇଥିଲା। ଅପରପକ୍ଷରେ ଶୁଭ୍ର ସମ୍ବିତ ଏବିଭିପି ଛାତ୍ର ସଙ୍ଗଠନର ରାଜ୍ୟ ଯୁଗ୍ମ ସମ୍ପାଦକ ଦାୟିତ୍ୱରେ ରହିଥିଲେ। ସୂଚନା ଯେ, ଶିକ୍ଷା ବିଭାଗୀୟ ଏଚ୍‌ଓଡି ସମୀର ସାହୁଙ୍କ ନିର୍ଯାତନାର ଶିକାର ହୋଇଥିବା ଅଭିଯୋଗ ଆଣି ସୌମ୍ୟାଶ୍ରୀ ନ୍ୟାୟ ନ ପାଇ ଗତ ଜୁଲାଇ ୧୨ ତାରିଖରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢାଳି ସେ ପୋଡ଼ିହୋଇଯାଇଥିଲେ। ୧୪ରେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍‌ସରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ସମ୍ବେଦନଶୀଳ ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ପୋଲିସ ଏଚ୍‌ଓଡି ସାହୁ ଓ ଅଧ୍ୟକ୍ଷ ଦିଲୀପ ଘୋଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## କାର୍‌ରେ ଧକ୍କାଦେଇ ଯୁବକଙ୍କୁ ହତ୍ୟା ଅଭିଯୋଗ

କବିସୂର୍ଯ୍ୟନଗର,୧୨।୮ (କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଝାଡବନ୍ଧ ଗାଁ ଛକରେ ବାଇକ୍‌ରେ ଯାଉଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଝାଡ଼ବନ୍ଧ ଗ୍ରାମର କୃଷ୍ଣ ପାତ୍ର। କାରରେ ଧକ୍କାଦେଇ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ କବିସୂର୍ଯ୍ୟନଗର ଥାନାରେ ଅଭିଯୋଗ କରିଛନ୍ତି। ଏପରିକି ତାଙ୍କ ପେଟରେ ଛୁରିମାଡ ହୋଇଥିବା ଜଣାପଡିଛି। କୃଷ୍ଣ ଓ ତାଙ୍କୁ କାରରେ ଧକ୍କା ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପାରିବାରିକ ଶତ୍ରୁତା ରହିଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୁକ୍ତମାନଙ୍କ ଘର ଶେରଗଡ ଥାନା ଅଞ୍ଚଳରେ। ଦୁର୍ଘଟଣା ଘଟାଇଥିବା କାର ୧୦ ଦିନ ହେଲା ଏହି ଅଞ୍ଚଳରେ ବୁଲୁଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ବେଳେ ଏକାଧିକ ବ୍ୟକ୍ତିଙ୍କୁ ଉଠାଇ ଆଣି ଘଟଣାର ତଦନ୍ତ ଚଳାଇଛି। ତେବେ ଏହା ହତ୍ୟା ନା ଦୁର୍ଘଟଣା ତାହା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ କହିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିକା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଦୁର୍ଘଟଣାଗ୍ରସ୍ତ କାର ଓ ବାଇକକୁ ଜବତ କରାଯାଇଛି।

# ଅନ୍‌ଲାଇନ ଗେମ୍ ହେଲା କାଳ | ଜୀବନ ହାରିଲେ ୮ମ ଶ୍ରେଣୀ ଛାତ୍ର

ବାଲେଶ୍ୱର(ବାଞ୍ଛାନିଧି ଦେ)/ଲଙ୍ଗଳେଶ୍ୱର (କମଳାକାନ୍ତ ଦାସ), ୧୨।୮

ଅନ୍‌ଲାଇନ ଗେମ ଖେଳିବାକୁ ମା' ବାପା ବାରଣ କରିବାରୁ ମଙ୍ଗଳବାର ଜଣେ ୮ମ ଶ୍ରେଣୀ ଛାତ୍ର ଆତ୍ମହତ୍ୟା କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଘଟଣା ଘଟିଛି ବାଲେଶ୍ୱର ଜିଲା ସିଂଲା ଥାନା ଗୁହାଳିପଦା ଗ୍ରାମରେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୬/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଉକ୍ତ ଛାତ୍ର ଅଧିକାଂଶ ସମୟରେ ଅନଲାଇନ୍ ଗେମ୍ ଖେଳିବା ସହ ମୋବାଇଲ ଦେଖିବାରେ ବ୍ୟସ୍ତ ରହୁଥିଲେ। ପରିବାର ଲୋକେ ଏହାକୁ ବାରମ୍ବାର ବିରୋଧ କରି ଆସୁଥିଲେ। ମଙ୍ଗଳବାର ସକାଳେ ସେ ପାଠ ନ ପଢ଼ି ଗେମ୍ ଖେଳୁଥିବାରୁ ମା' ବିରକ୍ତ ହୋଇଥିଲେ। ଏଥିରେ ସେ ରାଗିଯାଇ ଗାଧୁଆଘର ଭିତରେ ବେକରେ ଗାମୁଛା ଲଗାଇ ଝୁଲି ପଡ଼ିଥିଲେ। ବହୁ ସମୟ ଧରି ବାଥରୁମରୁ ନ ବାହାରିବାରୁ ପରିବାର ଲୋକେ କବାଟ ଭାଙ୍ଗି ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ସିଂଲା ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ: ବିଜୟୱାଡାରୁ ଅଭିଯୁକ୍ତ ଗିରଫ

ପାରାଦୀପ, ୧୨।୮ (ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍‌ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ କରି ୫ ଲକ୍ଷ ଦାବି କରିବା ଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ କେନ୍ଦ୍ରାପଡା ଥାନା ଅନ୍ତର୍ଗତ ଗରାପୁର ଗ୍ରାମର କାର୍ତ୍ତିକ ଜେନା। ଥାନାରେ ମାମଲା ପରଠୁ ସେ ଫେରାର ଥିଲେ। ଏହାପରେ ପୋଲିସ ତାଙ୍କୁ ଆନ୍ଧ୍ରପ୍ରଦେଶର ବିଜୟୱାଡାରୁ ଠାବ କରି ମଙ୍ଗଳବାର ଗିରଫ କରିଛି। ପୋଲିସ ସୂଚନା ଅନୁସାରେ, ସାମାଜିକ ଗଣମାଧ୍ୟମ ଜରିଆରେ ୧୭ ବର୍ଷୀୟା ନାବାଳିକାଙ୍କ ସହ କାର୍ତ୍ତିକଙ୍କ ବନ୍ଧୁତା ହୋଇଥିଲା। ପରବର୍ତ୍ତୀ ସମୟରେ ଉଭୟେ ଏକାଠି ମିଳାମିଶା କରିବା ସହ ବିଭିନ୍ନ ଫଟୋ ଭିଡିଓ କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ କାର୍ତ୍ତିକଙ୍କୁ ସମ୍ପୃକ୍ତା ନାବାଳିକା ଅଣଦେଖା କରିଥିଲେ। ଏନେଇ କାର୍ତ୍ତିକ ସାମାଜିକ ଗଣମାଧ୍ୟମରେ ଏକ ନକଲି ଆଇଡି ଖୋଲି ନାବାଳିକାଙ୍କ ଅଶ୍ଳୀଳ ଫଟୋ ଭିଡିଓ ଭାଇରାଲ କରିଥିଲେ। ଉକ୍ତ ଭିଡିଓ ଭାଇରାଲ କରିବା ପୂର୍ବରୁ ନାବାଳିକା ଓ ତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଦେବାପାଇଁ ଦାବି କରିଥିଲେ। ଅର୍ଥ ମିଳିବାରେ ବିଳମ୍ବ ହେବାରୁ କାର୍ତ୍ତିକ ଫଟୋ ଓ ଭିଡିଓ ଭାଇରାଲ କରିଦେଇଥିଲେ। ଏନେଇ ନାବାଳିକାଙ୍କ ମା' ଅଗଷ୍ଟ ୮ରେ ଲକ୍‌ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ. ୨୪୮/୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା।


**DEPUTY DIRECTOR**
**NANDANKANAN ZOOLOGICAL PARK**
P.O-BARANG, DIST-KHURDA, PIN-754005
PHONE/FAX No-0674-2466075, 9437022023 (M)
Email: deputydirector.kanan@gmail.com
NANDANKANAN — CONSERVE | EDUCATE | INSPIRE — Web: www.nandankanan.org

**e-PROCUREMENT NOTICE**

No.MM-155
**e-Tender No.DD-NKN-19/NKZP-2025-26 Dt.11.08.2025**

| | | |
|---|---|---|
| 1 | Name of the Work | EXPRESSION OF INTEREST-CUM-REQUEST FOR PROPOSAL (RFP) FOR ENGAGEMENT OF AN AGENCY FOR SOURCING, HANDLING, CRATING, TRANSPORTATION AND DOCUMENTATION OF ANIMALS FROM INDIA OR ABROAD FOR NANDANKANAN ZOOLOGICAL PARK, ODISHA, BHUBANESWAR THROUGH PATRONS OF NANDANKANAN |
| 2 | No. of Works | 1 (One) No. |
| 3 | Date of availability of bid document in the portal | 13.08.2025 |
| 4 | Last date for receipt of bids in the portal | 29.08.2025 upto 5.00 P.M. |
| 5 | Date of Opening of Technical Bid (Cover-I) | 30.08.2025 at 3.30 P.M. |
| 6 | Name & Address of Officer Inviting Tender (OIT) | Deputy Director, Nandankanan Zoological Park, P.O-Barang, Dist- Khordha, Pin-754005 |

Further details can be seen from the e-Procurement portal https/www.tendersodisha.gov.in.

OIPR-08070/11/0100/2526 — Sd./- Deputy Director, Nandankanan Zoological Park



**OFFICE OF THE CHIEF CONSTRUCTION ENGINEER**
**KHORDHA (R&B) CIRCLE, KHORDHA**
1st Corrigendum to Tender Call Notice
Bid Identification No. CCE-Khordha (R&B) Circle-05/2025-26 dt.25.07.2025
No.B-391 — No.2169 Dt.06.08.2025

1. The tender for the works invited vide Bid Identification No. CCE-Khordha (R&B) Circle-05/2025-26 dt 25.07.2025 vide letter no. 2029 dt 25.07.2025 have been modified as follows.

Modification in Critical dates:-
1) Date and Time of sale and receipt of Bids : From 10.00 AM of Dt. 21.08.2025 to 5.00 PM of Dt. 08.09.2025 instead of from 10.00 AM of dt 07.08.2025 to 05.00 PM of dt 21.08.2025.
2) Last Date for Submission of Bid : 5.00 PM of Dt. 08.09.2025 instead of from 05.00 PM of dt 21.08.2025.
3) Date of Opening of the Bid : 11.30 AM of 22.08.2025 instead of from 11.30 AM of dt 22.08.2025.

The other terms & conditions stipulated in the Original tender call notice remain unchanged.

OIPR-34127/11/0045/2526 — Sd./- Chief Construction Engineer, Khordha (R&B) Circle, Khordha



**GOVERNMENT OF ODISHA**
**HOUSING & URBAN DEVELOPMENT DEPARTMENT**
**OFFICE OF THE NOTIFIED AREA COUNCIL, PADAMPUR**
At-Padampur, Po-Rajborasambar, Dist-Bargarh, Pin-768036
Ph.No.06683-223436, E-mail:nac.padampur@gmail.com
No.2285/NACP — Date:08.08.25

**National Competitive Bidding through e-Procurement**
**Bid Identification No.NAC-PDP-02/2025-26**

No.C-845:The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

1. Nature of Work : Civil Work
2. No. of Works : 10 (Ten Nos.)
3. Estimate Cost : Rs.1,57,428/- to Rs.16,34,241/-
4. Class of Contractor : "C" or "D" Class
5. Date & Time of availability of Bid Documents in the Portal : 9.00 AM on dt.11.08.2025 upto 05.00 PM on dt.20.08.2025
6. Last date & time for receipt of Bids in the Portal : 20.08.2025 at 05.00 P.M.
7. Original Bids document received : Before 05.00 PM on Dt.21.08.2025
8. Bid Opening Date : Dt.22.08.2025 at 11.00 AM

The bidders have to participate in online bidding only. Further details can be seen from the website https://www.tendersodisha.gov.in.

OIPR-13118/11/0037/2526 — Sd./- Executive Officer, N.A.C., Padampur



**Kotpad NAC**
**Government of Odisha**
Main Road, Kotpad, Dist-Koraput, Odisha, E-mail:kotpadnac@gmail.com
Letter No.1705/2025 — Date:08.08.2025

**QUOTATION CALL NOTICE**

No.C-847: Sealed quotations are invited to reach by Speed Post/ Registered Post/ Courier by hand from interested agencies/firms/companies for "15 KW on GRID SOLAR SYSTEM NON DCR WITH SUPPLY, ERECTION COMMISSIONING, Kotpad NAC." The quotation will be dropped in the drop box kept in the office of the Executive Officer, Kotpad, with supporting documents like copy of PAN, GST, Authorized Certificate of Govt. and dealership certificate on or before 13.08.2025 and shall be opened on the same day at 5.00 P.M. in the presence of the bidder and the tender committee. The authority has reserved the right to cancel or modify or accept any or all quotation without assigning any reason thereof.

OIPR-13182/11/0013/2526 — Sd./-Executive Officer, Kotpad NAC



**NOTICE INVITING BID (TENDER)**

Reference No.1859/Dr ACHMC — Dt.11-08-2025

**TENDER FOR SUPPLY OF EXTRA NEUTRAL ALCOHOL (ENA) FOR PREPARATION OF HOMOEOPATHIC MEDICINES AT THE MINI PHARMACY ATTACHED TO DR ABHIN CHANDRA HOMOEOPATHIC MEDICAL COLLEGE & HOSPITAL, BHUBANESWAR FOR THE YEAR 2025-26.**

No.E-305 : Sealed tenders are invited from reputed manufacturers/ authorized dealers/ traders including wholesale co-operative organizations and Government/ Semi Govt. agencies for supply of Extra Neutral Alcohol (ENA) to the Mini Pharmacy attached to Dr Abhin Chandra Homoeopathic Medical College & Hospital, Bhubaneswar for the financial year 2025-26.

| | | |
|---|---|---|
| 1. | Value of Tender | Rs 1180852 /-) ( Eleven lakhs eighty thousands eight hundred fifty two only) |
| 2. | Cost of Tender Book | Rs. 500.00 (Five hundred only including GST) |
| 3. | Availability of tender book | In the office of the Principal Dr Abhin Chandra Homoeopathic Medical College & Hospital, Bhubaneswar / downloaded from the website - www.ayushodisha.nic.in |
| 4. | Mode of payment of cost of Tender Book | In shape of Demand Draft in favor of Principal Dr Abhin Chandra Homoeopathic Medical College & Hospital, Bhubaneswar |
| 5. | Date of commencement of sale of Tender Book | From Dt: 12-08-2025 at 11.00 A.M. to 03-09-2025 up to 4.00 P.M. |
| 6. | Last date & time for submission of tender | Dt 03-09-2025 up to 5.00 P.M. |
| 7. | Mode of submission of tender | To be submitted through a sealed Tender box kept in the office chamber of the Principal Dr Abhin Chandra Homoeopathic Medical College & Hospital, Bhubaneswar. |
| 8. | Mode of submission of sealed samples | To be submitted to the Principal Dr Abhin Chandra Homoeopathic Medical College & Hospital, Bhubaneswar |
| 9. | Date, Time & Place for opening of tenders | Technical bids will be opened on Dt 04-09-2025 at 11.30 A.M. at office of the Principal Dr Abhin Chandra Homoeopathic Medical College & Hospital, Bhubaneswar. The date, time & place of opening of the Financial Bids of the technically qualified bidders will be intimated later on. |

The tender Inviting Authority reserves the right to accept / reject any or all the bids without assigning any reason thereof.
For more details contact - 9937103803, 9583550609

Sd./- Principal, Dr. Abhin Chandra Homeopathic Medical College & Hospital, Bhubaneswar
OIPR-10030/11/0009/2526



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, MAYURBHANJ**
Tel. No. (06792)260788, e-Mail ID : mi.mayurbhanj@yahoo.co.in
1st Corrigendum Notice
To
Identification No. - S.E.M.I.D.MBJ. No.-05/MID,MBJ/2025-26
Letter No.2933 — Date.10.08.2025

No.A-487 : The E-procurement Notice No. S.E.M.I.D.MBJ. No.-05/MID,MBJ/2025-26 invited by the Superintending Engineer, M.I.Division, Mayurbhanj is hereby modified as follows.

| Sl. no. as per e-TCN | Particulars | Date & Time As per TCN | Modified Date & Time |
|---|---|---|---|
| 6 | date & time of Availability of Bid Document in the Portal | 11.08.2025 at 10.00 A.M. to 22.08.2025 up to 5.00 P.M. | 14.08.2025 at 10.00 A.M. to 25.08.2025 up to 5.00 P.M. |
| 7 | Last date / Time for receipt of Bids in the Portal | 22.08.2025 up to 5.00 P.M. | 25.08.2025 up to 5.00 P.M. |
| 8 | Date/Time of opening of Bid | 25.08.2025 at 11.00 A.M. | 26.08.2025 at 11.00 A.M. |

Further details can be seen from the "e" Procurement Portal "https://tendersorissa.gov.in"
N.B. - All other terms and conditions will remain same as per the e-tender notice S.E.M.I.D.MBJ. No. 05/MID,MBJ/2025-26

OIPR-32041/11/0013/2526 — Sd./- Superintending Engineer, M.I.Division, Mayurbhanj



**GOVERNMENT OF ODISHA** No.A-485
**DEPARTMENT OF WATER RESOURCES**
'e' Procurement Notice No.05 (NGR) / 2025-26

| | | |
|---|---|---|
| 1 | Type of work | Electrical Work |
| 2 | Total No. of work | 1 (One) |
| 3 | Estimated cost | **Rs.29.61 Lakhs** |
| 4 | Period of completion | (01) Calendar Month |
| 5 | Date & time of availability of Bid Document in the portal | **15.00** hours of **11.08.2025** to **17.00** hours of **20.08.2025** |
| 6 | Last date/Time for receipt of Bids in the Portal | **20.08.2025** up to **17.00** hours |
| 7 | Date and place of opening of Technical Bid | **Dt.21.08.2025** at **11.00** Hours in the office of the Superintending Engineer, Nayagarh Irrigation Division, Nayagarh |
| 8 | Name and address of the O.I.T (Officer Inviting Tender) | Superintending Engineer, Nayagarh Irrigation Division, Nayagarh |

Further details can be seen from the e-Procurement Portal "https://tendersodisha.gov.in".

OIPR-32303/11/0021/2526 — Superintending Engineer, Nayagarh Irrigation Division, Nayagarh



**Department of Tourism**
**Government of Odisha**
ODISHA — India's best kept secret
Paryatan Bhawan, Lewis Road, Bhubaneswar - 751014
Phone : (0674) 243 2177 I Fax : (0674)-243887
https://dot.odishatourism.gov.in

No.9833 — Date : 11.08.2025

**REQUEST FOR PROPOSAL FOR SELECTION OF AN AGENCY FOR REDESIGN, REDEVELOPMENT, AUGMENTATION AND OPERATION & MAINTENANCE OF ODISHA TOURISM WEBSITE, MOBILE APP AND BOOK ODISHA PORTAL & APP**

**No.R-** : Department of Tourism (DoT) invites proposals from prospective applicant (s) for Request for Proposal for Selection of an agency for Redesign, Redevelopment, Augmentation and Operation & Maintenance of Odisha Tourism Website, Mobile App and Book Odisha Portal & App for DoT in accordance with the conditions and manner prescribed in the RFP document.
The proposals should be submitted by the interested parties to The Director Tourism, Paryatan Bhawan, Lewis Road, Bhubaneswar - 751014 on or before 09.09.2025 up to 15:00 Hrs. The detailed RFP may be downloaded from DoT's website: **https://odishatourism.gov.in/content/tourism/en/dot/quickLinks/tender.html**

OIPR-37001/11/0055/2526 — Sd./- Deputy Secretary to Govt. Department of Tourism



**DIRECTORATE OF ECONOMICS AND STATISTICS**
**ODISHA, BHUBANESWAR**
Parisankshyan Bhawan, Heads of Department Building Campus
Unit-V, Bhubaneswar, PIN-751001, Ph.-0674-2391295
e-Mail:desbbsr@gmail.com, desbbsr@gov.in
Letter No.5009/DES-VSSS-TEND-0005-2025/Date:11.8.25

No.X-31: **TENDER NOTICE**

(For award of contract for outsourcing of Light Vehicle Driving Services of Drivers for Directorate of Economics and Statistics, Bhubaneswar)

Sealed tenders are invited from intending service providing agencies and Travel agencies for the outsourcing of Light vehicle Driving Services of Drivers in the Directorate of Economics & Statistics, Odisha, Bhubaneswar.

The detail information for outsourcing the services of aforesaid work has been given in the tender document which may either be downloaded from the P&C Department's website https://pc.odisha.gov.in or can be obtained from office on any working day from 08.08.2025 at 10.30 A.M. to 20.08.2025 till 5.30 P.M. The downloaded Tender document from the website should be submitted alongwith a Bank Draft/ Bankers Cheque of Rs.500/- (Non-Refundable) in favour of Establishment Officer-cum-DDO, Directorate of Economics and Statistics, Odisha, Bhubaneswar.

The tender document will be received only through Speed Post/ Registered Poer during office hours only. The last date and time for receipt of filled-in Tender documents are 21.05.2025 by 5.00 P.M. The office shall not be responsible for any kind of postal delay. The authority reserves the right to cancel any or all the tender without assigning any reason thereof.

OIPR-21002/11/0011/2526 — Sd./- DIRECTOR


See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅଲ୍ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟରର ଅନାବରଣ

## 'ବର୍ନ ଆଉଟ୍ ଅଫ ଲାଇନ୍'

ଭୁବନେଶ୍ୱର,୧୨।୮ (ଅଭୟ ଦାଶ)



କ୍ଲାସିକ୍ ଲିଜେଣ୍ଡସ ପ୍ରାଇଭେଟ ଲିମିଟେଡ୍‌ର ପ୍ରମୁଖ ବ୍ରାଣ୍ଡ ତଥା ଜାୱା ୟେଜ୍‌ଦି ମୋଟରସାଇକେଲର ବହୁ ପ୍ରତୀକ୍ଷିତ ମଡେଲ 'ଅଲ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର (୨୦୨୫ ୟେଜ୍‌ଦି ରୋଡ୍‌ଷ୍ଟର)'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁମ୍ବାଇଠାରେ ମଙ୍ଗଳବାର କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଏହାର ଅନାବରଣ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର ସ୍ୱତନ୍ତ୍ର ଥିମ୍ 'ବର୍ନ ଆଉଟ୍ ଅଫ ଲାଇନ୍'ରେ ଡିଜାଇନ କରାଯାଇଛି। ଏଥିରେ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ଓ ଫିଚର ସାମିଲ ରହିଛି। ସେହିଭଳି ଏହି ମଡେଲ ଏକ ଶକ୍ତିଶାଳୀ ଇଞ୍ଜିନ ଓ ବୃହତ୍ ଅଏଲ ଟ୍ୟାଙ୍କ୍(୧୨.୫ ଲି. କ୍ଷମତା) ସହ ଆକର୍ଷଣୀୟ ଡିଜାଇନ୍‌ରେ ସଜ୍ଜିତ ହୋଇଛି। ସେହିପରି ୨ଟି ଭାରିଆଣ୍ଟ ଓ ୪ଟି ଚିତ୍ତାକର୍ଷକ କଲରରେ ଏହି ମଡେଲ ସବୁବର୍ଗର ଗ୍ରାହକ ଓ ଯୁବବର୍ଗଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ବ୍ରାଣ୍ଡ ପକ୍ଷରୁ ଆକଳନ କରାଯାଇଛି। ଏପରିକି ଏହାର ପ୍ରାରମ୍ଭିକ ବଜାର ମୂଲ୍ୟ ୨,୦୯,୯୬୯ ଟଙ୍କା ରହିଛି।

ଏ ସମ୍ପର୍କରେ ଜାୱା ୟେଜ୍‌ଦି ମୋଟରସାଇକେଲର ସହପ୍ରତିଷ୍ଠାତା ଅନୁପମ ଥାରେଜା କହିଥିଲେ, ଆମେ ଆମର ନୂତନ ମଡେଲ 'ଅଲ୍ ନ୍ୟୁ ୟେଜ୍‌ଦି ରୋଡ୍‌ଷ୍ଟର'କୁ ଆନୁଷ୍ଠାନିକ ଭାବେ ଅନାବରଣ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଏହି ମଡେଲ ବଜାରରେ ଏକ ନୂଆ ଓ ବୈପ୍ଳବିକ ପରିବର୍ତ୍ତନ ସହ ଗାଡ଼ିଚାଳନା (ରାଇଡିଂ)ରେ ଏକ ସମ୍ଭାବନା ସୃଷ୍ଟି କରିବ। ଏହାର ଡିଜାଇନ ଓ କଲର ବେଶ୍ ଆକର୍ଷଣୀୟ ହୋଇଥିଲାବେଳେ ଲମ୍ବାରାସ୍ତାର ଯାତ୍ରା ପାଇଁ ଏହା ଏକ ଅଭିନବ ଅନୁଭବ ଦେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୧୨।୮

ଦିନକ ପରେ ପୁଣିଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନସେକ୍ସ ୩୬୮(୩୬୮.୪୯) ପଏଣ୍ଟ ହ୍ରାସ ଘଟି ୮୦,୨୩୬ (୮୦,୨୩୫.୫୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୯୮ (୯୭.୬୫) ପଏଣ୍ଟ କମି ୨୪,୪୮୭ (୨୪,୪୮୭.୪୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ମାସି ଡାଇନାଷ୍ଟାର ସିଜନ-୨ ଉଦ୍‌ଯାପିତ

## ଟାଫେର 'ସବ୍‌ସେ ବଡ଼ା ଅଲ୍‌ରାଉଣ୍ଡର କି ତଲାସ୍'

ଭୁବନେଶ୍ୱର,୧୨।୮

ଟ୍ରାକ୍ଟର ଆଣ୍ଡ ଫାର୍ମ ଇକ୍ୱିପ୍‌ମେଣ୍ଟ ଲିମିଟେଡ୍ ବା ଟାଫେର ପ୍ରମୁଖ ଟ୍ରାକ୍ଟର ବ୍ରାଣ୍ଡ ତଥା ମାସି ଫର୍ଗୁସନର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ମାସି ଡାଇନାଷ୍ଟାର ପ୍ରତିଯୋଗିତା'ର ୨ୟ ସଂସ୍କରଣ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଶୀର୍ଷକ 'ସବ୍‌ସେ ବଡ଼ା ଅଲ୍‌ରାଉଣ୍ଡର କି ତଲାସ୍' ରହିଥିଲାବେଳେ ଟାଫେ ଦ୍ୱାରା ଏହି ଅଗ୍ରଣୀ ପଦକ୍ଷେପ ବହୁମୁଖୀ ମାସି ଫର୍ଗୁସନ ଡାଇନାଟ୍ରାକ୍ ୨୪୧ ଟ୍ରାକ୍ଟର ଦ୍ୱାରା ପରିଚାଳିତ ହୋଇଥିଲା। ସେହିଭଳି ସିଜନ-୨କୁ ମୋଟ୍ ୨୬ ରାଜ୍ୟ ଏବଂ ୫ କେନ୍ଦ୍ରଶାସିତ ଅଞ୍ଚଳର ୧୬,୦୦୦ରୁ ଅଧିକ ପ୍ରବେଶ ମିଳିଛି, ଯାହା ଭାରତର କୃଷି ଭୂଦୃଶ୍ୟର ଉଲ୍ଲେଖନୀୟ ବିବିଧତାକୁ ପ୍ରତିଫଳିତ କରିଛି। ଏହି ସିଜନରେ ଆସାମ, ଗୁଜରାଟ, କର୍ନାଟକ, ମଧ୍ୟପ୍ରଦେଶ, ପଞ୍ଜାବ, ତାମିଲନାଡୁ ଏବଂ ଉତ୍ତରପ୍ରଦେଶ ଭଳି ପ୍ରମୁଖ ରାଜ୍ୟକୁ ପ୍ରତିନିଧିତ୍ୱ କରୁଥିବା ୧୨ଜଣ ଫାଇନାଲିଷ୍ଟଙ୍କୁ ଚୟନ କରାଯାଇଥିଲା। ଏହି ପ୍ରତିଯୋଗିତାର ଅଂଶଗ୍ରହଣକାରୀମାନେ ଚାଷୀ, ଗ୍ରାମୀଣ ଉଦ୍ୟୋଗୀ ଏବଂ ଉତ୍ସାହୀ କୃଷିଛାତ୍ରଙ୍କ ଏକ ଗତିଶୀଳ ମିଶ୍ରଣରେ ସାମିଲ ଥିଲେ, ଯେଉଁମାନେ ତୃଣମୂଳ ସ୍ତରରେ ନବସୃଜନର ଏକ ସ୍ପନ୍ଦନଶୀଳ ସଂସ୍କୃତି ପ୍ରଦର୍ଶନ କରିଥିଲେ।

ସେହିପରି ମାସି ଫର୍ଗୁସନ୍ ଡାଇନାଟ୍ରାକ୍ ୨୪୧ ଦ୍ୱାରା ପରିଚାଳିତ ଏକ ମୋବାଇଲ୍ ସ୍ଲରି ଡିୱାଟରିଂ ମେଶିନ୍ ପାଇଁ ଅଭିନବ ଧାରଣା ଉପସ୍ଥାପନ କରିଥିବା କର୍ନାଟକର ବେଲଗାମ୍‌ରୁ ଆଇଟି କର୍ମଚାରୀ ଅଭିନାଶ ଦେଶାଇଙ୍କୁ ପ୍ରାୟ ୮.୨ ଲକ୍ଷ ଟଙ୍କାର ଏକ ସମ୍ପୂର୍ଣ୍ଣ ନୂତନ ଏମ୍‌ଏଫ୍ ୨୫୪ ଡାଇନା ସ୍ମାର୍ଟ ୨ ଡବ୍ଲୁଡି ଟ୍ରାକ୍ଟର ସହିତ ସମ୍ମାନିତ କରାଯାଇଥିଲାବେଳେ ୨ୟ ପୁରସ୍କାର ଆସାମର ହୋଜାଇର ପ୍ରତୀକ ଅଗ୍ରୱାଲଙ୍କୁ ଏକ ସୌରଚାଳିତ ସ୍ଥାୟୀ ଶକ୍ତିକେନ୍ଦ୍ରର ଧାରଣା ପାଇଁ ଦିଆଯାଇଥିଲା। ଏଥିପାଇଁ ତାଙ୍କୁ ୮ ଗ୍ରାମ୍ ସ୍ୱର୍ଣ୍ଣମୁଦ୍ରା ପ୍ରଦାନ କରାଯାଇଥିଲା। ତୃତୀୟ ପୁରସ୍କାର ପଟିଆଲା ପଞ୍ଜାବର ଅମ୍ରିତ୍ ଜୋତ ସିଂହଙ୍କୁ ଏମ୍‌ଏଫ୍ ଡାଇନାଟ୍ରାକ୍ ୨୪୧ ଦ୍ୱାରା ଚାଳିତ ଜଳ ବିଶୋଧନ ୟୁନିଟ୍‌ର ଧାରଣା ପାଇଁ ୮ ଗ୍ରାମ୍ ସୁନାମୁଦ୍ରା ପ୍ରଦାନ କରାଯାଇଥିଲା।

ଅପରପକ୍ଷରେ ଜୁରିସ ଚଏସ୍ ପୁରସ୍କାର ଆସାମର କାମରୂପ ମେଟ୍ରୋପଲିଟାନର ଅବସରପ୍ରାପ୍ତ ଆଇଏଏସ୍ ଡକ୍ଟର ଜୟକୁମାର କାରୁପ୍ପୁସାମିଙ୍କୁ ପ୍ରଦାନ କରାଯାଇଥିଲା। ସେ ଏକ ବହୁମୁଖୀ କୃଷି ମେଶିନ ପ୍ରସ୍ତାବ କରିଥିଲେ ଏବଂ ତାଙ୍କୁ ୫୦ ଗ୍ରାମ୍ ରୁପା ମୁଦ୍ରାରେ ସମ୍ମାନିତ କରାଯାଇଥିଲା।

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

# ଫ୍ୟାଶନ ଫ୍ୟାକ୍ଟ୍ରିର ନୋ କଣ୍ଡିସନ୍ସ ସେଲ୍




ମୁମ୍ବାଇ,୧୨।୮

ରିଲାଏନ୍ସ ରିଟେଲର ପ୍ରମୁଖ ଗାର୍ମେଣ୍ଟସ ବ୍ରାଣ୍ଡ ଫ୍ୟାଶନ୍ ଫ୍ୟାକ୍ଟ୍ରିର ବହୁ ପ୍ରତୀକ୍ଷିତ ତଥା ଏକ ୪ ଦିନିଆ ସ୍ୱତନ୍ତ୍ର ଅଫର 'ନୋ କଣ୍ଡିସନ୍ସ ସେଲ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଫ୍ୟାଶନ୍ ଡିସକାଉଣ୍ଟର ଏହି ମେଗା ସେଲ ୨୦୨୫ ଅଗଷ୍ଟ ୧୪ ରୁ ୧୭ ପର୍ଯ୍ୟନ୍ତ ଉପଲବ୍ଧ। ଏହି ସେଲରେ ସମସ୍ତ ବଡ଼ ବ୍ରାଣ୍ଡ ଉପରେ ୫୦%ର ଏକ ସ୍ୱତନ୍ତ୍ର ରିହାତି ସହିତ ୨୪୯୯ ଟଙ୍କା ଏବଂ ତା'ଠାରୁ ଅଧିକ ମୂଲ୍ୟର ପୋଷାକ କ୍ରୟ ଉପରେ ମାଗଣା ଉପହାର ମଧ୍ୟ ଉପଲବ୍ଧ। ସେହିଭଳି ଏହି ସେଲରେ ଲେଭିସ୍, ପେପେ, ପାର୍କ ଆଭେନ୍ୟୁ, ରେମଣ୍ଡ, କଲର ପ୍ଲସ୍, ପାର୍କ୍ସ, ଟର୍ଟଲ୍, ଭ୍ରିଲ୍ସ, ହୁର, ଲି କୁପର, ଇଣ୍ଡିବି, ଜନ୍ ପ୍ଲେୟର୍ସ, ନେଟପ୍ଲେ, ପିଟର ଇଂଲଣ୍ଡ , କିଲର, ପାଇନ୍ କ୍ଲବ୍, ସାଡଲ୍ ଏଣ୍ଡ ମାଲେଟ୍ ଭଳି ବ୍ରାଣ୍ଡ ଅନ୍ତର୍ଭୁକ୍ତ ରହିଛି। ଏପରିକି କ୍ଲାସିକ୍ ଫର୍ମାଲ୍‌ଠାରୁ ସ୍ମାର୍ଟ କାଜୁଆଲ୍ କିମ୍ବା ସପ୍ତାହାନ୍ତ ପୋଷାକ ପର୍ଯ୍ୟନ୍ତ ଫ୍ୟାଶନ୍ ପ୍ରେମୀଙ୍କ ପାଇଁ ସମସ୍ତ ପ୍ରକାରର ଉତ୍ପାଦ ଏହି ସେଲରେ ଉପଲବ୍ଧ ହେଉଛି। ସେହିପରି ୨୦%ରୁ ୭୦% ପର୍ଯ୍ୟନ୍ତ ମେଗା ରିହାତି ଅଫର ବର୍ଷକ ବାର ମାସ ବା ୩୬୫ ଦିନ ଆଉଟଲେଟରେ ଉପଲବ୍ଧ।

# ନିସାନ ପକ୍ଷରୁ ୱାରେଣ୍ଟି ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର,୧୨।୮

ନିସାନ ମୋଟର(ଇଣ୍ଡିଆ)ର ବହୁ ପ୍ରତୀକ୍ଷିତ ଅଫର ତଥା ୱାରେଣ୍ଟି ଯୋଜନାର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହି ଅଫର ନୂତନ ନିସାନ ମାଗ୍ନାଇଟ ପାଇଁ ଡିଜାଇନ କରାଯାଇଥିବାବେଳେ ଏହା ଏକ ପ୍ରଥମ ଧରଣର ଏବଂ ୧୦ ବର୍ଷର ଏକ୍ସଟେଣ୍ଡେଡ ୱାରେଣ୍ଟି ପ୍ଲାନ ଭାବେ ଶୁଭାରମ୍ଭ କରାଯାଇଛି। ଏହା ହେଉଛି ଏକ ସେଗ୍‌ମେଣ୍ଟ ପ୍ରଥମ ଗ୍ରାହକ-କେନ୍ଦ୍ରିତ ପଦକ୍ଷେପ। ଯାହା ଗୁଣବତ୍ତା, ନିର୍ଭରଯୋଗ୍ୟତା ଓ ମାନସିକ ଶାନ୍ତି ପାଇଁ ବ୍ରାଣ୍ଡର ଦୀର୍ଘାବଧି ପ୍ରତିବଦ୍ଧତାକୁ ସୂଚିତ କରୁଛି। ନୂଆ ନିସାନ ମାଗ୍ନାଇଟ ଆଡଲ୍ଟ ଅକ୍ୟୁପାଣ୍ଟ ସେଫ୍ଟି (ଏଓପି)ରେ ୫ ଷ୍ଟାର ରେଟିଂ ସହିତ ସାମଗ୍ରିକ ଯାତ୍ରୀ ସୁରକ୍ଷା କ୍ଷେତ୍ରରେ ୫ ଷ୍ଟାର ରେଟିଂ ହାସଲ କରିବାର ତତ୍କାଳ ପରେ ଏହି ପ୍ଲାନ ସମ୍ପର୍କରେ ଘୋଷଣା କରାଯାଇଛି।

ସେହିଭଳି ଏହି ପ୍ଲାନ ୩ ବର୍ଷର ଷ୍ଟାଣ୍ଡାର୍ଡ ୱାରେଣ୍ଟି ପ୍ରଦାନ କରୁଛି, ଯାହାକି ୧୦ ବର୍ଷ ପର୍ଯ୍ୟନ୍ତ ଏକ ବର୍ଦ୍ଧିତ ୱାରେଣ୍ଟି ପ୍ଲାନର ନମନୀୟ ଯୋଜନା ମାଧ୍ୟମରେ ବୃଦ୍ଧି କରାଯାଇପାରିବ। ଏହି ପ୍ଲାନର ସୁରକ୍ଷା କେବଳ ୨୨ ପଇସା/ପ୍ରତି କିମି କିମ୍ବା ୧୨ଟଙ୍କା/ପ୍ରତି ଦିନର ଏକ ସୁଲଭ ମୂଲ୍ୟରେ ୧୦ବର୍ଷ/୨ଲକ୍ଷ କିଲୋମିଟର ପର୍ଯ୍ୟନ୍ତ ଅବଧି ପାଇଁ ପ୍ରଯୁଜ୍ୟ ରହିବ। ନିସାନ ମୋଟର ଇଣ୍ଡିଆର ଏମ୍‌ଡି ସୌରଭ ବତ୍ସ କହିଛନ୍ତି, ନୂଆ ନିସାନ ମାଗ୍ନାଇଟ ଭାରତୀୟ ଗ୍ରାହକଙ୍କ ପାଇଁ ଗୁଣବତ୍ତା, ନିର୍ଭରଯୋଗ୍ୟତା, ସୁରକ୍ଷା ଓ ଦୀର୍ଘାବଧି ମୂଲ୍ୟର ଏକ ପ୍ରତୀକ ଭାବେ ଉଭା ହୋଇଛି। ଗ୍ଲୋବାଲ ଏନ୍‌ସିଏପିଠାରୁ ଏହା ସମ୍ମାନଜନକ ୫ଷ୍ଟାର ସେଫ୍ଟି ରେଟିଂ ହାସଲ କରିଥିବାରୁ ଆମେ ଖୁବ୍ ଗର୍ବିତ ଅନୁଭବ କରୁଛୁ।



# Classified Everyday

0674-2580101, 9692975378



MATRIMONIAL

**BRIDE WANTED**

Handsome Brahmin boy "1989, 5.6' B.tech, serving software Engineer CTS Bangalore. "SUNASANSAR" ,9937512659. D-1615



**REAL ESTATE**

**SALE**

Prime stithiban plot for sale- Airport area, Bhubaneswar near Naveen Niwas, 2178sqft., excellent connectivity, developed area. Ideal for residential construction. The property is guarded and secluded by boundarywall around it. Expected possession of property immediately. Deal directly with the owner. No brokers involved, Contact- 9439861119. D-76071

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। **8249422604.** D-1622

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଛାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ- **7735922768.** D-1572

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376

**Duplex sale with gated Society near Allms Hospital, Bhubaneswar- 9777433701.** D-1614

**LOST**

ମୁଁ ଲିଙ୍ଗରାଜ ରାଉତ, ପି- କେଳା ରାଉତ, ଚନ୍ଦନପୁର ଥାନା ଦଣ୍ଡା ଗ୍ରାମ ଅଧିବାସୀ ଅଟେ। ଦାସଗୋବାରେ ଥିବା ମୋର ଖାତା ନଂ.- 215/372, ପ୍ଲଟ୍ ନଂ- 126 (ଘରବାରି) ମୌଜା ଦାସଗୋବା, ତହସିଲ- ପୁରୀର ପୂର୍ବ ଦଲିଲ ନଂ.- 11481403092ଟି ଭୁଲ୍‌ବଶତଃ କେଉଁଠାରେ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଦଲିଲଟିକୁ ପାଆନ୍ତି ତେବେ ନିମ୍ନଲିଖିତ ନଂରେ ଯୋଗାଯୋଗ କରିବାକୁ ଅନୁରୋଧ।
ଦୀପକ କୁମାର ସାହୁ
9937058785 D-1628

By the virtue of an affidavit in the Court of Executive Magistrate, Banpur, vide general station diary No.- 007/6.8.2025 15.00 hrs. near Entry Officer name with rank: Akshaya Pradhan, ASI, we describe that: By this time one person namely Krushna Chandra Guru (54), S/o- Gobardhan Guru, At- Badapadar, Banpur, Khorda appeared at PS and presented a written report that on date 27.07.2025 at 11AM while he was travelling from Vani Vihar to Acharya Vihar, his bag was lest some where along with Khata No. 294/23, Gangadharpur Sasan. He attached an affidavit Copy with his report. Brought the matter notice of IIC Directed enter the fact as GD for further references. Therefore if anybody has found the same, please contact with the area Manager, Chandrasekharpur, Bhubaneswar Mob- 9778970930 or N.C. Pattnaik lawyer with mobile number within 7days to take further course of action. D- 1626

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Dushasan Tarai, S/o- Late Bidyadhar Tarai, At- Madan Mohan Nagar, Tinigharia, P.O.- Nayabazar, P.S.- Madhupatna, Dist.- Cuttack- 753004 States that I am owner of property Khata No.- 941/30, Plot No.- 1602, area AC 0.040 dec., Kisam-Gharabari, Mouza- Bidyadharpur Tahasil- Cuttack Sadar, Dist.- Cuttack on 26.05.25, Original Regd Sale Deed No.- 2532, dt- 03.06.1988 executed by Trilochan Sahoo in favour of Sri Jogendra Behera and record of right having Mouza Bidyadharpur, Khata No.- 348, Plot No.- 1602, area- Ac0.040dec. recorded in the name of Jogendra Behera (which is the Link Deed of my property) has been missed when transit from Nuapada Chhak to my residence. The finder please contact soon above address. D-1627

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**AFFIDAVIT**

By virtue of an affidavit before Notary Public, Chandikhole 11.08.25, I, Shaikh Khurban, aged about (59), S/o- Shaikh Habib, At- Matakatpur, P.O.- Palai, P.S.- Balichandrapur, Dist.- Jajpur, Odisha-754205 declare that Shaikh Khurban and Shaikh Khorban same and one person and there is no difference in it, Date of Birth 15.03.1966. D-1633

By virtue of an affidavit sworn before the Executive Magistrate, Jharsuguda, No.- 9334, date 11.08.26, I, Tuleswar Sa, S/o- Adikanta Sa, R/o. Vill- Kandsar, P.O.-Ubuda, P.S.-Lakhanpur, Dist.- Jharsuguda-768217 declare that, I have changed my name from Tuleswar Sa to Tuleswar AB Sa. Henceforth, I shall be known as Tuleswar AB Sa for all future purposes.
Tuleswar AB Sa
D-1634

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bhadrak, dtd. 19.05.2025, I, Bharatilata Behera (33 yrs), W/o- Dhaneswar Parida, Vill/P.O.- Naami, P.S.- Bhandaripokhari, Dist.- Bhadrak, PIN- 756121 declare that I have changed my name from Bharati Parida to Bharatilata Behera. Henceforth, I shall be known as Bharatilata Behera for all purposes. D-1629

By virtue of an affidavit sworn before Notary Public, Titilagarh, dated 09.08.2025, I, Manjushree Nayak, D/o- Sudarshan Nayak, At- Ghantasuni Pada, P.O.- Titilagarh, Dist.-Balangir, Odisha, 767033 declare that I have changed my name from Manju Sree Nayak to Manjushree Nayak.Henceforth, I shall be known as Manjushree Nayak for all purposes.
(Manjushree Nayak)
D-1630

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ ମଞ୍ଜୁଲତା ବେହେରା**
ସ୍ୱାମୀ: ଗୌରାଙ୍ଗ ଚରଣ ବେହେରା
ସାଇଗୋଡ଼ା, ମନୋହରପୁର, ସାଲେପୁର, କଟକ
ଆବିର୍ଭାବ- ତା୨୧।୦୨।୧୯୭୩ରିଖ
ତିରୋଧାନ- ତା୧୩।୦୮।୨୦୨୨ରିଖ
ଚାହୁଁ ଚାହୁଁ ୩ବର୍ଷ ବିତିଗଲା। ଏବେବି ତୁମ କଥା ସବୁ ସମୟରେ ମନେପଡ଼େ। ତୁମ ସ୍ଥାନ ଅପୂରଣୀୟ। ତୁମ ସ୍ନେହ, ଆଦର୍ଶ, ଦିଗ୍‌ଦର୍ଶନ, କର୍ତ୍ତବ୍ୟନିଷ୍ଠା ଓ ଭଲପାଇବା ସଦାସର୍ବଦା ମନେ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଶ୍ରୁଳ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ: ସ୍ୱାମୀ, ପୁଅ: ନୀହାର, ବିଷ୍ଣୁ, ସୁସ୍ମିତା, ସାଇରିଡିସା, ପୁତୁରା, ପୁତୁରାବୋହୂ, ଭଣଜା, ଭାଣିଜୀ, ଝିଆରୀ, ଦେଢ଼ଶୁର, ଦିଅର, ଭାଇ, ଭାଉଜ, ବାପା, ମାଆ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।
ଧ-୧୬୩୧

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ନୂଆ କ୍ରୀଡ଼ା ବିଲ୍ ସ୍ୱଚ୍ଛତା ଆଣିବ: ଉଷା

ନୂଆଦିଲ୍ଲୀ, ୧୨।୮ (ପି.ଟି.)

ଭାରତୀୟ ଅଲିମ୍ପିକ୍ ଆସୋସିଏଶନ ସଭାପତି ତଥା ରାଜ୍ୟ ସଭା ସଦସ୍ୟ ପି ଟି ଉଷା ମଙ୍ଗଳବାର ଜାତୀୟ କ୍ରୀଡ଼ା ଶାସନ ବିଲ୍ ପ୍ରତି ସମର୍ଥନ ବ୍ୟକ୍ତ କରିବା ସହ କହିଛନ୍ତି, ଏହା ଦେଶର କ୍ରୀଡ଼ା ପ୍ରଶାସନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆଣିବ। ନୂଆ ବିଲ୍ ଉପରେ ମଙ୍ଗଳବାର ରାଜ୍ୟ ସଭାରେ ଆଲୋଚନା ବେଳେ ଉଷା ଏଥିରେ ଦିଆଯାଇଥିବା ଜାତୀୟ କ୍ରୀଡ଼ା ବୋର୍ଡ(ଏନ୍ଏସ୍‌ବି), ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ (ଏନ୍ଏସ୍‌ଟି) ଓ ଜାତୀୟ କ୍ରୀଡ଼ା ନିର୍ବାଚନ ପ୍ୟାନେଲ ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି।

'ଆଜିର ଦିନ ବ୍ୟକ୍ତିଗତ ଓ ଜାତୀୟ ଦୃଷ୍ଟିକୋଣରୁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ମୁଁ ଏହି ମୁହୂର୍ତ୍ତ ଲାଗି ଦୀର୍ଘବର୍ଷ ହେଲା ଅପେକ୍ଷା କରିଛି। ୧୯୮୪ରେ ମୋତେ ୨୦ ବର୍ଷ ହୋଇଥିଲା, ଯେତେବେଳେ ମୁଁ ଲସ୍ ଏଞ୍ଜେଲ୍ସରେ ଅଲିମ୍ପିକ୍ ପଦକ ହାତଛଡ଼ା କରିଥିଲି। ସେହିଦିନ ମୋ ମନ ଭାଙ୍ଗିଯାଇଥିଲା। ସେତେବେଳେ ଆମ ହୃଦୟର ସ୍ୱପ୍ନକୁ ସାକାର କରିବା ପାଇଁ କୌଣସି କ୍ରୀଡ଼ା ଆଇନ ନ ଥିଲା। ସେହି ଘଟଣାକୁ ୪ ଦଶନ୍ଧି ବିତିବା ପରେ ବି ଆମ ପାଖରେ କୌଣସି ବ୍ୟବସ୍ଥା ନ ଥିଲା। ଏବେ ଏହି ଆଶା କାର୍ଯ୍ୟ ଓ ଆଇନରେ ପରିଣତ ହୋଇଛି। ଏହା ଏକ ଦୂରଦୃଷ୍ଟିସମ୍ପନ୍ନ ଓ ଦୀର୍ଘଦିନ ଧରି ବକେୟା ରହିଥିବା ବିଲ୍। ଏହି ବିଲ୍ ଭାରତୀୟ କ୍ରୀଡ଼ା ପ୍ରଶାସନରେ ଉତ୍ତରଦାୟିତ୍ୱ ବୃଦ୍ଧି କରିବା ସହ ସ୍ୱଚ୍ଛତା ଓ ଲିଙ୍ଗଗତ ସମାନତା ଆଣିବ। ଏହା ଆଥ୍‌ଲେଟ୍‌ଙ୍କୁ ସଶକ୍ତ କରିବା ସହ ସ୍ପନ୍‌ସର୍ସ ଓ ଫେଡେରେଶନ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିବ। ଏହା ନ୍ୟାୟ ଓ ନିରପେକ୍ଷତାର ବିଷୟ। ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ସ୍ୱପ୍ନ ଦେଖୁଥିବା ବେଳେ ଏହି ଆଇନ ଆସିଛି। ଭାରତ ପାଇଁ ଏହା କେବଳ ଏକ ବିଲ୍ ନୁହେଁ, ବରଂ କାର୍ଯ୍ୟ ଲାଗି ଏକ ସ୍ପଷ୍ଟ ଆହ୍ୱାନ। ଏହି ବିଲ୍ ମହାନ୍ ଦୃଷ୍ଟିକୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଏହା ଏକ ନୈତିକ ପ୍ରତିଶ୍ରୁତି ଯେ, ଆଥ୍‌ଲେଟ୍‌ଙ୍କୁ ଆଉ ଉଦାସୀନ ବ୍ୟବସ୍ଥା ଦ୍ୱାରା ନିରାଶ ହେବାକୁ ପଡ଼ିବ ନାହିଁ। ମାଟି ରାସ୍ତାରେ ଖାଲିପାଦରେ ଦୌଡ଼ୁଥିବା କୁନି କୁନି ପିଲାଙ୍କ ଲାଗି ଏହି ବିଲ୍ ଜୀବନ ବଦଳାଇ ଦେବ' ବୋଲି ଉଷା କହିଛନ୍ତି।


ରାଜ୍ୟ ସଭାରେ ପିଟି ଉଷା ।

## ସଂସଦରେ ପାରିତ

ଜାତୀୟ କ୍ରୀଡ଼ା ଶାସନ ବିଲ୍ ଓ ଜାତୀୟ ଡୋପିଂ ନିବାରଣ (ସଂଶୋଧିତ) ବିଲ୍ ମଙ୍ଗଳବାର ସଂସଦରେ ପାରିତ ହୋଇଯାଇଛି। ଲୋକସଭାରେ ପାରିତ ହେବାର ୨୪ ଘଣ୍ଟା ମଧ୍ୟରେ ଏହି ଦୁଇ ବିଲ୍‌କୁ ରାଜ୍ୟ ସଭାର ଅନୁମୋଦନ ମିଳିଛି। ଏହି ଦୁଇ ବିଲ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସ୍ୱାକ୍ଷର ପରେ ଆଇନରେ ପରିଣତ ହେବ। ଅପରାହ୍ନ ୩ଟାରେ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ଉଭୟ ବିଲ୍ ଉପରେ ବିଚାର କରିବା ପାଇଁ ଉଚ୍ଚ ସଦନକୁ ପଠାଇଥିଲେ। ହେଲେ ବିହାରରେ ଭୋଟର ତାଲିକା ସଂଶୋଧନ ନେଇ ଆଲୋଚନା ଦାବିରେ କଂଗ୍ରେସ ସଭାପତି ମଲିକାର୍ଜୁନ ଖାର୍ଗେଙ୍କ ନେତୃତ୍ୱରେ ବିରୋଧୀ ଏମ୍‌ପିମାନେ ସଦନରୁ ଚାଲିଯାଇଥିଲେ।

'୨୦ ଦେଶରେ କ୍ରୀଡ଼ା ଆଇନ ରହିଛି। ଏହି ଧାରାରେ ଭାରତକୁ ୨୧ତମ ଦେଶ ଭାବେ ସାମିଲ କରିବା ପାଇଁ ମୁଁ ରାଜ୍ୟ ସଭାକୁ ଅନୁରୋଧ କରୁଛି' ବୋଲି ମାଣ୍ଡବ୍ୟ ସମ୍ବୋଧନ ଦେବା ପରେ ଦୁଇ ଘଣ୍ଟା ଧରି ବିଲ୍ ଉପରେ ଚର୍ଚ୍ଚା ହୋଇଥିଲା। ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନର ପୂର୍ବତନ ସଭାପତି ତଥା ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ ଓ ଇଣ୍ଡିଆନ ଅଲିମ୍ପିକ୍ ଆସୋସିଏଶନ ସଭାପତି ପିଟି ଉଷା ପ୍ରମୁଖ ନୂଆ କ୍ରୀଡ଼ା ବିଲ୍‌କୁ ପ୍ରଶଂସା କରିଥିଲେ। ଉଲ୍ଲେଖଯୋଗ୍ୟ, ଆମେରିକା, ବ୍ରିଟେନ, ଚାଇନା, ଜାପାନ ଭଳି ଦେଶରେ ଏହି କ୍ରୀଡ଼ା ଆଇନ ମଧ୍ୟ ରହିଛି।



ବାନ୍ଧବୀ ଜିଓର୍ଜିନା ରୋଡ୍ରିଗୁଏଜ୍‌ଙ୍କ ସହ କ୍ରିଷ୍ଟିଆନୋ ରୋନାଲ୍ଡୋ ।

# ରୋନାଲ୍ଡୋ-ରୋଡ୍ରିଗୁଏଜ୍‌ଙ୍କ ନିର୍ବନ୍ଧ

ୱାଶିଂଟନ, ୧୨।୮ (ଏପି)

କିମ୍ବଦନ୍ତୀ ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ତାଙ୍କ ଦୀର୍ଘଦିନର ସାଥୀ ଜିଓର୍ଜିନା ରୋଡ୍ରିଗୁଏଜ୍‌ଙ୍କର ନିର୍ବନ୍ଧ ଶେଷ ହୋଇଛି। ୩୧ ବର୍ଷୀୟା ରୋଡ୍ରିଗୁଏଜ ହାତରେ ଏକ ବଡ଼ ହୀରାଖଚିତ ମୁଦିର ଫଟୋ ସହ ଇନ୍‌ଷ୍ଟାଗ୍ରାମରେ ନିର୍ବନ୍ଧ ସମ୍ପର୍କରେ ଘୋଷଣା କରିଛନ୍ତି। ରୋଡ୍ରିଗୁଏଜ ଓ ୪୦ ବର୍ଷୀୟ ରୋନାଲ୍ଡୋଙ୍କର ଦୁଇଟି ଝିଅ ଅଛନ୍ତି। ସେମାନଙ୍କ ବ୍ୟତୀତ ରୋନାଲ୍ଡୋଙ୍କ ୩ ଛୁଆଙ୍କୁ ପାଳିବାରେ ରୋଡ୍ରିଗୁଏଜ୍ ସହାୟତା କରୁଛନ୍ତି। ରୋନାଲ୍ଡୋ ୨୦୧୬ରେ ମାଡ୍ରିଡ୍‌ର ଏକ ଗୁସି ଷ୍ଟୋରରେ ରୋଡ୍ରିଗୁଏଜ୍‌ଙ୍କୁ ଭେଟିଥିଲେ। ପୂର୍ବତନ ରିୟଲ ମାଡ୍ରିଡ୍ ଓ ମାଞ୍ଚେଷ୍ଟର ୟୁନାଇଟେଡ୍ ଖେଳାଳି ଏବେ ସାଉଦି ଆରବରେ ଅଲ-ନାସର କ୍ଲବ ପାଇଁ ଖେଳୁଛନ୍ତି।

# ହରିୟାଣାକୁ ହରାଇ ଝାଡ଼ଖଣ୍ଡ ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଝାଡ଼ଖଣ୍ଡ ଦଳ।

### ଜାତୀୟ ଜୁନିୟର ମହିଳା ହକି

କାକିନାଡା, ୧୨।୮ (ପି.ଟି.)

ଝାଡ଼ଖଣ୍ଡ ଏଠାରେ ଅନୁଷ୍ଠିତ ୧୫ତମ ଜାତୀୟ ଜୁନିୟର ମହିଳା ହକି ଚାମ୍ପିୟନଶିପ ଟାଇଟଲ ବିଜୟୀ ହୋଇଛି। ମଙ୍ଗଳବାର ଅନୁଷ୍ଠିତ ଡିଭିଜନ 'ଏ' ଫାଇନାଲରେ ଦଳ ୨-୧ ଗୋଲ୍‌ରେ ହରିୟାଣାକୁ ପରାସ୍ତ କରିଛି। ଝାଡ଼ଖଣ୍ଡ ତରଫରୁ ପ୍ରଥମ କ୍ୱାର୍ଟରରେ ସ୍ୱିଟି ଡୁଙ୍ଗଡୁଙ୍ଗ୍ (୧୦ମ ମିନିଟ) ଓ ଶାନ୍ତି କୁମାରୀ (୧୨ତମ) ଗୋଲ ସ୍କୋର କରିଥିବା ବେଳେ ହରିୟାଣା ତରଫରୁ କୀଓ ୫୨ତମ ମିନିଟ୍‌ରେ ଏକମାତ୍ର ଗୋଲ୍ ଦେଇଥିଲେ। ଇଭେଣ୍ଟର ଅନ୍ତିମ ଦିବସରେ ପ୍ରଥମେ ୩ୟ ସ୍ଥାନ ପାଇଁ ଖେଳାଯାଇଥିବା ମ୍ୟାଚରେ ଉତ୍ତର ପ୍ରଦେଶ ୨-୦ ଗୋଲ୍‌ରେ ଛତିଶଗଡ଼କୁ ହରାଇ ବ୍ରୋଞ୍ଜ ପଦକ ହାସଲ କରିଛି। ଦଳ ପକ୍ଷରୁ ସୁନୀତା କୁମାରୀ (୧୦ମ) ଓ ମନୀଷା ପଟେଲ (୬୦ତମ) ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

# ଗୁକେଶ ମିଳିତ ତୃତୀୟ

**ସେଣ୍ଟ ଲୁଇସ୍, ୧୨।୮(ପି.ଟି.):** ସେଣ୍ଟ ଲୁଇସ୍ ରାପିଡ୍ ଆଣ୍ଡ ବ୍ଲିଜ୍ ଟୁର୍ନାମେଣ୍ଟର ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ବିଶ୍ୱ ଚାମ୍ପିୟନ ଭାରତର ଡି. ଗୁକେଶ ମିଳିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଓପ୍ନିଂ ରାଉଣ୍ଡରେ ସେ ଆମେରିକାର ଲେଭନ ଆରୋନିଆନଙ୍କ ନିକଟରୁ ହାରିଯିବା ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ଗ୍ରିଗୋରି ଓପାରିନ୍ ଓ ଲିମ୍ ଲି' କ୍ୱାଙ୍ଗ୍‌ଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ସେଣ୍ଟ ଲୁଇସ୍ ରାପିଡ୍ ଆଣ୍ଡ ବ୍ଲିଜ୍ ଟୁର୍ନାମେଣ୍ଟ ହେଉଛି ଗ୍ରାଣ୍ଡ ଚେସ୍ ଟୁର୍‌ର ଏକ ଅଂଶବିଶେଷ। ପ୍ରଥମ ଦିବସରେ ସମ୍ଭାବ୍ୟ ୬ ପଏଣ୍ଟରୁ ଗୁକେଶ ୪ ପଏଣ୍ଟ ଅର୍ଜନ କରିପାରିଛନ୍ତି। ଟୁର୍ନାମେଣ୍ଟରେ ପ୍ରତ୍ୟେକ ରାପିଡ୍ ବିଜୟ ପାଇଁ ଦୁଇ ପଏଣ୍ଟ ବ୍ୟବସ୍ଥା ରହିଥିବାବେଳେ ଆରୋନିଆନ ପ୍ରଥମ ଦିବସରେ ସମସ୍ତ ୩ଟି ଗେମ୍ ଜିତି ଅଗ୍ରଣୀ ଲାଭ କରିଛନ୍ତି। ନିକଟରେ ଲାସ୍‌ଭେଗାସ୍‌ଠାରେ ଅନୁଷ୍ଠିତ ଫ୍ରିଷ୍ଟାଇଲ ଚେସ୍ ଟୁର୍ନାମେଣ୍ଟରେ ସାନି ସଫଳତା ହାସଲ କରି ଫେରିଥିବା ଏହି ଆମେରିକୀୟ ଗ୍ରାଣ୍ଡମାଷ୍ଟର ପରଫେକ୍ଟ ସ୍କୋର ବଜାୟ ରଖି ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଉଜ୍‌ବେକିସ୍ତାନର ନୋଦିରବେକ୍ ଅବଦୁସାତ୍ତୋରଭ ଓ ଫ୍ରାନ୍ସର ମାକ୍ସିମି ଭାଚିର ଲାଗ୍ରେଭଙ୍କୁ ପରାସ୍ତ କରିଥିଲେ। ଆରୋନିଆନ ୬ ପଏଣ୍ଟ ଅର୍ଜନ କରିପାରିଛନ୍ତି। ତାଙ୍କ ଦେଶର ଫାବିଆନୋ କାରୁଆନା ଦୁଇ ବିଜୟ ଓ ଗୋଟିଏ ଡ୍ର ସହ ୫ ପଏଣ୍ଟ ଅର୍ଜନ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଗୁକେଶ ଅନ୍ୟ ଜଣେ ଆମେରିକୀୟ ୱେସ୍ଲି ସୋ'ଙ୍କ ସହ ମିଳିତ ୩ୟ ସ୍ଥାନରେ ଥିବାବେଳେ ଭାଚିର ଲାଗ୍ରେଭ ଓ ଲିନର ବୋମିନ୍‌ଗୁଏଜ୍ ପେରେଜ ମିଳିତ ତୃତୀୟ ହୋଇଛନ୍ତି।

# ବେଙ୍ଗାଲୁରୁ ମ୍ୟାଚ୍ ସ୍ଥାନାନ୍ତର ହେବ

ନୂଆଦିଲ୍ଲୀ, ୧୨।୮

ଆସନ୍ତା ସେପ୍ଟେମ୍ବର ୩୦ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ମହିଳା ଦିନିକିଆ ବିଶ୍ୱକପ୍‌ର ଭେନ୍ୟୁ ତାଲିକାରୁ ବେଙ୍ଗାଲୁରୁ ବାଦ୍ ପଡ଼ିବାକୁ ଯାଉଛି। ଶ୍ରୀଲଙ୍କାର କଲମ୍ବୋ ବ୍ୟତୀତ ଭାରତରେ ଗୌହାଟୀ, ବିଶାଖାପାଟଣା ଓ ଇନ୍ଦୋର ସହିତ ଅନ୍ୟ ଏକ ସହରରେ ବିଶ୍ୱକପ୍ ମ୍ୟାଚ୍ ଆୟୋଜନ କରାଯିବ। ଏ ସମ୍ପର୍କରେ ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ (ଆଇସିସି) ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ ବୋଲି ଆଶା କରାଯାଉଛି। ଥିରୁଭାନନ୍ତପୁରମ କିମ୍ବା ହାଇଦ୍ରାବାଦ୍‌କୁ ଚତୁର୍ଥ ଭେନ୍ୟୁ ଭାବେ ଚୟନ କରାଯାଇପାରେ।


ବେଙ୍ଗାଲୁରୁରେ ହେବାକୁ ଥିବା ମ୍ୟାଚ୍‌କୁ ସ୍ଥାନାନ୍ତର କରାଯିବ ବୋଲି ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ଘୋଷଣା ହୋଇ ନାହିଁ। କିନ୍ତୁ ବିସିସିଆଇ ପକ୍ଷରୁ ଅତିରିକ୍ତ ଦୁଇ ଦିନ ଦିଆଯିବା ସତ୍ତ୍ୱେ କର୍ନାଟକ ରାଜ୍ୟ କ୍ରିକେଟ ଆସୋସିଏଶନ (କେଏସ୍‌ସିଏ) ମ୍ୟାଚ୍ ଆୟୋଜନ ଲାଗି ସ୍ଥାନୀୟ ପୋଲିସଠାରୁ ଅନୁମତି ନେବାରେ ବିଫଳ ହୋଇଛି। ଅନୁମତି ନେବା ଲାଗି ପୂର୍ବରୁ ଅଗଷ୍ଟ ୯ ତାରିଖକୁ ଅନ୍ତିମ ଦିନ ଧାର୍ଯ୍ୟ କରାଯାଇଥିଲା। ପରେ କେଏସ୍‌ସିଏକୁ ସୋମବାର ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା। ସେପ୍ଟେମ୍ବର ୩୦ ତାରିଖରେ ଉଦ୍‌ଘାଟନୀ ମ୍ୟାଚ୍ ସମେତ ୫ଟି ମ୍ୟାଚ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ହେବାର ଥିଲା। କିନ୍ତୁ ଜୁନ ୪ ତାରିଖରେ ଆର୍‌ସିବିର ଭିକ୍ଟ୍ରି ପରେଡ ବେଳେ ଦଳାଚକଟାରେ ୧୧ ପ୍ରଶଂସକଙ୍କ ମୃତ୍ୟୁ ଘଟିବା ପରେ ସହରରେ କ୍ରିକେଟ ମ୍ୟାଚ୍ ଆୟୋଜନ ସଂକ୍ରାନ୍ତରେ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଆପଣେଇଛନ୍ତି।

# ବିନି ବିସିସିଆଇ ସଭାପତି ରହିବେ

**ବେଙ୍ଗାଲୁରୁ, ୧୨।୮ (ପି.ଟି.):** ପୂର୍ବତନ ଅଲ୍‌ରାଉଣ୍ଡର ରୋଜର ବିନି ଗତମାସରେ ୭୦ ବର୍ଷରେ ପାଦ ଦେଇଛନ୍ତି। ହେଲେ ସଂସଦରେ ପାସ୍ ହୋଇଥିବା ଜାତୀୟ କ୍ରୀଡ଼ା ଶାସନ ବିଲ୍ ଅନୁଯାୟୀ, ବିନି ବିସିସିଆଇ ସଭାପତି ଭାବେ କାର୍ଯ୍ୟ ଜାରି ରଖିବେ। ଅତିକମ୍‌ରେ ଆସନ୍ତା ସେପ୍ଟେମ୍ବରରେ ହେବାକୁ ଥିବା ଏଜିଏମ୍ ପର୍ଯ୍ୟନ୍ତ ସେ ଦାୟିତ୍ୱ ତୁଲାଇବେ। ଯଦି ବିସିସିଆଇର ରାଜ୍ୟ ସଦସ୍ୟ ରାଜି ହୁଅନ୍ତି, ତେବେ ବିନି ୭୫ ବର୍ଷ ବୟସ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବେ, ଯାହାକି ଜାତୀୟ କ୍ରୀଡ଼ା ମହାସଂଘର ଅଧିକାରୀଙ୍କ ଲାଗି ନୂଆ କଟ୍-ଅଫ୍ ବୟସ।

# ଇଣ୍ଡିଆନ ନେଭି କ୍ୱାର୍ଟର ଫାଇନାଲରେ

### ଡୁରାଣ୍ଡ କପ୍ ଫୁଟ୍‌ବଲ

ଇମ୍ଫାଲ, ୧୨।୮ (ପି.ଟି.)

ଇଣ୍ଡିଆନ୍ ନେଭି ଫୁଟ୍‌ବଲ ଟିମ୍ ୧୩୪ତମ ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍ 'ଏଫ୍'ର ଏକ ମ୍ୟାଚ୍‌ରେ ବିଳମ୍ବରେ ପିଣ୍ଟୁ ମହାତା ଓ ଶେୟସ ଭି.ଜିଙ୍କ ଗୋଲ୍ ବଳରେ ଦଳ ୨-୧ ଗୋଲ୍‌ରେ ଟ୍ରାଉ(ଟିଡିମ୍ ରୋଡ୍ ଆଥଲେଟିକ୍ ୟୁନିୟନ) ଏଫ୍‌ସିକୁ ପରାସ୍ତ କରିଛି। ଖେଳର ୨୯ତମ ମିନିଟ୍‌ରେ ଟ୍ରାଉ ମୋଇରାଙ୍ଗଥେମ୍ ନେଲସନ ସିଂଙ୍କ ଗୋଲ୍ ଜରିଆରେ ଅଗ୍ରଣୀ ଲାଭ କରିଥିଲା। ୮୭ତମ ମିନିଟ୍‌ରେ ପିଣ୍ଟୁଙ୍କ ଗୋଲ୍ ବଳରେ ଇଣ୍ଡିଆ ନେଭି ମ୍ୟାଚ୍‌କୁ ବରାବର ସ୍ଥିତିକୁ ନେଇଆସିଥିବା ବେଳେ ପିଣ୍ଟୁ ଇଞ୍ଜୁରି ଟାଇମ୍‌ର ୩ୟ ମିନିଟ୍‌ରେ ଆଉ ଏକ ଗୋଲ୍ କରି ଦଳକୁ ବିଜୟୀ କରାଇଥିଲେ। ଏହି ବିଜୟ ଦ୍ୱାରା ଇଣ୍ଡିଆନ ନେଭି ୭ ପଏଣ୍ଟ ସହ ଗ୍ରୁପ୍ 'ଏ' ପଏଣ୍ଟ ଟେବୁଲରେ ରିୟଲ କଶ୍ମୀର ଏଫ୍‌ସି(୬ ପଏଣ୍ଟ) ଆଗରେ ପ୍ରଥମ ସ୍ଥାନରେ ରହିଥିଲା।

# ଦୀପ୍ତି ଶର୍ମା ଦ୍ୱିତୀୟ ସ୍ଥାନକୁ ଉନ୍ନୀତ

ଦୁବାଇ, ୧୨।୮ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ(ଆଇସିସି) ମହିଳା ଟି୨୦ ର୍ୟାଙ୍କିଙ୍ଗ୍ ତାଲିକା ପ୍ରକାଶ ପାଇଛି। ବୋଲିଂ ର୍ୟାଙ୍କିଙ୍ଗ୍‌ରେ ଭାରତର ଦୀପ୍ତି ଶର୍ମା ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହେବା ସହ ପ୍ରଥମ ସ୍ଥାନ ନିକଟତର ହୋଇଛନ୍ତି। ଦୀପ୍ତି ବର୍ତ୍ତମାନ ୭୩୨ ରେଟିଂ ପଏଣ୍ଟ ସହ ପାକିସ୍ତାନର ସାଦିଆ ଇକ୍‌ବାଲଙ୍କ ସହିତ ମିଳିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ଆନାବେଲ୍ ସଦରଲାଣ୍ଡ ପ୍ରଥମଥର ଅନ୍ତର୍ଜାତୀୟ ଟି୨୦ ର୍ୟାଙ୍କିଙ୍ଗ୍ ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିନେଇଛନ୍ତି। ଆୟର୍ଲାଣ୍ଡ ବିପକ୍ଷ ସିରିଜ୍‌ରେ ଇକ୍‌ବାଲ ମାତ୍ର ୩ଟି ଉଇକେଟ ନେଇଥିଲେ। ଫଳରେ ତାଙ୍କୁ ୧ ନମ୍ବର ସ୍ଥାନ ହରାଇବାକୁ ପଡ଼ିଛି। ବ୍ୟାଟର ତାଲିକାରେ ଓପନର ସ୍ମୃତି ମନ୍ଧାନା ଦ୍ୱିତୀୟ ସ୍ଥାନକୁ ଖସିଆସିଛନ୍ତି। ମାର୍ଚ୍ଚରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୪ ଉଇକେଟ ସଫଳତା ପରଠାରୁ ସଦରଲାଣ୍ଡ ଆଉ ଅନ୍ତର୍ଜାତୀୟ ଟି୨୦ ଖେଳିନାହାନ୍ତି। କିନ୍ତୁ ତାଙ୍କ ରେଟିଂ ପଏଣ୍ଟ ଅପରିବର୍ତ୍ତିତ ରହିଛି, କାରଣ ଟପ୍ ର୍ୟାଙ୍କିଙ୍ଗ୍‌ର ନିକଟତର ଥିବା ଗତ ସପ୍ତାହରେ ଭଲ ପ୍ରଦର୍ଶନ କରିପାରି ନ ଥିବାରୁ ସେମାନଙ୍କୁ ର୍ୟାଙ୍କିଙ୍ଗ୍ ପଏଣ୍ଟ ହରାଇବାକୁ ପଡ଼ିଛି। ଅନ୍ତର୍ଜାତୀୟ ଟି୨୦ ଅଲ୍‌ରାଉଣ୍ଡର ର୍ୟାଙ୍କିଙ୍ଗ୍ ତାଲିକାରେ ଦୀପ୍ତି ୩୮୭ ରେଟିଂ ପଏଣ୍ଟ ସହ ୱେଷ୍ଟଇଣ୍ଡିଜ୍‌ର ହେଲି ମାଥ୍ୟୁସ୍(୫୦୫) ଓ ନ୍ୟୁଜିଲାଣ୍ଡର ଆମେଲିଆ କେର୍(୪୩୪)ଙ୍କ ପଛରେ ତୃତୀୟ ସ୍ଥାନରେ ରହିଛନ୍ତି।




# ସୁବ୍ରତ କପ୍ ଫୁଟ୍‌ବଲ ୧୯ରୁ

ନୂଆଦିଲ୍ଲୀ, ୧୨।୮ (ପି.ଟି.)

ଅଗଷ୍ଟ ୧୯ରୁ ୬୪ତମ ସୁବ୍ରତ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଖେଳାଯିବ। ଏଥିରେ ତିନୋଟି କାଟେଗୋରିରେ ୪ ଅନ୍ତର୍ଜାତୀୟ ଦଳ ସହ ମୋଟ ୧୦୬ଟି ଦଳ ଅଂଶଗ୍ରହଣ କରିବେ। ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଖେଳାଳିମାନେ ୩ଟି କାଟେଗୋରି ଯଥା ଜୁନିୟର ବାଳକ(୧୭ ବର୍ଷରୁ କମ୍), ଜୁନିୟର ବାଳିକା(୧୭ ବର୍ଷରୁ କମ୍) ଏବଂ ସବ୍‌ଜୁନିୟର ବାଳକ (୧୫ ବର୍ଷରୁ କମ୍)ରେ ଭାଗନେବେ। ଏୟାରଫୋର୍ସ ସ୍ପୋର୍ଟ୍ସ କଣ୍ଟ୍ରୋଲ ବୋର୍ଡର ତତ୍ତ୍ୱାବଧାନରେ ସୁବ୍ରତ ମୁଖାର୍ଜୀ ସ୍ପୋର୍ଟ୍ସ ଏଜୁକେଶନ ସୋସାଇଟି (ଏସ୍ଏମ୍ଏସ୍ଇଏସ୍) ଦ୍ୱାରା ଆୟୋଜନ କରାଯାଉଥିବା ଏହି ଟୁର୍ନାମେଣ୍ଟ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ଦିଲ୍ଲୀ ଏନ୍‌ସିଆର ଓ ବେଙ୍ଗାଲୁରୁସ୍ଥିତ ଭେନ୍ୟୁଗୁଡ଼ିକରେ ଖେଳାଯିବ। ନେପାଳ ଓ ଶ୍ରୀଲଙ୍କାରୁ ଅନ୍ତର୍ଜାତୀୟ ଦଳଗୁଡ଼ିକ ଭାଗନେବେ ବୋଲି ଏୟାର ମାର୍ଶାଲ ଏସ୍. ଶିବକୁମାର ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ସ୍କୁଲ ପିଲାମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା, ଅଭିଜ୍ଞତା ହାସଲ କରିବା ତଥା ସିନିୟର ସ୍ତର ଫୁଟ୍‌ବଲ ପାଇଁ ପ୍ରସ୍ତୁତ ହେବାଲାଗି ଏକ ଉପଯୁକ୍ତ ପ୍ଲାଟ୍‌ଫର୍ମ। ଏହି ଟୁର୍ନାମେଣ୍ଟରୁ କେତେଜଣ ମନୋନୀତ ଖେଳାଳିଙ୍କୁ ଜର୍ମାନୀରେ ଟ୍ରେନିଂ ସୁଯୋଗ ମିଳିବ। ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଭାରତୀୟ ମହିଳା ଫୁଟ୍‌ବଲର ଡାଲିମା ଛିବର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୨୦୧୧ରେ ଏହି ଟୁର୍ନାମେଣ୍ଟ ଜରିଆରେ ତାଙ୍କ ଫୁଟ୍‌ବଲ କ୍ୟାରିୟର ଯାତ୍ରା ଆରମ୍ଭ ହୋଇଥିଲା। ଆମର ୨୦ ବର୍ଷରୁ କମ୍ ଦଳ ଏସିଆନ୍ କପ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିବାରୁ ଆମେ ଏକ ସୁବର୍ଣ୍ଣ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଛେ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ୧୯୬୦ରେ ପ୍ରଥମକରି ଆୟୋଜିତ ଏହି ଟୁର୍ନାମେଣ୍ଟ ହେଉଛି ଏୟାର ମାର୍ଶାଲ ସୁବ୍ରତ ମୁଖାର୍ଜୀଙ୍କ ଏକ ପରିକଳ୍ପନା। ଭାରତରେ ତୃଣମୂଳସ୍ତରରେ ଫୁଟ୍‌ବଲ ଖେଳର ପ୍ରସାର ତାଙ୍କ ଉଦ୍ଦେଶ୍ୟ ଥିଲା। ପରବର୍ତ୍ତୀ ସମୟରେ ଏହା ଦେଶର ସବୁଠାରୁ ବଡ଼ ଆନ୍ତଃ-ସ୍କୁଲ ଟୁର୍ନାମେଣ୍ଟରେ ପରିଣତ ହୋଇପାରିଛି।



ସୁବ୍ରତ କପ୍ ଫୁଟ୍‌ବଲର ୬୪ତମ ସଂସ୍କରଣ ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏୟାର ମାର୍ଶାଲ ଏସ୍. ଶିବକୁମାର ଏବଂ ଭାରତୀୟ ଫୁଟ୍‌ବଲର ଡାଲିମା ଛିବର।

# ବ୍ରେଭିସ୍‌ଙ୍କ ବିସ୍ଫୋରକ ଶତକ

### ଦ୍ୱିତୀୟ ଟି୨୦ : ଦକ୍ଷିଣ ଆଫ୍ରିକା ଜିତିଲା

ଡାରୱିନ୍, ୧୨।୮

ଡିୱାଲ୍ଡ ବ୍ରେଭିସ୍‌ଙ୍କ ବିସ୍ଫୋରକ ଶତକ ବଳରେ ଅଷ୍ଟ୍ରେଲିଆ ବିପକ୍ଷରେ ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା ୫୩ ରନ୍‌ରେ ଜିତିନେଇଛି। ଏହି ବିଜୟ ସହ ଦକ୍ଷିଣ ଆଫ୍ରିକା ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍‌କୁ ୧-୧ରେ ବରାବର କରିଛି। ଅପରାଜିତ ଶତକୀୟ ଇନିଂସ୍ ଖେଳିଥିବା ବ୍ରେଭିସ୍‌ଙ୍କୁ ପ୍ଲେୟର ଅଫ୍ ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ତୃତୀୟ ତଥା ନିର୍ଣ୍ଣାୟକ ମ୍ୟାଚ୍ ଆସନ୍ତା ୧୬ ତାରିଖରେ କେର୍ନସରେ ଖେଳାଯିବ।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୮ ରନ୍ କରିଥିଲା। ଦଳ ପାଇଁ ବ୍ରେଭିସ୍ ୫୬ ବଲ୍‌ରେ ୧୨ ଚୌକା ଓ ୮ ଛକା ସହିତ ଅପରାଜିତ ୧୨୫ ରନ୍‌ର ପାଳି ଖେଳିଥିଲେ। ଏହା ତାଙ୍କ କ୍ୟାରିୟରର ପ୍ରଥମ ଟି୨୦ ଶତକ ଓ ଏହା ଅନ୍ତର୍ଜାତୀୟ ଟି୨୦ରେ ଦକ୍ଷିଣ ଆଫ୍ରିକୀୟ ବ୍ୟାଟରଙ୍କ ମଧ୍ୟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଅନ୍ୟମାନଙ୍କ ମଧ୍ୟରେ ଟ୍ରିଷ୍ଟାନ ଷ୍ଟବ୍ସ ୩୧ ଓ ଏଡେନ ମାରକ୍ରାମ ୧୮ ରନ୍ କରିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ଗ୍ଲେନ ମ୍ୟାକ୍ସୱେଲ ଓ ବେନ ଡ୍ୱାରଶୁଇସ୍ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୭.୪ ଓଭରରେ ୧୬୫ ରନ୍ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ଲାଗି ଟିମ୍ ଡେଭିଡ୍ ୫୦(୪ ଲେଖାଏ ଚୌକା ଓ ଛକା), ଆଲେକ୍ସ କାରେ ୨୬ (୩ ଚୌକା) ଓ ଅଧିନାୟକ ମିଚେଲ ମାର୍ଶ ୨୨(୨ ଚୌକା ଓ ୧ ଛକା) ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ କ୍ୱେନା ମାଫାକା ଓ କର୍ବିନ ବୋଶ୍ଚ ୩ ଲେଖାଏ ଉଇକେଟ ହାତେଇଥିଲେ। ଅନ୍ତର୍ଜାତୀୟ ଟି୨୦ କ୍ରିକେଟ୍‌ରେ ଏହା ଅଷ୍ଟ୍ରେଲିଆ ପାଇଁ ଦ୍ୱିତୀୟ ସର୍ବବୃହତ୍ ପରାଜୟ। ଏହି ପରାଜୟ ପରେ ଗତ ୯ ମ୍ୟାଚ୍‌ରେ ଚାଲିଆସିଥିବା ଅଷ୍ଟ୍ରେଲିଆର ବିଜୟଧାରା ଭଙ୍ଗ ହୋଇଯାଇଛି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା: ୨୦ ଓଭରରେ ୨୧୮/୭(ଡିୱାଲ୍ଡ ବ୍ରେଭିସ-୧୨୫*, ଟ୍ରିଷ୍ଟାନ ଷ୍ଟବ୍ସ-୩୧, ବେନ ଡ୍ୱାରଶୁଇସ-୨/୨୪, ଗ୍ଲେନ ମ୍ୟାକ୍ସୱେଲ-୨/୪୪)। ଅଷ୍ଟ୍ରେଲିଆ: ୧୭.୪ ଓଭରରେ ୧୬୫/ଅଲଆଉଟ୍ (ଟିମ୍ ଡେଭିଡ୍-୫୦, ଆଲେକ୍ସ କାରେ-୨୬, କର୍ବିନ ବୋଶ୍ଚ-୩/୨୦, କ୍ୱେନା ମାଫାକା-୩/୫୭)।


ଅପରାଜିତ ଶତକୀୟ ଇନିଂସ୍ ଅବସରରେ ଡିୱାଲ୍ଡ ବ୍ରେଭିସ୍।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




**SHOWROOMS: ODISHA:** RENAULT **BHUBANESWAR** Ph: 8860076082, RENAULT **BHUBANESWAR CENTRAL** Ph: 7428190232. RENAULT **BHAWANIPATNA** Ph: 9438395880. RENAULT **CUTTACK** Ph: 9311772648. RENAULT **JEYPORE** Ph: 9311596618. RENAULT **SAMBALPUR** Ph: 8448890323.